

# ମ ଲ ୟ

ମାସିକ ଉପନ୍ୟାସ ସିରଜ୍

# ମଳୟ

ମାସିକ ଉପନ୍ୟାସ ପତ୍ରିକା

୧ମ ବର୍ଷ: ୨ୟ ସଂଖ୍ୟା: ନଭେମ୍ବର, ୧୯୫୯: ୭୫ ନୂ: ପ:


## ଲେଖକମାନଙ୍କ ଦୁର୍ଦ୍ଦଶା

ବିଂଶ ଶତାବ୍ଦୀରେ ଆମ ଓଡ଼ିଶାର ଲେଖକ ମାନଙ୍କ ଆର୍ଥିକ ଦୁର୍ଦ୍ଦଶା ଦେଖିଲେ ଆମେ ଯେ ପୃଥିବୀର ଅନ୍ୟାନ୍ୟ ଦେଶ ଅପେକ୍ଷା କେତେ ପଛରେ ପଡ଼ିଛୁ ତାହା ସହଜରେ ବୁଝି ହୁଏ । ପୃଥିବୀର ଅନ୍ୟାନ୍ୟ ଦେଶ କଥା ଛାଡ଼, ଭାରତର ଅନ୍ୟାନ୍ୟ ପ୍ରଦେଶ ସହିତ ମଧ୍ୟ ଆମେ ଏ ପର୍ଯ୍ୟନ୍ତ ସମାନ ହୋଇ ପାରି ନାହୁଁ । କେରଳର ଜଣେ ଲେଖକ ଖଣ୍ଡେ ଅତିରିକ୍ତ ପାଠ୍ୟପୁସ୍ତକ ଲେଖି ପଚିଶହଜାର ଟଙ୍କା ବର୍ଷକ ମଧ୍ୟରେ ପାଇଛନ୍ତି ବୋଲି ସଂବାଦରୁ ପ୍ରକାଶ । କେରଳ ସହିତ ଓଡ଼ିଶାକୁ ତ ତୁଳନା କରିଯାଇ ପାରେନା ! ଆମ ଓଡ଼ିଶାରେ ଏ ପର୍ଯ୍ୟନ୍ତ କେବଳ ଲେଖା ଉପରେ ନିର୍ଭର କରି କୌଣସି ଲେଖକ ରହିପାରି ନାହାନ୍ତି ଜୀବନର ଅପରିହାର୍ଯ୍ୟ ଆବଶ୍ୟକତା ପାଇଁ କୌଣସି ଅନ୍ୟପନ୍ଥା ଉପରେ ନିର୍ଭର କରନ୍ତି । ଓଡ଼ିଶାରେ ସାହିତ୍ୟ ଏକାଡେମୀ ସ୍ଥାପିତ ହୋଇଛି । ପ୍ରତିବର୍ଷ ନୂଆ ନୂଆ ସ୍କୁଲ କଲେଜ ଖୋଲୁଛି । ହଜାର ହଜାର ଶିକ୍ଷିତ ଯୁବକ ସେହି ସବୁ ଶିକ୍ଷାନୁଷ୍ଠାନ ପ୍ରତିବର୍ଷ ଉତ୍ତୀର୍ଣ୍ଣ ହେଉଛନ୍ତି । ତଥାପି ଓଡ଼ିଆ ଲେଖକ ଆଜି ଦାରିଦ୍ର୍ୟରେ ଜର୍ଜରିତ । ଅଭାବ ଅନାଟନରେ ସର୍ବଦା ନିଷ୍ପେଷିତ । ଏପରି ପରିସ୍ଥିତିରେ ଆମ ଦେଶର ସାହିତ୍ୟିକ ମାନଙ୍କ ଠାରୁ ସର୍ବଦା ଉତ୍ତମ ସାହିତ୍ୟ ଦାବୀ କରିବା କେବଳ ନିଜର ମୂର୍ଖତା ହେବ ।

— × —

# ମ ନ ସୁ

ମାସିକ ଉପନ୍ୟାସ ପତ୍ରିକା

୧ମ ବର୍ଷ ॰ ୨ୟ ସଂଖ୍ୟା ॰ ନଭେମ୍ବର, ୧୯୫୯ ॰ ୭୫ ନୂ: ପ:


## ଲେଖକମାନଙ୍କ ଦୁର୍ଦ୍ଦଶା

ବିଂଶ ଶତାବ୍ଦୀରେ ଆମ ଓଡ଼ିଶାର ଲେଖକ ମାନଙ୍କ ଆର୍ଥିକ ଦୁର୍ଦ୍ଦଶା ଦେଖିଲେ ଆମେ ଯେ ପୃଥିବୀର ଅନାନ୍ୟ ଦେଶ ଅପେକ୍ଷା କେତେ ପଛରେ ପଡ଼ିଛୁ ତାହା ସହଜରେ ବୁଝି ଯାଏ । ପୃଥିବୀର ଅନାନ୍ୟ ଦେଶ କଥା ଛାଡ଼, ଭାରତର ଅନାନ୍ୟ ପ୍ରଦେଶ ସହିତ ମଧ୍ୟ ଆମେ ଏ ପର୍ଯ୍ୟନ୍ତ ସମାନ ହୋଇ ପାରି ନାହୁଁ । କେରଳର ଜଣେ ଲେଖକ ଖଣ୍ଡେ ଅତିବିକ୍ରି ପାଠ୍ୟପୁସ୍ତକ ଲେଖି ପଚିଶହଜାର ଟଙ୍କା ବର୍ଷକ ମଧ୍ୟରେ ପାଇଛନ୍ତି ବୋଲି ସଂବାଦରୁ ପ୍ରକାଶ । କେରଳ ସହିତ ଓଡ଼ିଶାକୁତ ତୁଳନା କରିଯାଇ ପାରେନା । ଆମ ଓଡ଼ିଶାରେ ଏ ପର୍ଯ୍ୟନ୍ତ କେବଳ ଲେଖା ଉପରେ ନିର୍ଭର କରି କୌଣସି ଲେଖକ ରହିପାରି ନାହାନ୍ତି ଜୀବନର ଅପରିହାର୍ଯ୍ୟଆବଶ୍ୟକତା ପାଇଁ କୌଣସି ଅନ୍ୟପନ୍ଥା ଉପରେ ନିର୍ଭର କରିଛନ୍ତି । ଓଡ଼ିଶାରେ ସାହିତ୍ୟ ଏକାଡେମୀ ସ୍ଥାପିତ ହୋଇଛି । ପ୍ରତିବର୍ଷ ନୂଆ ନୂଆ ସ୍କୁଲ କଲେଜ ଖୋଲୁଛି । ହଜାର ହଜାର ଶିକ୍ଷିତ ଯୁବକ ସେହି ସବୁ ଶିକ୍ଷାନୁଷ୍ଠାନରୁ ପ୍ରତିବର୍ଷ ଉତ୍ତୀର୍ଣ୍ଣ ହେଉଛନ୍ତି । ତଥାପି ଓଡ଼ିଆ ଲେଖକ ଆଜି ଦାରିଦ୍ର୍ୟରେ ଜର୍ଜରିତ । ଅଭାବ ଅନାଟନରେ ସର୍ବଦା ନିସ୍ପେଷିତ । ଏପରି ପରିସ୍ଥିତିରେ ଆମ ଦେଶର ସାହିତ୍ୟିକ ମାନଙ୍କ ଠାରୁ ସର୍ବଦା ଉତ୍ତମ ସାହିତ୍ୟ ଦାବୀ କରିବା କେବଳ ନିଜର ମୂର୍ଖତା ହେବ ।

— X —

## ସମସ୍ତଙ୍କର ଜାଣିବାପାଇଁ

୧- ମଳୟ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶ ପାଏ ।

୨- ମଳୟର ବାର୍ଷିକ ଚାନ୍ଦା ଟ୮ ଷାଣ୍ମାସିକ ଟ୪ ଓ ପ୍ରତି ଖଣ୍ଡ ଟ୦.୭୫

୩- ମଳୟରେ ପ୍ରତ୍ୟେକ ପ୍ରକାର ଉପନ୍ୟାସ ସ୍ଥାନ ପାଏ ।

୪- ଦେଢ଼ ପୃଷ୍ଠା ଭିତରେ ଥିବା ଉପନ୍ୟାସ ମଳୟରେ ପ୍ରକାଶ ପାଇଁ ଗ୍ରହଣ କରାଯାଏ ।

୫- ଏଜେଣ୍ଟ ମାନେ ଅନ୍ୟୁନ ଦଶଖଣ୍ଡ କପି ନେବେ ।

୬- ଏଜେଣ୍ଟ ମାନଙ୍କୁ ଶତକଡ଼ା ୨୫ କମିସନ ମିଳେ ।

୭- ଖଣ୍ଡପିଛା ବାରଅଣା ଜମାଦେଲେ ଏଜେନ୍ସି ଦିଆଯାଏ ।

୮- ଏଜେଣ୍ଟ ମାନେ ପ୍ରତିମାସର ବିକ୍ରୟ ଦେୟ କମିସନ ବାଦ ଉକ୍ତ ମାସର ୨୫ତାରିଖ ସୁଦ୍ଧା ନ ପଠାଇଲେ ପରବର୍ତ୍ତୀ ସଂଖ୍ୟା ପଠା ଯାଏ ନାହିଁ ।

୯- ଯେଉଁ ଏଜେଣ୍ଟମାନେ ରେଲରେ ମଗାଇ ବାକୁ ଚାହାନ୍ତି ସେମାନେ ନିକଟବର୍ତ୍ତୀ ଷ୍ଟେସନର ନାମ ଲେଖିବା ଦରକାର ।

—ଯୋଗାଯୋଗ—

ମଳୟ ପ୍ରକାଶନୀ
C/o- ସାହିତ୍ୟ ସଂସାର
ବାଙ୍କାବଜାର, କଟକ ୨


ଆଗାମୀ ସଂଖ୍ୟାରେ ପ୍ରକାଶ ପାଉଛି

—ରାହୁ—

ଲେଖକ- ବଳରାମ ମିଶ୍ର

## ପ୍ରକାଶ ପାଇଲା

ଓଡ଼ିଶାର ଲକ୍ଷ ଲକ୍ଷ ଓଡ଼ିଆ ଭାଇ ଭଉଣୀମାନଙ୍କ ନିକଟକୁ ହସ ଓ ଅଶ୍ରୁ ବହନ କରି ତରୁଣ କଥାଶିଳ୍ପୀ ମହେନ୍ଦ୍ରକୁମାର ବେହେରାଙ୍କର ଭାଷା ଗୁଞ୍ଜରଣ ଉଚ୍ଛୁଳାଇ ଆଣିଛି କିଏ ? ? ?

# ଆସିଥିଲା ଅଭିମାନିନୀ

ବୁଝନ୍ତୁ ତ, ଆପଣ କ'ଣ ତାକୁ ସ୍ୱାଗତ କରିବେନି !

ମୂଲ୍ୟ — ଦୁଇ ଟଙ୍କା ।

ପ୍ରାପ୍ତିସ୍ଥାନ—ସାହିତ୍ୟସଂସାର

ବାଙ୍କାବଜାର, କଟକ - ୨

---

ପ୍ରକାଶ ପାଉଛି

# "ଡିଟେକ୍ଟିଭ"

ଏକମାତ୍ର ଓଡ଼ିଆ ମାସିକ ରୋମାଞ୍ଚ

ପ୍ରଥମ ସଂଖ୍ୟା — ଆସନ୍ତା

ଏଜେଣ୍ଟମାନେ ଶୀଘ୍ର ଯୋଗାଯୋଗ କରନ୍ତୁ

ବର୍ଷକୁ ଟ ୮, ଛ'ମାସକୁ ଟ ୪, ତିନିମାସକୁ ଟ ୨. ୨୫ ନ.ପ

ପ୍ରତି ଖଣ୍ଡ ବାରଅଣା

ପ୍ରାପ୍ତିସ୍ଥାନ:— "ଡିଟେକ୍ଟିଭ"

କଳାକୋଣିଆ ଗଳି, କଟକ-୨

## ନୂତନ ସଂସ୍କରଣ ପ୍ରକାଶ ପାଇଲା

### ଅନୁସନ୍ଧାନ କରନ୍ତୁ

### ଭକ୍ତକବି ୰ବଳରାମ ଦାସଙ୍କର

# ବାଲ୍ମୀକି-ରାମାୟଣ

ଶ୍ରୀ ଗୁଣ୍ଡିଚୁ ଘୁଞ୍ଚି ଶ୍ରୀ ଜଗନ୍ନାଥେ, ଭଜେ ବଳଦାସ ବାଲୁକା ରଥେ

ଭକ୍ତ କବି ୰ ବଳରାମ ଦାସଙ୍କ ପରିଚୟ ଅନାବଶ୍ୟକ, ପାଞ୍ଚଶବର୍ଷ ତଳେ ଏହି ଲେଖକଙ୍କର ବାଲ୍ମୀକି-ରାମାୟଣର ଜନ୍ମ । ଏହା ପୋଥି ରୂପରେ ଓଡ଼ିଶାର ପ୍ରତି ପୁରପଲ୍ଲିରେ ପ୍ରତି ଘରେ ଘରେ ପରିଚିତ । ଏହାକୁ ତାଳପତ୍ର ପୋଥି ସଙ୍ଗେ ମିଳାଇଲେ ବୁଝି ପାରିବେ । ଏଥିରୁ ୧୫୦୦ ଶତାବ୍ଦୀର ଓଡ଼ିଶାର ଦର୍ଶନ, ସମାଜ ଓ ଲେଖକଙ୍କର ଅପୂର୍ବ ପଣ୍ଡିତ୍ୟ ପରିଚୟ ଜାଣି ପାରିବେ, ଏହା ପ୍ରତ୍ୟେକ ଓଡ଼ିଆର ଆଦର ଗ୍ରନ୍ଥ ।

ତିନିରଙ୍ଗ ବିଶିଷ୍ଟ କଭର ଓ ଛବି ବହୁଳ ସମ୍ପୂର୍ଣ୍ଣ

୧ ସେଟ (ସାତଖଣ୍ଡ)ର ମୂଲ୍ୟ ଟ ୨୦୲(କୋଡ଼ିଏ ଟଙ୍କା)

ଲାଇବ୍ରେରୀ, ସ୍କୁଲ, କଲେଜ, ଓ ସମସ୍ତ ବ୍ୟବସାୟୀ ମାନଙ୍କୁ ଉଚିତ କମିଶନ ଦିଆଯାଏ ।

ଅଗ୍ରିମସହ ଅର୍ଡର ପଠାନ୍ତୁ

## ଶ୍ରୀ ଶ୍ରୀ ନିତ୍ୟାନନ୍ଦ ପୁସ୍ତକାଳୟ

ବାଲୁବଜାର କଟକ ୨

ଏହାଛଡ଼ା ଓଡ଼ିଶାର ସମସ୍ତ ବହି ଦୋକାନ ଓ କଲିକତାର ଓଡ଼ିଆ ବହି ଦୋକାନରେ ମିଳେ ।

## ଉପନ୍ୟାସ ଜଗତର ଚାଞ୍ଚଲ୍ୟକାରୀ ପୁସ୍ତକାବଳୀ

| | | |
|---|---|---|
| ଲଭଲି ଲେଡି | (ରଣଜିତ) | ଟ ୩ ( |
| ବାସର ଶେଯ | „ | ଟ ୩ ( |
| ଅଭିମାନ | (ବିଭୂତି) | ଟ ୧ ୱ |
| ମଧୁରାତି | (ଅନନ୍ତ) | ଟ ୧ ୱ |
| ରୂପର ଅତିଥି | (ମାୟାଧର) | ଟ ୧ ୱ |
| ପୁନର୍ମିଳନ | (ସୁରେନ୍ଦ୍ର) | ଟ ୧ ଏ |
| ମହୁଆ | (ନିକୁଞ୍ଜ) | ଟ ୧ ୱ |
| ପ୍ରୀତିର ମୁକ୍ତାବଳୀ | (ପ୍ରସନ୍ନ) | ଟ ୧ ୱ |
| ବନ କେତକୀ | (କଲ୍ପନା କୁମାରୀ) | ଟ ୧ ୱ |

**ଡିଟେକ୍ଟିଭ୍ଃ**

| | |
|---|---|
| ମିଷ୍ଟର ଏକ୍ସ | ଟ ୧ ୱ |
| ରଙ୍ଗ କୋଠିର ରହସ୍ୟ | ଟ ୧ ଏ |
| ସୁନ୍ଦରବନର ଦସ୍ୟୁ | ଟ ୧ । |
| ମୌନୀ ପାହାଡର ବନ୍ଦିକା | ଟ ୧ ଏ |
| ହାଇଦ୍ରାବାଦର ଷଡ଼ଯନ୍ତ୍ର | ଟ ୧ । |
| ବ୍ଲଡ ଅର୍ଡର | ଟ ୧ ୱ |
| ମୃତ୍ୟୁଦୂତ | ଟ ୧ ୱ |

**ନାଟକଃ**

| | | |
|---|---|---|
| କର୍ଣ୍ଣାର୍ଜୁନ | | ଟ ୨ ( |
| ଦାନବୀର ହରିଶ୍ଚନ୍ଦ୍ର | | ଟ ୨ ( |
| ନୂଆ ଜୀବନ | (ଧର୍ମାନନ୍ଦ) | ଟ ୧ ଏ |
| ଚଉଠିଘର | ( ” ) | ଟ ୨ ( |

**ଓଡ଼ିଶା ଜଗନ୍ନାଥ କମ୍ପାନୀ**

ବାଲୁବଜାର କଟକ—୨

ପ୍ରତ୍ୟେକ ପାଠକଙ୍କୁ ମୁଗ୍ଧକରିବ

ପ୍ରତ୍ୟେକ ପାଠାଗାରକୁ ସମୃଦ୍ଧକରିବ

| | | |
|---|---|---|
| ମଲ୍ଲ ନଈ | (ବିଶ୍ୱନାଥ) | ଟ ୧ । |
| ସମାନ୍ତର | (ଦଶରଥ) | ଟ ୧ । |
| ନାଭଜ | (ଅବନୀ) | ଟ ୦ ୫୦ |
| ଶିକାର ଓ ଅନ୍ୟାନ୍ୟ ଗଳ୍ପ | | ଟ ୧ । |
| ସ୍ୱର୍ଗରୁ ଝିଏ | (ଅନୁବାଦ) | ଟ ୧ । |
| ଉପେକ୍ଷ | (ବସାଦ) | ଟ ୨ । |
| ସୀମାନ୍ତ | (ରାମ ପ୍ରସାଦ) | ଟ ୦ ୫ |

ବି: ଦ୍ର:— ଦୀପାବଳୀ ପାଇଁ ସାଧାରଣ ପାଠକଙ୍କୁ ଓ ପାଠାଗାର ମାନଙ୍କୁ ଶତକଡ଼ା ୨୫ କମିଶନ ଦିଆଯିବ ।

ଆଧୁନିକ ପ୍ରକାଶନୀ

ଦୋଳମୁଣ୍ଡାଇ କଟକ ୧

---

ସମ୍ପୂର୍ଣ୍ଣ ନୂତନଧରଣର ରହସ୍ୟ ଉପନ୍ୟାସ

# ସାଗର ତଳର ଦସ୍ୟୁ

## ଆପଣଙ୍କୁ ଓ ଆପଣଙ୍କ ପ୍ରିୟଜନମାନଙ୍କୁ

ନିଶ୍ଚୟ ମୁଗ୍ଧ କରିବ

— ପ୍ରକାଶକ —

* ସାହିତ୍ୟସଂସାର *

ଚାକାବଜାର କଟକ

# କାନ୍ତା

ଶ୍ରୀନିବାସ ଉଦ୍‌ଗାତା

କାନ୍ତା କହୁଥିଲା···'ଦେଖନ୍ତୁ ଆପଣ ଆସିବେ ନିଶ୍ଚୟ ଯେପରି ହେଉ ନିଶ୍ଚୟ ଆସିବେ । ମୁଁ ଆପଣଙ୍କର ପ୍ରତୀକ୍ଷାରେ ଅସନ୍ତା କାଲି ସାରାଦିନ ଥିବି ।'

'କିନ୍ତୁ କାନ୍ତା ! ବିନା କାମରେ ମୁଁ ଯେ କୌଣସି ଘରକୁ ଯାଏନି—ନିଜର ଆତ୍ମୀୟ ସ୍ୱଜନଙ୍କର ଘରକୁ ତ ମୋଟେଇ ନୁହେଁ', ସୁବୋଧ ଅସାଧାରଣ ଭାବେ ଗଂଭୀର ହୋଇ କହୁଥିଲା ।

'କାରଣ ?'

'କାରଣ, ମୁଁ କାହାକୁ କିଛି ଭାବିବାକୁ ସୁଯୋଗ ଦେବାକୁ ଏକାନ୍ତ ଅସମର୍ଥ···ବିନ୍ଦୁର ଭିତରେ ସିନ୍ଧୁର ଦର୍ଶନ କରିବାର ମଣିଷ ଏ ସଂସାରରେ କମ୍ ନାହାଁନ୍ତି···' ।

'ମୋଟେ ନୁହେଁ । ଆପଣଙ୍କର କଥାରେ ମୁଁ ମୋଟେ ଏକମତ ହୋଇ ପାରିବି ନାହିଁ । ତା' ହେଲେ ତ ଏ ସଂସାର ସାରା କବି ପାଲଟି ଯିବେ···। ହସି ହସି ଉତ୍ତର ଦେଲା କାନ୍ତ ।

ରୂପ ଗୁଣର ମୁଗ୍ଧ ତାରକା ଏଇ କାନ୍ତା ! ନୀଳ ଗହନ ଦୁଇଟି ଭୂରୁରେ କୋଣାର୍କର ଗୁଢ଼ସ୍ୟ ରହସ୍ୟ ଯେମିତି । ତାରି ତଳେ ଶାନ୍ତ-ଚପଳ ଦୁଇଟି ଟଳଟଳ କଜଳ କଳାଡୋଳା—ସେଥିରେ ସତେ ଯେପରି ଭରି ରହିଛି ସାଗରର ପ୍ରଶାନ୍ତି······ । କୋମଳ ଅରୁଣ ଅଧର ତଳେ ସ୍ମିତ ହାସ୍ୟର ମୋହମୟୀ ତରଙ୍ଗ

…କାନ୍ତା…କେବଳ ସେ ତା'ର ଅଧର ହସେ ନାହିଁ—ତା'ର ଦୁଇଟି ନୀଳ ନୟନ ବି ସତେ ଯେପରି ହସିଉଠେ—ସାରା ଦେହରେ ସତେ ଯେପରି ହସର ଜୁଆର ଉଠେ—ସେ ହସରେ କିନ୍ତୁ ପ୍ରଗଲ୍‌ଭତା ମୋଟେଇ ନାହିଁ । ସୁନ୍ଦର ଜ୍ୟୋତ୍ସ୍ନା ପରି ବିମଳ ଅମ୍ଳାନମୟ ସତେ ଯେପରି ସେଇ ହସର ଲାବଣ୍ୟ ।……

"ତୁମେ କୌଣସି କଥା ବୁଝି ପାରୁନ କାନ୍ତା । କ'ଣ ଦରକାର ଅଛି ମୋର କହତ ?"

ସାମନାରେ ମହାନଦୀର କ୍ଷୀଣ ଧାରା…ଧୀରେ ଧୀରେ ସନ୍ଧ୍ୟା ନେଇ ଆସୁଚି । ହୀରାକୁଦର ଅଲୋକ ମାଳା ଜଳି ଉଠିଲାଣି ସନ୍ ସନ୍ ଶୀତଳ ପବନ ସତେ ଯେପରି ତନୁମନରେ ପୁଲକ ଜଗାଉଛି…ତଳେ ସୁବିସ୍ତୀର୍ଣ୍ଣ ବାଲି ଶେଯ । ଉପରେ ଆକାଶ… ସେଇ ଆକାଶର ଗହନ ନୀଳିମାରେ ସୁନ୍ଦର ଦେଖା ଯାଉଛନ୍ତି ଅଳ୍ପ କେତୋଟି ନକ୍ଷତ୍ର ସୁନ୍ଦର ତାରା…କାନ୍ତା ଅନେକ ସମୟ ନୀରବ ରହୁଥିଲା; ଏପରି ଭାବରେ କହୁଥିଲା, ସୁବୋଧର ମନେହେଲା ଯେପରି ତାର ଉତ୍ତରରେ କାନ୍ତାର କୋମଳ ହୃଦୟ କରୁଣ ଆର୍ତ୍ତନାଦ କରି ଉଠିଛି ।

ଯା'ର ସିନ୍ଧୁ ଦର୍ଶନ କରିବାର ଅଛି କରୁ । ଆପଣ କିନ୍ତୁ ନିଶ୍ଚୟ ଆସିବେ ।—ଅପଣ ଆସନ୍ତି ନାହିଁ—ମୋତେ କେତେ ଯେ"… ଘଣ୍ଟାଏ ନୀରବ ହୋଇ ଯାଉଥିଲା ସେ · ସମ୍ପୂର୍ଣ୍ଣ ଅଲକ୍ଷରେ ଅବଶ୍ୟ…ସ୍ୱଳ୍ପ ସମୟ ପରେ କହୁଥିଲା…… "…କେତେ ଯେ ଖରାପ ଲାଗେ…।"

ମୁଗ୍ଧ ହେଲା ସୁବୋଧ…ଅନ୍ତର କୋଣରେ ତା'ର ପରିତୃପ୍ତିର ଏକ ଲୋଭନୀୟ ହସ ଫୁଟି ଉଠୁଥିଲା… ସ୍ନେହମିଶା କଣ୍ଠରେ ସେ କହୁଥିଲା —

ତମ ଘରକୁ ନ ଗଲୁନାହିଁ । କିନ୍ତୁ ତମର ଉପସ୍ଥିତ ଥିବା କାଗଜରେ ତ ଅନେକ ଥର ପଢ଼ିଥିଛୁ ? ଚାହିଁ କେବେହେଲେ ତ ତମର ଭାବ ମୁଦ୍ରାରେ କୌଣସି ପରିବର୍ତ୍ତନ ଦେଖିନି······ ଯେତେବେଳେ ଦେଖ ସଦା ହସ ହସ ମୁହଁଟି······"

'ଆହା ହା··· ଖୁସିର ପ୍ରଦର୍ଶନ ସ୍ୱରୂପ ମଣିଷ ନାଚିବ ନା କ'ଣ ?" ମଝିରେ ବାଧାଦେଇ କହୁଥିଲା କାନ୍ତା······ । ସୁବୋଧ ନୀରବ ଥିଲା । ଦାବୀ ଓ ଅନୁରୋଧ ଉଭୟ ମିଶେଇ କାନ୍ତା କହୁଥିଲା

"ଆସିବେ, ନା ? ···ନିଶ୍ଚୟ ଆସିବେ ।"

"ବୁଝିଲ କାନ୍ତା ? ······ଏଇ ଅଳ୍ପଦିନ ଭିତରେ ତମର ରେଜଲ୍ଟ ବାହାରୁଛି······ତା' ପରେ ପରେ ଯିବି ଯେ ବେଶ୍ ଖାଇପିଇ ଆସିବି ।"

"ହଁ ଆପଣଙ୍କ ଲାଗି ଏମିତି ପଡ଼ୁଛି ଯେ···ସ୍ୱୟଂ ସରସ୍ୱତୀ ବି ସେମିତି ପଢ଼ାରେ ପାଶ୍ କରି ପାରିବେ ନାହିଁ ।"

"ମୁଁ କ'ଣ କଲି କି ? ···ସୁବୋଧ ପଚାରୁଥିଲା ।

କେଜାଣି କଣ ଭାବି କହିଦେଇଥିଲା କାନ୍ତା··· । ସୁବୋଧ ଏ ପ୍ରଶ୍ନରେ ବଡ଼ ଅପ୍ରତିଭ ହୋଇ ପଡ଼ୁଥିଲା ନିଶ୍ଚୟ । ଲାଜରେ କେଜାଣି କାହିଁକି ତା'ର ସୁନ୍ଦର ନୟନ ବେଶି ନଇଁ ଆସୁଥିଲା । ବାଲି ଉପରେ ଏଣୁ ତେଣୁ ଗାର ଟାଣୁ ଟାଣୁ ଅତି କୋମଳ ଗଳାରେ କହୁଥିଲା—

"ସତରେ ଆପଣ ଆସିବେ ନାଇଁ ?"···

ସୁବୋଧ କିଛି କହି ପାରୁ ନଥିଲା; ଗଭୀର ପରିତୃପ୍ତିରେ, ଅଜସ୍ର ଆନନ୍ଦରେ କଣ୍ଠ ତାର ବାଷ୍ପରୁଦ୍ଧ ହୋଇ ଯାଉଥିଲା···ସେ କହୁଥିଲା—

"ଏ ଅଭାଗାକୁ ଏତେ ଅଯାଚିତ ସ୍ନେହ କାହିଁକି ଦେଉଛ କାନ୍ତା ?"

× × ×

କାନ୍ତା, ଖ୍ୟାତ ଓକିଲ ଶ୍ରୀହରମୋହନ ଦାସଙ୍କର ଏକମାତ୍ର କନ୍ୟା । ପିଲାଟିଦିନରୁ ମାତୃହୀନା । ମାଆ ଓ ବାପା ଉଭୟଙ୍କର ସ୍ନେହ ପାଇଛି ସେ ବାପାଙ୍କ ଠାରୁ । ବୃଦ୍ଧ ହରମୋହନଙ୍କର ଏକମାତ୍ର ଆନନ୍ଦ କାନ୍ତା··· ସତେ ଯେପରି ସେ ତା'ର ହସିଲା ଓଠର ହସନ୍ତ । ଦୀର୍ଘ ଏଗାର ବର୍ଷର ବିବାହିତ ଜୀବନପରେ କାନ୍ତାର ଜନ୍ମ । ତା'ର ବରଷେ ନପୂରୁଣୁ ପତ୍ନୀ ବିୟୋଗର ବେଦନା ମର୍ମାହତ କରିଥିଲା ହର ମୋହନ ବାବୁଙ୍କୁ··· । ଏକମାତ୍ର କାନ୍ତା··· ନିଷ୍କପଟ ସରଳ ତା'ର ଚପଳ ହସ ସତେ ଯେପରି ଯଥେଷ୍ଟ ସାନ୍ତ୍ୱନା ଦେଇଥିଲା ତାଙ୍କୁ··· ବଂଚେଇ ରଖିଥିଲା ଯେମିତି । ଏ ଯାଏଁ ତା'ର ଶିଶୁ ସୁଲଭ ଚପଳତା ଯାଇନି । ବାପାଙ୍କ ପାଖରେ ଛୋଟ ଛୋଟ କଥାରେ ଅଭିମାନ କରିବା; କୌଣସି କଥାରେ ହଠାତ୍ ଆଖି ଲୁହରେ ଛଳ ଛଳ କରିଦେବା କାନ୍ତା ପାଖରେ ବର୍ତ୍ତମାନବି ସ୍ୱାଭାବିକ ।···ସୁନ୍ଦର ଶାଢ଼ୀ କେତୋଟି ଆଜି ଦେଖିଛି କାନ୍ତା··· ସୁନ୍ଦର ସୁନ୍ଦର ଅନେକ ଗୁଡ଼ିଏ ଖେଳନା ଆଜି ପସନ୍ଦ କରିଛି ସେ; ଘର ସଜେଇବାକୁ ତା'ର ଅସୀମ ଆଗ୍ରହ । ଏବର୍ଷ ପୂଜାଛୁଟିରେ କୌଣସି ମତେ କଲିକତା ଯିବାକୁ ହେବ··· ଏଇ କେତ ଦିନରେ ଶ୍ରୀ ନଗର ଯାତ୍ରା ନିଶ୍ଚୟ ଉପଭୋଗ୍ୟ ହେବ··· ଏଧରଣର ବିଚିତ୍ର ସ୍ପୃହା କାନ୍ତାର··· କୌଣସି କଥାରେ ବାଧା ଦିଅନ୍ତି ନାହିଁ ହରମୋହନ ବାବୁ !

କାନ୍ତା···ବଡ଼ ହେବ, ତାକୁତ ବିବାହ କରିବାକୁ ହେବ ? ପୁଅ ନୁହେଁ —ଝିଅ ସେ, ଏ ଘର ଛାଡ଼ି ଚାଲିଯିବାକୁ ହେବ

ତାଙ୍କୁ ।... ଅନେକ ସମୟରେ ଏଇ ଏକ ଚିନ୍ତା ବିବ୍ରତ କରୁଥିଲା ତାଙ୍କୁ ।... କଲେଜରୁ ଫେରିବା ପରେ ପରେ ବାପାଙ୍କ ପାଖରେ ବସି ରହି ବାପାଙ୍କର ଅନୁଭୂତି ସମ୍ବଳିତ କାହାଣୀ ତାଙ୍କର ମୁହଁରୁ ଶୁଣିବା, ଅସଂଖ୍ୟ ବାସ୍ତବ ଅବାସ୍ତବ ପ୍ରଶ୍ନ କରିବା କିମ୍ବା ବଗିଚାର ଏଣେ ତେଣେ ଫୁଲ କେଉଁଠି କଣ କଲେ ଭଲ ହେବ, ବଗିଚ୍ଚ ସୁନ୍ଦର ଦେଖାଯିବ ସେ ସବୁର ଯୌକ୍ତିକ ଅଯୌକ୍ତିକ ପ୍ରସ୍ତାବ ଦେବା ଓ ବିନା ଦ୍ୱିଧାରେ ହରମୋହନଙ୍କର ତା କଥାର ସମର୍ଥନ କରିବା ଭିତରେ ଇମିତି ଦିନଗୁଡ଼ାକ କଟିଯାଏ ... ହରମୋହନ ବାବୁ କାନ୍ତାର ସ୍ନେହ ଶ୍ରଦ୍ଧା ପୂର୍ଣ୍ଣ ମୁହୂର୍ତ୍ତ ଗୁଡ଼ିକ ଭିତରେ ଆପଣାକୁ ହଜେଇ ଦେଇ ଅତୀତର ସ୍ମୃତି ରୋମନ୍ଥନ କରିବାର ଅବସର ସୁଦ୍ଧା ପାଉନ୍ତି ନାହିଁ, ଅନେକ ସମୟରେ ଭବିଷ୍ୟତର ଚିନ୍ତାକିନ୍ତୁ ତାଙ୍କୁ ବିବ୍ରତ କରେ । ନୀଳ ଫ୍ରକ୍ ପିନ୍ଧି ହସି ହସି ତାଙ୍କର ଅଡ଼କୁ ଦଉଡ଼ି ଆସୁଥିବା ସେଇ ଛୋଟ ଝିଅଟି ତାଙ୍କର ଆଖି ଆଗରେ ନାଚି ଉଠେ --- ସେଇ ଆଜି ବଡ଼ ହେଲାଣି... ଏକୋଇଶଟି ବସନ୍ତର ମଧୁ ମଳୟ ବହି ଗଲାଣି ତାର ଜୀବନରେ... ଆଉ କେତୋଟି ଦିନ ବା କାନ୍ତା ରହିବ ଏଇ ଘରେ... ବୃଦ୍ଧ ହରମୋହନ ଆଉ ଭାବି ପାରନ୍ତି ନାହିଁ । ଅବଶିଷ୍ଟ ଜୀବନ ବା ତାଙ୍କର କଟିବ କେମିତି ? ...

ହଠାତ୍ ସେଦିନ ଭାବପ୍ରବଣତା ଭିତରେ ସେ ପଚାରୁଥିଲେ —ମା ! ମୋତେ କ'ଣ ସବୁଦିନ ମନେ ରଖିଥିବୁ ?

ଅପ୍ରତିଭ କାନ୍ତା ପଚାରୁଥିଲା—"କଣ ଏମିତି କହୁଛ ବାପା !"

ବୃଦ୍ଧ ନୀରବ ହେଲେ । କିଛି କହିଲେ ନାହିଁ ।

× × × ×

କାଂଚା କହୁଥିଲା — ଦେଖନ୍ତୁ ନିଶ୍ଚୟ ଆସିବେ ଅସନ୍ତାକ ଲି
ମୁଁ ସାରାଦିନ ଆପଣଙ୍କର ପ୍ରତୀକ୍ଷାରେ ଥିବି । କେତେ ସ୍ନେହ
ମିଶ୍ରିତ ନଥିଲା ସତରେ ସେଇ ଅନୁରୋଧ ସୁବୋଧ ଏଡ଼ାଇ
ଦେଇ ନପାରି ତା'ର କଥାରେ ହଁ ଭରିଛି ।

ଆଜି ସୁବୋଧ ପକ୍ଷରେ ଏକ ଖୁସିର ଦିବସ; ସେ ଆଜି
କାଂଚାର ଘରକୁ ତା'ର ଅନୁରୋଧରେ ଯିବ ବୋଲି ଆଜିର
ଦିନଟି ତାକୁ ସୁଖପୂର୍ଣ୍ଣ ମନେ ହେଉଛି ତା' ନୁହେଁ; ଆଜି ତା'ର
ପ୍ରଥମ ପୁସ୍ତକ ଟିର ପ୍ରକାଶ ତିଥି । ପୁସ୍ତକଟି ଏକ ଗଳ୍ପ ସଂକଳନ ।
ସେମା ହତଭାଗା ଦେଶର ସାହିତ୍ୟ ସାହିତ୍ୟକାରଙ୍କୁ କିନ୍ତୁ
ନଦେଇ ପଛକେ ଆନନ୍ଦ ତ ନିଶ୍ଚୟ ଦିଏ··· ସୁବୋଧ ପକ୍ଷରେ
ଆନନ୍ଦିତ ହେବା ବି ନିତ୍ୟାଂତ ସ୍ୱାଭାବିକ । ଅବଶ୍ୟ ସେ ଆନନ୍ଦକୁ
ଅନେକ ଗୁଣରେ ଗୁଣିତ କରୁଛି । କାଂଚାର ଅନୁରୋଧ ରକ୍ଷା ।
କାରଣ ସୁବୋଧ ମନେ କରୁଛି ,ସେ ଯେମିତି ହଠାତ୍ କାଂଚା
ପାଖରେ ଉପସ୍ଥିତ ହୋଇ ପୁସ୍ତକଟିକୁ ଉପହାର ଦେଇ ବିସ୍ମିତ
ଓ ଆନନ୍ଦିତ କରିଦେବ ।

ବାସ୍ତବିକ କାନ୍ତା ସେଦିନ ତା'ର ଅପେକ୍ଷାରେଇ ଥିଲା ।
ଅସ୍ୱାଭାବିକ ଭାବରେ ସୁନ୍ଦର ତଥା ଚଞ୍ଚଳ ମନେ ହେଉଥିଲା
କାଂଚା । କଜ୍ଜ୍ୱଳ କଳା କମନୀୟ ଗଭାରେ ଆଷାଢ ଆକାଶର
ଚପଳାର ଆଭା ନେଇଥିଲା ସୁନ୍ଦର ଏକ ରକ୍ତ ଗୋଲାପ ।
ସୁବୋଧର ଗେଟ୍ ପାଖରେ ପହଞ୍ଚିବା ସଙ୍ଗେ ୨ ହସି ହସି ବାହାରି
ଆସୁଥିଲା କାଂଚା ଚପଳ ଛନ୍ଦମୟ ଗତିରେ; ସତେ ଯେପରି
ଲାସ୍ୟମୟୀ ସାଗର ସଙ୍ଗମ ଲବ୍‌ଧା ତଟିନୀ । ଅଧର ତଳେ ସ୍ମିତ
ହାସ୍ୟର ଲହରୀ ଖେଳାଇ କହୁଥିଲା —

"ମୋର ବିଶ୍ୱାସ ଥିଲା ଆପଣ ନିଶ୍ଚୟ ଆସିବେ ।"

"ମନେକର ମୁଁ ଅସି ନଥାନ୍ତି" ? ହସି ହସି କହୁଥିଲେ ସୁବୋଧ ।

'ଅସମ୍ଭବ । ······ନିଶ୍ଚୟ ଅସିବେ ଅପଣ, ଏକଥା ମୋର ମନଭିତରେ—ଜାଗିଲା କିମିତି ?'

କାନ୍ତାର ଅନୁସରଣ କରି ଏଭିତରେ ସୁବୋଧ କାନ୍ତାର କୋଠରୀ ପାଖକୁ ଅସି ସାରିଥିଲା । ନୀଳ ପରଦା ଟେକି ଭିତରକୁ ପାଦ ଦେଇ ଦେଇ ସୁବୋଧ କହୁଥିଲା—

'ସତରେ ଜଣେ ମୋର ସବୁକଥା ତୁମେ ହୃଦୟ ତଳେ ଅନୁଭବ କରିନେଇ ପାର କାନ୍ତା'—

ଲାଜରେ ଆଖିବୁଜି ନୁଆଁଇ ଦେଲା କାନ୍ତା, କିଛି କହୁନ ନାହିଁ । କେବଳ ହାତର ଇଶାରାରେ ବସିବାକୁ କହୁଥିଲା ସୁବୋଧକୁ ।

ବସିବା ପୂର୍ବରୁ କୋଠରୀଟିର ଏଣେ ତେଣେ ଆଖି ବୁଲାଇ ନେଇଥିଲା ସୁବୋଧ । ସୁନ୍ଦର ସାଜସଜା କୋଠରୀଟିର । ନାନାଦି ସୁନ୍ଦର ସୁନ୍ଦର ଛବିରେ ଛବିଳ···ଗୋଟାଏ କୋଣରେ କାନ୍ତାର ପଢ଼ା ଟେବୁଲ ଉପରେ ସୁନ୍ଦର ଏକ ପୂର୍ଣ୍ଣ ବୁକ୍ ସେଲ୍ଫ—ଗୋଟାଏ କଣରେ ସୁନ୍ଦର ଏକ ବ୍ରୋଂଜ୍‌ର ଫୁଲ ଦାନୀରେ ଅଳ୍ପ କେତୋଟି ପଦ୍ମ ପୁଷ୍ପର ତୋଡ଼ା··ଏକ କୋଣରେ ତା'ର ଦାମି ପଲଂକ···ସ୍ଲେଟିଆ ଅଲମାରୀଟିରେ ଭରପୁର ସୁନ୍ଦର ସୁନ୍ଦର ଖେଳନା ଓ କେତୋଟି ସୌଖୀନ୍ ସାମଗ୍ରୀ । ତା'ର ପାଖରେ ଡ୍ରେସିଂ ଟେବୁଲ୍··· ମୁଗ୍ଧହେଲା ସୁବୋଧ···

ସତେଇବା ଲୋକ ସୁନ୍ଦର ଥିଲେ ସବୁକଥା ଅପେ ଅପେ ସୁନ୍ଦର ହୋଇ ଯାଏ···ନୁହେଁ ।'

ସୁବୋଧର ଏ ପ୍ରଶଂସା ପୂର୍ଣ୍ଣ ଉକ୍ତିରେ ଗର୍ବ ଅନୁଭବ କଲା କାନ୍ତା ! ......

'ବସନ୍ତୁ ଟିକିଏ ମୁଁ ଗୁଁ ନେଇ ଆସୁଛି,'

'ମୁଁ ଗୁଁ' ଖାଏନି—?'

"ବୁଝ ?"...ଉତ୍ତରର ଅପେକ୍ଷା ନକରି ଚାଲି ଗଲା କାନ୍ତା! ସୁବୋଧକୁ କେମିତି ଏକ ଆନନ୍ଦ ଦେଲା ତା'ର ଅନୁରୋଧ । ଚଉକି ଉପରେ ବସିରହି ପ୍ରତୀକ୍ଷା କରିବାକୁ ଲାଗିଲା କାନ୍ତାର ।

ଅନେକ ଡେରି କଲାଣି କାନ୍ତା ।—ଡେରି ତ ନୁହେଁ ସେମିତି ମନେ ହେଉଛି ଯେମିତି...... । ସୁବୋଧ ଏଣୁ ତେଣୁ ଗାରେଇ ବସିଲା କାଗଜଟିରେ ।

"କାଲି ମୁଁ ଏକ ବିଚିତ୍ର ସପନ ଦେଖିଛି ....ପ୍ରାୟ ପନ୍ଦର ମିନିଟ୍ ପରେ ଘରଭିତରକୁ କହୁକହୁ ପଶିଆସିଲା କାନ୍ତା । କାଗଜଟାକୁ ଟେବୁଲ ଉପରେ ରଖିଦେଇ ପଛକୁ ଚାହିଁଲା ସୁବୋଧ । ...... କାନ୍ତା କହୁଥିଲା, "ବାସ୍ତବର ବିଚିତ୍ର ଏକ ସ୍ୱପ୍ନ...କହିବି ?"

"ମୁଁ କଣ ମନା କଲି ?" ସୁବୋଧ କହୁଥିଲା ।

ମନାକରି ନାହାନ୍ତି ଯେ, କହିବାକୁ କହୁଲେ କି ? ଦୁଷ୍ଟାମିର ହସ ହସି କହୁଥିଲା କାନ୍ତା । ପ୍ରେମ ପୂର୍ଣ୍ଣ ଅଭିମାନର ସ୍ପର୍ଶ ଥିଲା ସେଇ କଣ୍ଠ ସ୍ୱରରେ ।

ସୁବୋଧ ନୀରବ ଥିଲା...କେବଳ ମୁଗ୍ଧ ଆଖିରେ ଦେଖୁଥିଲା କାନ୍ତାକୁ । କାନ୍ତା ତା'ର ଆଗରେ ଟେବୁଲ ଉପରେ ବସି ପଡ଼ି ହସି ହସି କହୁଥିଲା............ଶୁଣିବା ପରେ କଣ ଦେବେ କହନ୍ତୁ ତ ?"

କାନ୍ତାର ଏ ସରଳତାରେ ବିଭୋର ହେଉଥିଲା ସୁବୋଧ । ବାସ୍ତବର କବି ଓମର ଖୟାମ, ବ୍ରାଉନିଂ, କାଳିଦାସ ବା ଜୟଦେବ

ଏହାଠାରୁ ବେଶୀ ଖୁସୀର ହୋଇଥିଲେ ଜୀବନରେ ? ଏତେ ତୃପ୍ତି ଏତେ ସହୃଦୟତା ଓ ହୃଦୟ ସତରେ କଣ ପାଇଥିଲେ ସେମାନେ—ସୁବୋଧ ଭାବୁଥିଲା ।

"କାନ୍ଥ ଗୋଟାଏ ଦେବ ନିଶ୍ଚୟ ।"

"ଶୁଣନ୍ତୁ ତା'ହେଲେ ।" କାନ୍ତା କହୁଥିଲା ଗତ କାଲି ମୁଁ ଏକ ସପନ ଦେଖିଲି । ଦେଖିଲି—ଆପଣ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି······ମୋର ଦୃଢ଼ ବିଶ୍ୱାସ ଆପଣ ନିଶ୍ଚୟ ପାଇବେ– "

"ସପନ କେବେ ସତହୁଏ ନାହିଁ କାନ୍ତା !"

"ନିଶ୍ଚୟ ହେବ, ଆପଣଙ୍କର ସାଧନାରସିଦ୍ଧି ନିଶ୍ଚୟ ରହିଛି ।"

କିନ୍ତୁ ମୋର ଜୀବନରେ ସାଧନା ହିଁ ଚରମ କାମ୍ୟ । ସିଦ୍ଧି ନୁହେଁ ।······କହୁଁ କହୁଁ ପକେଟରୁ ବାହାର କରୁଥିଲା ପୁସ୍ତକଟି ଦେବା ପୂର୍ବରୁ ଛଡେଇ ନେଇଥିଲା କାନ୍ତା···ଆନନ୍ଦରେ ଅଧୀର ହୋଇ ଯାଇ ସେ ଯେମିତି ପୁସ୍ତକଟିକୁ ଛାତି ଉପରେ ନିବିଡ ଭାବରେ ଚାପି ଧରୁଥିଲା । ତା'ର ଅଧର ତଳେ ଅସ୍ପଷ୍ଟ ଭାବରେ ଫୁଟି ଉଠୁଥିଲା 'ପାର୍ବତୀ'······"ସୁନ୍ଦର ହୋଇଛି ନାମ କରଣ··· ନୁହଁ ?"

ନିଜେ ନିଜର ପ୍ରଶଂସା କରୁଛ ? ତମେ ନିଜେ ନାମ କରଣ କରିଛ ନା ? ···କାନ୍ତା ସୁବୋଧର ଏକଥାରେ ହସିଲା ଖାଲି । ଗୋଟିଏ ପ୍ଲେଟ୍‌ରେ ଜଳଖିଆ ନେଇ ଘର ଭିତରକୁ ପଶି ଆସୁଥିଲା ମାଳତୀ । ପ୍ଲେଟଟି ଦେଖି ପରିହାସ ଛଳରେ କହୁଥିଲା ସୁବୋଧ "ଲଘୁ ଆହାର ଛଳରେ ଏଯେ ଭୁରିଭୋଜନର ବ୍ୟବସ୍ଥା ହେଲାଣି ।

ମାଳତୀ ଟେବୁଲ୍ ଉପରେ ପ୍ଲେଟଟି ରଖିଦେଇ ଦୁଧ ପାଇଁ ଚାଲିଗଲା···

"ମୁଁ ଏତେ ଅଡୌ ଖାଇ ପାରିବି ନାହିଁ ।"

"କଣ ଏମିତି ଅଧିକା ହେଲାଯେ ?"

କାଂତା ପ୍ରଶ୍ନର ଉତ୍ତର ନଦେଇ ସୁବୋଧ କହୁଥିଲା "ତମେ ଖାଇବ ନାଇଁ ?"

"ମୁଁ ଅଳ୍ପ ସମୟ ହେଲା ଖାଇ ନେଇଛି···

ଖଣ୍ଡିଏ ଲଡୁ ମୁହଁ ପାଖକୁ ବଢ଼େଇ ଦେଉଥିଲା ସୁବୋଧ···ସୁବୋଧ ହାତରୁ ଖାଇ ନେବାର ଲୋଭ ସମ୍ବରଣ କରି ପାରୁନଥିଲା କାଂତା··· ବୁଧ ଗିଲାସଟି ଧରି ଘର ଭିତରକୁ ପଶି ଆସି ମୁରୁକି ହସିଲା ମାଳତୀ । ମାଳତୀ ଗୁଲୁଗଲା ।

"ଏଁ 'ଅପଣ''ଅପଣ' କହୁବାଟା ତମେ ଛାଡ଼ିବ ନାଇଁ ନା କଣ ? ତୁମେ କହୁଲେ ବି ତ ଚଳଂତା ।"

"ସମୟ ଅସୁ ?"

'ସମ୍ବୋଧନର ପରିବର୍ତ୍ତନ ପାଇଁ କି ସମୟ ଅସେ ?'

"ନିଶ୍ଚୟ ।"

ଅହାର ପର୍ବ ଶେଷ ହେଲା···ସୁବୋଧ କହୁଥିଲା—"ମୁଁ ଯାଉଛି କାଂତା, ସାମାନ୍ୟ ଟିକିଏ କାମ ଅଛି । ପଢ଼ିସାରି କହିବ ଗଳ୍ପ ଗୁଡ଼ିକ କେମିତି ହୋଇଛି ?"

"ମୁଁ ଆଗରୁ କଣ ପଢ଼ିନି ?"

'ପଢ଼ିଛଯେ ମତ ତ ଦେଇ ନ ?'···କହୁଁ କହୁଁ ଠିଆ ହେଲା ସୁବୋଧ ।

'ବସନ୍ତୁ ନା ଅଉ ସାମାନ୍ୟ ଟିକିଏ । କଣ ଏମିତି କାମ ଅଛି ଯେ ?'

'ସେମିତି ଅଛି ଟିକିଏ ।'

"କଣ ଲେଖୁଥିଲେ ଶୁଣାଇବେ କି ?"

"ପକୁଟିଏ ତ ଲେଖିଛ । ପୁରା ହେଇ ଶୁଣାଇବ ଯେ ।"

ସେଇ ପକୁଟିଏତ ଯଥେଷ୍ଟ—ପରେ ସମ୍ପୂର୍ଣ୍ଣ କବିତାଟିଏ ଶୁଣିବ ନିଶ୍ଚୟ ।

ସୁବୋଧ ବସିପଡ଼ି ଅସମ୍ପୂର୍ଣ୍ଣ କବିତାଟି ଆବୃତ୍ତି କରିବାକୁ ଲାଗିଲା ।

ମୁଁ ଭ୍ରମର ଜୟ ଦେବ ତୁମେ ମୋ ପଦ୍ମା
ହାତେ ମୋର ଦିଅ ସଖୀ ଲେଖନୀ
ମୁଁ ଲେଖିବି ମଧୁମୟ କମନୀୟ କବିତା
କାଂତା ଓ ନୂତନୀ ।

"ଦାସୀରେ ଅସନ..." କାଂତାର ଅଧର ଉପରେ ହାତ ରୁପି ଆଉ ବିଶେଷ କିଛି କହିବାକୁ ବାରଣ କଲା ସୁବୋଧ ।

ବିଶେଷ ଏକ ପୁଲକ ଜଗାଇ ଗଲା ସେଇ ସ୍ପର୍ଶ...ଦେହରେ ଏକ ମଧୁର ରୋମାଞ୍ଚ ଖେଳାଇ ଗଲା ସେଇ ପରଶ...କାପରି ଏକ ଅଜ୍ଞାତ ଶିହରଣ ପାଉଥିଲା କାନ୍ତା ।

ତାକୁ ଅସରନ୍ତି କଳ୍ପନାର ମଧୁମୟ ସମାବେଶରେ ମଗ୍ନ କରି ହସି ହସି ବିଦାୟ ନେଲା ସୁବୋଧ । "ଦୁନିଆଁର ଅସଂଖ୍ୟ ମୁହଁ ଭିତରେ ଗୋଟାଏ ମୁହଁ ଲୋଭନୀୟ ଲାଗେ । ଅସଂଖ୍ୟ ନାଆଁ ଭିତରେ ସେଇ ଗୋଟାଏ ନାଆଁ ମଧୁମୟ ଲାଗେ । ସତରେ ମଣିଷ

ଜଣଙ୍କ ଲାଗି କେତେ ବ୍ୟାକୁଳ, କେତେ ଅଧୀର ହୁଏନା ? ସେପରି ତା'ର ମନର ମଣିଷ; ହୃଦୟର ହୃଦୟ, ଆତ୍ମାର ଆତ୍ମ ବାସ୍ତବରେ। ମଣିଷ ଯାହା ଲୋଡ଼େ ସତରେ ତାହା କ'ଣ ପାଏ ? ଯାହା ଖୋଜେ ତାହା କ'ଣ ସତରେ ତାକୁ ମିଳେ ?...ଭାବୁଥିଲା କାନ୍ତା, ହସି ହସି ସେଇ ସଦା ପ୍ରଫୁଲ୍ଲ ମୁହଁଟି ତା'ର ଆଖି ଆଗରେ ନାଚି ଯାଉଥିଲା। ବିଛଣା ଉପରେ ଅସଂଯତ ଭାବରେ ପଡ଼ିରହି ପାକେଟର ପୃଷ୍ଠା ଓଲଟାଉ ଥିଲା କାନ୍ତା......"କଲ୍ୟାଣୀୟା କାନ୍ତାକୁ...... ସୁବୋଧ"......ପ୍ରଥମ ପୃଷ୍ଠାରେ ସୁନ୍ଦର ସୁନ୍ଦର ଅକ୍ଷର କେତୋଟି କେତେ ସ୍ନେହ, କେତେ ଶ୍ରଦ୍ଧା କେତେ ବାତ୍ସଲ୍ୟତାର ମୂକ ପ୍ରତୀକ ନୁହଁନ୍ତି। ଭାବ ପ୍ରବଣତାରେ ବହିଟିରେ ଚୁମ୍ବନ ଦେଲା କାନ୍ତା... ଘରଭିତରକୁ ପଶିଆସି ହଠାତ୍ ମାଳତୀ କହୁଥିଲା—

"ଦେଇ। ଏ ସଂଜବେଳରେ ଶୋଇଛ ?"

"ନା ଲୋ ପଢୁଛି।"

"ଏମିତି ବିଛଣାରେ ପଡ଼ିକି।"

କାନ୍ତା ନୀରବଥିଲା। ମାଳତୀ କହୁଥିଲା—"ବାବୁ ଜଣେ କିଏ, କି ଦେଇ ?"

"ତାହାଙ୍କ କ'ଣ ହେଲାକି ? ବହିଟାକୁ ଛାତି ଉପରେ ରଖି ଦେଇ କହୁଥିଲା କାନ୍ତା"।

"କିଛି ନାହିଁ ଯେ...ଭାରି ଭଲ ମଣିଷ ଟିଏ..."

"କେମିତି ଜାଣିଲୁ କିଲୋ।"

"ଦେଖିଲେ ଜାଣି ହେବ ନାହିଁ। ଉପର ଖୁସି, ଉପର ଏତେ ସରଳ...କଣା ପଡ଼ିବ ନାହିଁ କେମିତିକିଆ ମଣିଷ।"

"କଣ କହୁଛୁ କିଲୋ।"

କିଛି ନାହିଁ ଦେଇ। ଭାରି ଭଲ ମଣିଷଟିଏ...

ମାଳତୀର ବୟସ ବେଶୀ ହେବନାହିଁ । ଏଇ ତିରିଶ ବତିଶ । ବିଧବା । ପ୍ରାୟ ଚାରିପାଞ୍ଚ ବରଷ ହେଲା ଏଇ ଘରେ ଅଛି । ଶାନ୍ତିଗ୍ରୀର ଆଉ କେହି ନାହିଁ, କାନ୍ତାର ବ୍ୟବହାର ତା ପାଇଁ ଠିକ୍ ଯେମିତି ଏକ ସାନ ଭଉଣୀର ବ୍ୟବହାର ।

ମାଳତୀ ଆଉକିଛି ନ କହି କାମର ବାହାନାରେ ଚାଲିଗଲା । ଅଥଚ ଅନେକ କଥା କହି ଥାନ୍ତା କି ମାଳତୀ ! ଅନେକ କଥା, ଅନେକ କିଛି !

"ପାର୍ବତୀ"ର ଗଳ୍ପଗୁଡ଼ିକରେ ଆପଣାକୁ ହଜେଇ ଦେଲା କାନ୍ତା···କେତେ ସୁନ୍ଦର ନୁହେଁ ! ସତରେ ଗଳ୍ପଗୁଡ଼ିକ··· ଏଇ ଅଳ୍ପଦିନ ତଳେ ପ୍ରକାଶ ପାଇଯିବା ପୂର୍ବରୁ ଗଳ୍ପ ଗୁଡ଼ିକ ପଢିଥିଲା କାଂତା । ତା' ଆଗରୁ ବି ବିଭିନ୍ନ ସମୟରେ ବିଭିନ୍ନ ପତ୍ରିକାରେ ଗଳ୍ପଗୁଡ଼ିକ ପଢ଼ିଛି । ତଥାପି ବି ଗଳ୍ପ ଗୁଡିକ ନୂଆ ଲାଗୁଛି······ ପ୍ରତ୍ୟେକ ଥର ଏକ ନବୀନ ଆନନ୍ଦ ଦେଉଛି । ନୂତନ ମାଦକତା ଜଗାଉଛି ମନରେ ।

ପୁଣି ଥରେ କୋଠରୀ ଭିତରକୁ ପଶି ଆସିଲା ମାଳତୀ— କହୁଥିଲା···"ଦେଈ ଶାନ୍ତି ଦେଈ ଆସିଛନ୍ତି ।"

"କହି ଦେଉନୁ ଭିତରକୁ !"

"କହିଦେବାର ଆବଶ୍ୟକତା ନାହିଁ ।" ଶାନ୍ତି ଆସି ତା'ର ପାଖରେ ବସିଲା ··· ।

"ତୁ' ଟିକିଏ କମ ହେଉ ତା'ହେଲେ···" ମାଳତୀର ଉଦ୍ଦେଶ୍ୟରେ କହୁଥିଲା କାଂତା···ମାଳତୀ ଚାଲିଗଲା । "ଏଇନେ କଣ ତୁ' ?" ମୃଦୁ ପ୍ରତିବାଦ ଜଣାଉଥିଲା ଶାନ୍ତି !

ବିଂଶ ଶତାବ୍ଦିର ପ୍ରାଥମିକ ସଭ୍ୟତା ।

କାଂତାର ଏ ଉକ୍ତିରେ ଶୀତଳ ହେଲା ଶାନ୍ତି ।

ଶାନ୍ତି ତାଂଡାର ସମବୟସୀ । ଉଭୟଙ୍କ ଭିତରେ ବନ୍ଧୁତା ଘନିଷ୍ଠ । ଏଇ ଦୁଇ ବରଷ ତଳେ ଶାନ୍ତି ସହିତ ପ୍ରଥମ ପରିଚୟ ହୁଏ ତାଂଡାର । ଶାନ୍ତି କଲେଜରେ ଆସି ଏଡମିଶନ୍ ନେଲା । ଉଭୟଙ୍କର ମନୋଭାବ, ରୁଚି ପାଖାପାଖି, ଏକ କହିଲେ ଚଳେ । ତାଂଡାର ଘରକୁ ଲାଗି ତାଙ୍କର ଘର । ଖାସ ଘର କଟକରେ । ଭାଇ ତାର ସବ୍‌ଡେପୁଟି ଭାବରେ ଏଠାକୁ ଆସିଛନ୍ତି । ଭାଇ ଭାଉଜ ଆଉ ସେ । କଟକରେ ବାପା ମା ଆଉ ଦୁଇଟି ଭାଇ । ତିନୋଟି ଭାଇରେ ଗୋଟାଏ ବୋଲି ଭଉଣୀ । ସବୁର ଆଦର ସ୍ନେହ ତା'ର ପାଖରେ ଠୁଳ ।

"ଆଜି ବେଶ ଖୁସିତ ?" ଶାରବତା ଭଙ୍ଗୀକର କହୁଥିଲା ଶାନ୍ତି ।

"ମାନେ ?"

"ମାନେ ଆଉ କ'ଣ ? କେମିତି ଅସ୍ୱାଭାବିକ ଭାବରେ ସୁନ୍ଦର ଦେଖା ଯାଉଛୁ ଆଜି—ଲୋଭ ହେଉଛି !"

"ଅଚ୍ଛା !"

"କ'ଣ ଏମିତି ପଢ଼ୁଛୁଲୋ ସେଇଟା ? ଜବାବ ଦେଉନୁ ?"

"କିଛି ନାହିଁ, ବହିଟେ ସେମିତି ।"

"ମୁଁ କ'ଣ ଦେଖୁନି ବହିଟେ ବୋଲି ? କହୁଁ କହୁଁ ତାଂଡା ହାତରୁ ବହିଟାକୁ ଛଡ଼େଇ ନେଲା ଶାନ୍ତି । ଧୀର ଗଳାରେ ପଢ଼ୁଥିଲା —ପାକ୍ଷୀ... ।"

"ମନକୁ ପାଇଲା ନାଁଟା ?"

"ନିଶ୍ଚୟ !"

ପୃଷ୍ଠା ଓଲଟାଇଲା ଶାନ୍ତି ଆଉ ଅଗ୍ରେନକ କହୁଥିଲା... "ଏଁ ଏ ତେ ସୁବୋଧ ବାବୁଙ୍କର ଲେଖା !"

"ସିଏ ଆସିଥିଲେ ଆଜି !"

ଥରି ଏଇ ଉପହାର ଦେଇପାରେ ତା ହେଲେ ?"

ମୃଣ୍ମୟୀ ଝିଙ୍କାରି ସମ୍ମତି ଜଣାଇଲା କାଂତା··· । ସାମାନ୍ୟ ଟିକିଏ ନୀଳ୍ଡାର ଫରଣ ପାଇ ଅତ୍ଭୁତ ସୁନ୍ଦର ଦେଖା ଯାଉଥିଲା ତା'ର ଲାବଣ୍ୟମୟୀ ମୁହଁଟି ।

"ହୃଦୟ ତ ଅନେକ ଦିନରୁ ଦିଆ ସରିଛି···ଆଜି ଅଙ୍ଗକୁ ସମର୍ପଣ କରିଗଲା ନା କ'ଣ ?"

"ଛି—ଏମିତି କଣ ବାଜେକଥା ମୁଣ୍ଡରେ ପୂରେ ? ତୋର ଖୁସି ଓ ସାମାନ୍ୟ ବିରକ୍ତିର ମିଶ୍ରିତ ଏକସ୍ୱରରେକହୁଥିଲା କାଂତା ।"

କାଂତାର କୋମଳ ଗାଲ ଉପରେ ମୃଦୁ ଆଘାତ ଦେଇ କହୁଥିଲା ଶାନ୍ତି—"ଅଖିଯୋଡ଼ିକ ଏତେ ଲାଜରା କାହିଁକି ଯେ··· ରହୁ ରହୁ ମୁଁ ଲୁକି···।"

"ଛି ଅଲାଜୁକୀ ।" ବାଧାଦେଲା କାଂତା·····ସୁନା ପିଲ୍ଲା ଟିଏଲେ । କେତେ ଖୁଜି, କେତେ ପବନ । ଚାଂତା ନାଇଁ ତାଙ୍କର ପାଖରେ ।

"ମୁଁ କ'ଣ କିଛି ଖରାପ କଥା କହିଲି ? ଯାହା ବାସ୍ତବ, ଅତ ବାସ୍ତବ ସେଇକଥା ତ କହୁଛି ?"

·····ଗୁଁ' ନେଇ ହାଜର ହେଲେ ମାଳତୀ । ·····କପ୍‌ରେ ଗୁଁ' ଢାଳି ଶାନ୍ତି ହାତକୁ ବଢ଼େଇ ଦେଲା କାଂତା । ଗୁଁ' କପ୍‌ରେ ଚୁମୁକ ଦେଇଁ ଦେଇଁ ଶାନ୍ତି କହୁଥିଲା—"ଆଜି ତା ହେଲେ ସେଇଥି ପାଇଁ ସଂଧ୍ୟା ଭ୍ରମଣ ହୋଇନା ?"

ନାଁ ତା' ନୁହେଁ—ଆଜି ସଂଧ୍ୟାରେ ବାପା କ'ଣ କାମରେ ବାହାରକୁ ଗଲେ । ସେତ ବଡ଼କଥା ନୁହେଁ । ସୁବୋଧ ବି ଆସି ଗଲେ ସଂଧ୍ୟାରେ । ଏଣୁ ଗଲିନି·····ଯାଇଥିଲେ ବା କା ସଙ୍ଗରେ······।"

ହଠାତ୍ ନୀରବ ହେଲା କାଂତା, ଅଲକ୍ଷରେ ମନକଥା ସଠିକ କହିଦେଇ ପାରିବା ପରେ ଲକ୍ଷ କରୁଥିଲା ତା'ର "ନା ତା' ନୁହେଁ" କହିବାର ଅର୍ଥହିଁ କିଛି ରହିଲା ନାହିଁ...ଶାନ୍ତି କିଛି କହିଲା ନାହିଁ, ମୁରୁକି ହସିଲା ଖାଲି ।

"ଆଜି ଧନଙ୍କର ଗଲା ! ଭାଲ୍ ଅଂତତଃ ଫାଷ୍ଟ ଶୋ ଟା ଦେଖାଯାଉ ।" ସ୍ୱଳ୍ପ ସମୟର ନୀରବତା ପରେ କହୁଥିଲା ଶାନ୍ତି ।

"ନିଶ୍ଚୟ !"

"ସୁବୋଧ ବାବୁଙ୍କୁ ଯିବାପାଇଁ କହିପାରୁ । ଭୟ କରିବାର କିଛି କାରଣ ନାହିଁ । ଅଂତତଃ ମୋ ପାଖରେ...

"ନାଁ ତୋତେ ବିଶ୍ୱାସ କରେ କି ନ କରେ ସୁବୋଧ ଉପରେ ମୋର ପ୍ରଗାଢ ବିଶ୍ୱାସ !"

" 'ନିଶ୍ଚୟ ତା' ହେବାର କଥା ।"

"ଉଭୟେ ଧଡ଼ଏ ନୀରବ ରହିଲେ । କିଛି ସମୟ ନୀରବ ରହିବା ପରେ ଶାନ୍ତି କହୁଥିଲା—

"ବହିଟାକୁ ପଢ଼ିସାରି ଦେବୁ ମୋତେ ।"

"କି ବହି ?"

"ପାର୍ବତୀ ।"

"ମୋଟେ ନୁହେଁ..." ଟିକିଏ ଦୃଢ଼ ଗଳାରେ କହୁଥିଲା କାଂତା । "ତମ ମାନଙ୍କର ଗୋଟାଏ ବିଚିତ୍ର ଅଭ୍ୟାସ ଶାନ୍ତି ! ଅନ୍ୟ ମାନଙ୍କର ବହି ମାଗି ପଢ଼ିବାଟା ଯେମିତି ତମର ଅଭ୍ୟାସଗତ ତା' ଫଳରେ ଆମର ଯଥେଷ୍ଟ କ୍ଷତି ହେଉଛି !"

"କ୍ଷତି କ'ଣ ହେଲା ? ବରଂ ବ୍ୟୟ ରୋକିବାର ଏ ଏକ ପ୍ରକୃଷ୍ଟ ଉପାୟ ।"

ମୋଟେ ନୁହେଁ । ସିନେମା ଥିଏଟର ପାଇଁ, ଅନ୍ୟାନ୍ୟ ମଉଜ୍ ମଜଲିସ ଆମୋଦ ପାଇଁ ଶହ ଶହ ଖର୍ଚ୍ଚ କରାଯାଇ ପାରୁଛି—ବହି ଖଣ୍ଡେ କିଣିବାରେ ତା' ତୁଳନାରେ କି ଅଧିକ ଖର୍ଚ୍ଚ ହେଉଛି ? ଜଣେ କିଣିଲେ ଯଦି ଦଶଜଣ ପଢିବେ ତେବେ ପ୍ରକାଶକ ବିକ୍ରିବ କେତେ ଖଣ୍ଡ ? ଲେଖକ ବା ପାଇବ କଣ ? ଏ ଦେଶରେ ନୂତନ ସାହିତ୍ୟର ସୃଷ୍ଟି ବା ହେବ କିମିତି ··· ପଢିବାର ଆଗ୍ରହ ଯେତେବେଶୀ ଅଛି, କିଣିବାର ଆଗ୍ରହ ସେତେ ହୋଇ ପାରିଲେ ଯଥେଷ୍ଟ ଉନ୍ନତି ହୋଇ ପାରନ୍ତା ଆମର ସାହିତ୍ୟ

ଶାନ୍ତି ମନରେ କାଂତାର ଏ କଥା ଆଘାତ ନିଶ୍ଚୟ ଦେଲା । ହେଲେ ସେ କିଛି କହିଲା ନାହିଁ । କାଂତା କିନ୍ତୁ ତା'ର ଏ ଭାବ ଉପଲବ୍ଧି କରିନେଲା···

ସୁବୋଧର ହସ୍ତାକ୍ଷର ଥିବା ଏଇ ବହି ପାଖରୁ ଅନ୍ତର କରିବା·········· ।”

“···ଅନ୍ତର କରିବାପାଇଁ ମନ କହୁନି” ପାଦ ପୂରଣ କଲା ଶାନ୍ତି ।

ପ୍ରସଙ୍ଗ ବଦଳାଇ ସ୍ୱଳ୍ପ ସମୟ ପରେ କାଂତା କହୁଥିଲା—

“ଭାଇଙ୍କର ଟ୍ରାନ୍‌ସଫର ବିଷୟ କଣ ହେଲା ।”

“ଆରେ ହଁ ତ, ସମ୍ପୂର୍ଣ୍ଣ ରୂପେ ଏ କଥା ତୋତେ କହିବାକୁ ଭୁଲି ଯାଇଛି । କାଂତା ଶୁଣୁଥିଲା । ଶାନ୍ତି କହି ଚାଲିଥିଲା । ଅର୍ଡ଼ରଟି ଅନେକ ଦିନରୁ ଆସି ଯାଇଛି ହେଲେ କଣ କେତୋଟି କାରଣରୁ କିଛି ସ୍ଥିର ହୋଇ ନଥିଲା ସେଠା ମୋଟି କଥା ଭାଇ ଯେଉଁ ଗ୍ରେଡରେ ଥିଲେ ତାଙ୍କର ଉନ୍ନତି [illegible] ହୋଇନଥିଲା । ବର୍ତ୍ତମାନ

ଯିବାର ସବୁ ସଂଯୋଗ ହୋଇ ଯାଇଛି । ଏଇ ସପ୍ତାହେ ଭିତରେ ଯିବୁ ଆମେ ! ମନେ ପକାଉ ଥିବୁ !"

କାଂତା ନୀରବ ରହିଥିଲା । ବାସ୍ତବିକ ଏଇ ଅତି ଅଳ୍ପ ଦିନର ରହଣି ଭିତରେ ତା'ର କେତେ ଅଂତରଂଗ, କେତେ ଆତ୍ମୀୟ ସତରେ ହୋଇନାହିଁ ଶାନ୍ତି ।...

"କଣ ଭାବୁଛୁ କାଲେ !" ଶାନ୍ତି କହୁଥିଲା..."

"କିଛି ନାହିଁ । ତୋତେ ଭୁଲିବା ସମ୍ଭବ ହେବନାହିଁ ଶାନ୍ତି ତୋତେ ଭୁଲି ପାରିବି ନାହିଁ ବୋଲି ତା ଭାବୁଥିଲି ମୁଁ । ଗଲା ପରେ କେମିତି ଦିନ କଟିବ ।"

"କାହିଁ — ସୁବୋଧ ବାବୁ ?"

"ଯୋଉ "...

"ଆଉ ଶୁଣିଲୁଣି "

"କଣ ?"

"ଅଧ୍ୟାପକ ମହାଶୟ ଅଥୟ ହେଲେଣି ...।"

"ମାନେ ..."

"ମାନେ ଆମର ଭାବି ଲଏ... ! ଅଧ୍ୟାପକଙ୍କୁ ଜଣବା ବଉଷଠିଏ ହୋଇ ନାହିଁ । କୁଆଡ଼େ ତାଙ୍କୁ ଯଥେଷ୍ଟ କଷ୍ଟ ସହିବାକୁ ପଡୁଛି ଏଇ ଭିତରେ । ତେଣୁ ବିବାହଟା କୌଣସି ମତେ ଏଇବରଷ କରି ଦେବାକୁ ଭାଇଙ୍କ ପାଖକୁ ଲେଖିଛନ୍ତି ।..."

"ତା' ମାନେ ତୋ'ର ପଢା..."

"ପଢ଼ା ପୂରା ପୂରି ବନ୍ଦ......"

"ଛି...ବାଜେ କଥା ... ଏତେ ଶୀଘ୍ର କଣ ଚୋଟାଏ..."

କେଜାଣି କେତେ ବେଳ ଧରି ଗପି ଥାଆନ୍ତେ ସେମାନେ । ତଳେ ହରମୋହନ ବାବୁଙ୍କର ପାଟି ଶୁଣି ହାତ ଘଡ଼ିକୁ ଅନାଇ

ଥିଲା କାଂଥା । ଅଠଟା ବାଜିଲାଣି । ମାଳ, ମାଳ ଡାକି ଘର ଭିତରକୁ ପଶି ଆସିଲେ ହରମୋହନ ବାବୁ ।...

ଆରେ—! ଶାନ୍ତି ଯେ...ତୁମେ ବୁଢ଼ୀଟା କରୁଛ କଣ ହେ ?"

ଅପ୍ରସ୍ତୁତ ହୋଇ ହଠାତ୍ ଜବାବ୍ ଦେଲେ ଶାନ୍ତି— ବହିଟି ଉପରେ ଆଲୋଚନା କରୁଥିଲି...

"ଦେଖନ୍ତୁ... ।"

କିନ୍ତୁ ନଭାବି ଶାନ୍ତି ବଢ଼େଇ ଦେଲା ବହିଟି...ବହିଟି ହାତକୁ ନେଇ ଉପର ମଲାଟଟା ଦେଖି ମନ୍ତବ୍ୟ ଦେଲେ ହରମୋହନ ବାବୁ, ଚମତ୍କାର ।

"ମୁଁ ଯାଉଛି ତାହେଲେ... ।"

"ତୁଲ ଗୁଣ୍ଡ ଦେଇ ଆସିବ ବାହାରେ ।

"ଉଭୟ ବାହାରି ଆସୁଥିଲେ । ବାଟରେ କାଂଥା କହୁଥିଲା ଅଣ୍ଡାଟାକୁ ବାପାଙ୍କୁ କାହିଁକି ଦେଲ ଯେ ।"

"କଣ ହେଲା ଯେ ?"

"କଣ ଭାବିବେ ସେ ?"

"କିଛି ନାହିଁ...କହି କହି ଚାଲିଗଲା ଶାନ୍ତି । କାଲି ଆସିବ ଦେଖା ।"...ପଛରୁ ଡାକ ଦେଇ କହୁଥିଲା କାଂଥା ।

"ସେଦିନ ଖିଆ ପିଆ ସରିବା ପରେ ହରମୋହନବାବୁ କହୁଥିଲେ ବହିଟା ମୋ ଶୋଇବା ଘର ଟେବୁଲ ଉପରେ ଅଛି ଖୋଜିବୁ ନାହିଁ । ମୁଁ ପଢ଼ିବି ଆଜି ରାତିରେ ।"

ଅପ୍ରସ୍ତୁତ ହୋଇଥିଲା କାଂଚା । ବାଧ୍ୟ ହୋଇ ଉତ୍ତର ଦେଲା "ହଉ ।"

"କିଏ ଲେଖିଛି ବହିଟା ?"

"ସୁବୋଧ ଚନ୍ଦ୍ର ପଟ୍ଟନାୟକ ।"

"କଣ ଭଲ ଲେଖେ ?"

ହଁ, ଗୁରୁ ପାଞ୍ଚଖଣ୍ଡ ଲେଖିଲେଣି ?"

ବାପାଙ୍କ ସଙ୍ଗରେ ତାଙ୍କର ଶୋଇବା କୋଠରି ପର୍ଯ୍ୟନ୍ତ ଯାଇଥିଲା କାଂଚା···ଅନ୍ୟଦିନ ଶୋଇବା ପୂର୍ବରୁ କିଛି ସମୟ ପାଇଁ ବାପାଙ୍କପାଖରେ ବସି ଏଣୁ ତେଣୁ ଗପ ଶୁଣିବା କାଂଚାର ଗୋଟିଏ କାମ । ସେଦିନ କିନ୍ତୁ କେବଳ ବିଛଣା ସଜାଡ଼ି ଦେଇ ଫେରି ଆସିଲା ସେ । କାଲେ ସୁବୋଧ ବିଷୟରେ ଆଉ କିଛି ପଚାରି ବସିବେ । ଫେରି ଆସି କିଛି ନଭାବି ଶୋଇ ପଡ଼ିବ ବୋଲି ଭାବିଥିଲା କାଂଚା । ତାହା କିନ୍ତୁ ହେଲାନି । କଣ ଭାବିବେ ସତରେ ବାପା ? ବନ୍ଧୁ ବାବଦରେ ଭାବିବାରେ ତ କିଛି ନାହିଁ··· ସୁବୋଧ ବୋଲି ଦେଖି ଦେଇଛନ୍ତି ତା'ର ନା;···କଣ ଭାବିବେ ସତରେ । ବଡ଼ ବିବ୍ରତ ହେଉଥିଲା କାଂଚା । ବାପା ତା ବିଷୟରେ କିଛି ଭାବି ବସି ଦୁଃଖିତ ହେବେ ଯଦି, ସେ ସବୁ ସହି ପାରିବ ? କିନ୍ତୁ ବୃଦ୍ଧ ପିତାଙ୍କର ମନରେ କୌଣସି ପ୍ରକାର ଆଘାତ ମୋଟେ ତାର ସହ୍ୟ ହେବ ନାହିଁ,······ ଅନେକ ସମୟ ପରେ ଦୃଢ଼ତା ସହିତ ସିଦ୍ଧାନ୍ତ କରିଥିଲା ସେ··· ଯାହା ହେବାର ଥିବ ହେବ । ବର୍ତ୍ତମାନ ଆଜି ଚିନ୍ତାକର ଲାଭ ବା କଣ ?··· ସାମାନ୍ୟ

ସାଂତ୍ୱନା ପାଉଥିଲା କାଂତା । ଶୋଇବାକୁ ଚେଷ୍ଟାକରି ବିଫଳହେଲା କିନ୍ତୁ । ସଚେତନ ମନରୁ ସମସ୍ତ ଦୁଃଶ୍ଚିଂତାକୁ ଘଉଡ଼ାଇ ପାରି ଦୂର କରି ଦେଲେବି ଅବଚେତନ ମନ ଦୁଇହାତରେ ଜଡ଼େଇ ଧରୁଛି ସବୁକଥା । ଯେପରିକି ଶୋଇବା ଅସମ୍ଭବ ହୋଇପଡ଼ିବ ।······ ମାଳତୀ କାଂତାର ଶୋଇବା ଘରକୁ ଲାଗି ଅନ୍ୟଏକ କୋଠରୀରେ ଶୁଏ । ତାକୁ ଡ଼ାକି ଯାଉ··· ଏଇ କୋଠରୀରେ ଶୋଉ ଆଜି, ଅନ୍ତତଃ ଗପ କରୁ କରୁ ଯଦି ନିଦ ଲାଗିଯିବ ।···ମାଳତୀ ଆସିଲା··· କିନ୍ତୁ ଆସିବା ସଙ୍ଗେ ସଙ୍ଗେ ପଚାରୁଥିଲା···

"ଦେଇ । ସେ ବାବୁ କ'ଣ କରନ୍ତି କି ?"

ତୋ' ମୁଣ୍ଡରେ କାହିଁକି ତାଙ୍କ କଥା ଏତେ ପଶିଛିଲୋ ? କାଂତା ପଚାରୁଥିଲା······

"ଭାରି ଭଲ ମଣିଷଟିଏ··· ତମକୁ କେତେ ଆଦର କରନ୍ତି ନାହିଁ ସତରେ, ମୋତେ ଲାଗେଇ କିଛି ଲାଭ ନାହିଁ । ଏମିତି କଣ ପିଲାଟିଏ ହୋଇଛୁ ମୁଁ ?"

ଦୀର୍ଘ ନିଶ୍ୱାସ ତ୍ୟାଗ କଲା କାନ୍ତା, ମନକଥା ମନରେ ରଖି କହିଲା—

"ମାଳ । ମଣିଷ ଯାହା ଖୋଜେ, ତା' କଣ ସତରେ ପାଏ ? ମଣିଷର ଇଚ୍ଛା କଣ ପୂର୍ଣ୍ଣ ହୁଏ ସତରେ ?"

"କାହିଁକି ହବନାହିଁ ଦେଇ । ଭଗବାନ ଚାହିଁଲେ କେଉଁ କଥା ହେବ ନାହିଁ ?"

ନୀରବ ହେଇଥିଲା କାଂତା—ମାଳତୀ ବି କହୁସାରି ଚୁପ ହୋଇ ରହିଥିଲା ଅନେକବେଳ । ନୀରବତା ଭଙ୍ଗକରି ମାଳତୀ କହୁଥିଲା, "କଣ ଶୋଇ ପଡ଼ିଲଣି ନାକି ?"

'ନା'—

ଅନେକ ବେଳ ଏଣୁ ତେଣୁ ବସୁଥିଲେ ସେମାନେ, ବେଳେବେ-ଳେ ସେ ଭାଂଗିର ଅଖିରେ ନିଦ ଆସିଲା ବେଳାଣି, ସକାଳୁ ମାଳତୀ ଅସି ଉଠେଇ ନଥିଲେ ସେ ସୁଏ ଏତ ଅନେକ ବେଳ ଯାଏ ଶୋଇ ପଡୁ ଥାଆନ୍ତା । 'ବୋଉ !— ବୋଉ ମ ! ଅଖି ମଳି ମଳି ମାଳତୀ ଡାକରେ ଉଠୁଥିଲା ସେ । ମାଳତୀ ହସି ହସି ଅନ୍ଧ-ହାସ ଛଳରେ କହୁଥିଲା — ବୋ ଏମିତି ସୁନ୍ଦର ସକାଳ ହେଉଥିଲା ନା ?—ଉଠିଲ ଅସି ଅଉ ନହେଲାଣି ।"

'ଆଉଥରେ ଶୁଣ ଯାଏଁ କହିଲୁ ନାହିଁ'

ମୁଁ କହୁଥିଲି ନା କହିବ ବସିଥିଲ ଏବେ ?

ମୁରୁକି ହସି ଚୁଲିଗଲା ସେ । —ତା'ର ଗାଲେଇ ରଖା ପାଇଁ ପାଣିର ବ୍ୟବସ୍ଥା କରି ଦେବାକୁ ଚାଲିଗଲା ମାଳତୀ । ଅନେକ ସମୟ ମୋତେ ଲଜ୍ଜା ଆଉ ତାଙ୍କ ମିଠେଇ ମାଳୁକ ଲାଗେ ଦେଖି ଦେଖି ମାଳତୀ କହୁ ଥିଲା ।

" ଏଥର ଖୁଡ଼ିଆଣ ବାବୁ ଆସିଲେ—"

'କଣ ଖବର ଆସିଲେ କିରେ !'

'ଆସିଲେ ଝେଡ଼େଇଦେଲି କଥାଟି କରି ଦେବି ।

'କୋଉ ଏଠି କରଥା ତାଙ୍କ ପାଇଁ ?'

"ତମ ପାଇଁ ସିନା !" ଧୀରେ ଧୀରେ ତାଙ୍କ କୋଳରେ ଲାଗି ଶାଇଥିଲା ମାଳତୀ । ଅନୁ ଶ୍ରୁ ବନ୍ଧ ଲଗରେ ଅସ୍ପଷ୍ଟ ଜେଳ ଜଳା ଦେଖରେ ଧୀରେ ଧୀରେ ଭର ସଙ୍କୁଳନ କରୁଥିଲା ସେ । ଘରୁଏ ପରେ ତାଙ୍କ ଛାତିରେ ନମନ ଲଗାଇ ମାଳତୀ କହୁଥିଲା,

"ଅଜି ସକାଳୁ ସକାଳୁ ତାଙ୍କ କଥା ପଡ଼ୁଛି ଥିଲେ ଭାଗ ! ...

'ଏଁ ? ...

'ହଁ ମ, ମୁଁ କଣ ମିଛ କହୁଛି ?'...ତା'ର ଏଇ କଥା ଅତି ସରଳତାସହ କଥିତ ହୋଇ ଥିଲେହେଁ କେମିତି ଏକ ଅହେତୁକ ଭୟ ଓ ଲଜ୍ୟାର ଭାବ ଜଗାଇ ଥିଲା କାଂତା ମନରେ...ଧୀରେ ଧୀରେ ଖଟ ଉପରେ ହାତ ବୁଲାଇ ଆଣୁଥିଲା କାନ୍ତା। ସାମାନ୍ୟ ରୁକ୍ଷ କଣ୍ଠରେ କାଂତା କହିଲା...

"କାଲେ କଣ କହୁ ଥିଲେ..."

"କିଛି ନାହିଁ ମ, ଖାଲି ତାଙ୍କ କଥା ପଚାରୁ ଥିଲେ "

"କିଛି ତ ଫେର କହୁଥିବେ—

"କହୁଥିଲେ ସୁବୋଧ କେମିତି ପିଲା ? ...ମୁଁ କହିଲି ଖୁବ ଭଲ...ତମେ କାଲି ଯାହା କହୁଥିଲ ପ୍ରାୟ ସବୁ କଥା କହିଦେଇଛି... ।"

'କାଲେ, କଣ ଭାବିବେ ବାପା !

'ଭାବିବେ କଣ ? ସେ କଅଣ ଜାଣନ୍ତି ନାହିଁ ? ...ମନେ ମନେ ବିରକ୍ତ ହେଉ ଥିଲା ତା' ଉପରେ କାଂତା । କହିଲାନି କିଛି । ସେଇ ବିରକ୍ତି ସାଙ୍ଗରେ କେମିତି ଏକ ଖୁସି ବି ଲାଗୁଥିଲା । ମନ ତଳେ କେମିତି ଏକ ଭୟ ବି ଥିଲା —କେମିତି ଏକ ବିଭୋର ହେବାର ଭାବ ବି ଥିଲା...

"ତଥାପି ବି ସାମାନ୍ୟ ବିରକ୍ତି ମିଶା ସ୍ୱରରେ କହୁଥିଲା କାଂତା — ସେ ଜାଣିବେ କେମିତି ? ତୋତେ ବା କିଏ କହୁଥିଲା ଏସବୁ କହିବାକୁ ପୁଣି ବାପାଙ୍କ ପାଖରେ ?"

"ଏଥିରେ ମୋର ଦୋଷ କଣ ? ବାପା ପଚାରିଲେ, ମୁଁ କହିଲି ସେ କହିଲେ ତାଙ୍କ ଅଫିସ ବକ୍ସପୁରରେ ସେ ଅନେକ ଆଗରୁ ଶୁଣିଛନ୍ତି । ସୁବୋଧ ବାବୁଙ୍କୁ ବି ସେ ଦୁଇଚାରି ଥର ଦେଖିଛନ୍ତି, ଜାଣିଛନ୍ତି । ସେ ନିଶ୍ଚିନ୍ତ କହୁଥିଲେ—" ମାଳିନୀ ସାମାନ୍ୟ ଶଙ୍କି

ଗଲା ।ଭ୍ରାନ୍ତି । ଅନୁଭବ କରୁଥିଲା ମାଳତୀର ଅବସ୍ଥା । କହୁଥିଲା—
“ମୁଁ କହିଲି ବୋଲି ଦୁଃଖ କଲୁ ମାଳ ?”

ମୁଣ୍ଡ ହଲାଇ ନାଇଁ କଲା ମାଳତୀ !

ସାରା ଦିନ ଅନେକ ଛଳନା କରିଛି କାଂତା ବାପାଙ୍କ ଆଗକୁ ନଯିବାକୁ । ସେବ କେଜାଣି କାହିଁକି ଯେ ଡାକୁ ନାହାନ୍ତି । ସକାଳେ ଖାଇବା ବେଳେ ଡାକିଥିଲେ । ବାପା ଝିଅ ଏକା ସଙ୍ଗରେ ସବୁ ଦିନ ଖାଆନ୍ତି । ସକାଳେ କାନ୍ତୁ ଡେରରେ ଜଳଖିଆ କରିଥିବା ହେତୁ ଭୋକ ନଥିବାର ବାହାନା କରିଥିଲା କାଂତା-ସେ ବି କାଉ କଲେ ନାଇଁ । କାଂତା ଖାଇ ସାରିବା ପରେ ମାଳତୀକୁ କହିଲା “ଯା ତ ମାଳ ! କାଲିର ସେ ବହିଟି ବାପାଙ୍କ ଶୋଇବା ଘରେ ଥିବ ନେଇ ଆସିବୁ !”

‘କାହିଁ ତମେ ଯାଉନ ?’

‘ନାଇଁ ମ ବାପାଥିବେ’

କଣ ହେଲା ଥିଲେ ?

‘ଯା ନା ତୁ ? ଅଜବକାଳି ଗୁଡ଼ାଏ କାହିଁକି କଥା କହୁଛୁ ।’ ମାଳତୀ ଚାଲି ଗଲା । ହରମୋହନ ବାବୁ ମାଳତୀକୁ ପଚାରିଲେ “କଣ କହୁଛି କି କାଂତା ?

କିଛି ନାହିଁ । ଖାଇ ସାରି ବହିଟି ପଢ଼ିବେ ବୋଲି ଆଣିବାକୁ କହିଲେ —

“ହଉ ନେ ମୁଁ ବି ପଢ଼ି ସାରିଛି ।”

କାଂତାକୁ ବହି ଖଣ୍ଡିକ ଦେଇ ଏକୁଟିଆ ଘୁଞ୍ଚି ଚାଲି ଗଲା ମାଳତୀ । ଅନେକ କାମ ବାକି ପଡ଼ିଛି । କାଂତା ବିଛଣା ଉପରେ ପଡ଼ିରହି ‘ମାଳତୀର’ ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଯାଉ ଥିଲା । କେତେ ସୁନ୍ଦର, କେତେ ବାସ୍ତବ ସତରେ

ଏଇ ଗଳ୍ପ ଗୁଡ଼ିକ ? କାଂଚା ବିଭୋର ହେଉଥିଲା, ମୁଗ୍ଧ ହେଉଥିଲା ତାର ଅଂତର, ସବୁ ଯାକ ଯେ ତାରି କଥା, ସତେ ଯେମିତ ତାରି ଉପରେ ଲେଖା, କେତେ ଖୋଲା ଖୋଲି ଲେଖି-ନାହାନ୍ତି ସତରେ । ଲାଜରେ ସଢ଼ିଯାଉ ଥିଲା କାଂଚା, ସୁବୋଧ ଅସନ୍ତୁ ପଗୁରିବ 'ସତରେ କଣ ଏମିତ ଘଟିଥିଲା ! କଣ ଭାବିବେ ସତରେ ଅନ୍ୟମାନେ । ବିଶେଷକରି ମୋ ସାଙ୍ଗ ସାଥି ଗୁଡ଼ିକ ଏସବୁ ପଢ଼ିଲେ, ଏହାତ ଲୁଚେଇ ହେବନାହିଁ ଯେ ଏଇ ଗଳ୍ପ ଗୁଡ଼ିକର ନାୟିକା ଆଉ କେହି ନୁହେଁ, ସିଏ କାଂଚା ।" କାଂଚା ଭାବି ଯାଉଥିଲା, ମନେ କରୁଥିଲା ଆଉ ସୁବୋଧ ଯେମିତ ତାରି ପାଖରେ ବସିଛି । ସେ ଶୁଣାଇ ଯାଉଛି ଗଳ୍ପ-ଗୁଡ଼ିକ ଆଉ ମଝିରେ ଏଇ ସସ୍ନେହ ଅଭିଯୋଗ କରୁଛି କାଂଚା । ତକିଆ ଉପରେ ମୁହଁ ଲୁଚେଇ ନେଲା କାଂଚା, ଲାଜରେ । ତାଦେ-ହରେ ସବାଗରେ ପରଶ ଦେଇ ସତରେ ଯେମିତ ସୁବୋଧ କହୁଥିଲା, ଏଗୁଡ଼ିକ କଳ୍ପନା ଭିତରେ ବାସ୍ତବ କାଂଚା ! ଏଗୁଡ଼ିକ ତୁମ ଆଉ ମୋ ମନର ସ୍ୱପ୍ନର ପ୍ରତୀକ—

ଜଗତ ଯାହା କହିବ କହୁ···ଯାହା ଭାବିବ ଭାବୁ···ଶ୍ୟାମର କଳଙ୍କ ରାଧା ଦେହରେ ଲାଗି ଥାଉ । ଭାବୁ ଭାବୁ କାନ୍ତା, ଅଧିକ ଖୁସିରେ ଅଧିର ହୋଇ ଯାଉଥିଲା ।

ସେଦିନ ସଂଧ୍ୟାରେ ହରମୋହନ ବାବୁ ହଠାତ୍ କାନ୍ତାକୁ କହିଲେ···"ଗଳ୍ପ ଗୁଡ଼ିକ ପଢ଼ିଲୁ ।"

କାନ୍ତା ନୀରବରେ ତଳକୁ ମୁହଁପୋତି ଠିଆହୋଇ ରହିଲା କିଛି ବୋଲି କିଛି କହିଲା ନାହିଁ । ଆରାମଚେୟାରଟିରେ ବସିରହି ସେ ଦିନର ଖବରକାଗଜ ପଢୁଥିଲେ ସେ । କିଛି ସମୟ ପରେ ପୁଣିକହିଲେ······

ବାସ୍ତବିକ ଗଳ୍ପଗୁଡ଼ିକ ଚମତ୍କାର ଲେଖାଯାଇଛି । ପ୍ରେମମୂଳକ ନିଶ୍ଚୟ, କିନ୍ତୁ ଶୁଦ୍ଧ ଓ ଉନ୍ନତ ଚିନ୍ତାର ବାହକ !" କାନ୍ତା ତଥାପି ବି ନୀରବ ଥିଲା । ତାଙ୍କୁ ମୁହଁ ପୋଡ଼ି ଏପରି ଭାବରେ ନୀରବପରି ଠିଆ ହୋଇଥିବାର ଦେଖି ବୃଦ୍ଧ ଆଦରରେ ପଚାରିଲେ, "କ'ଣ ମା ! ଠିଆ ହେଲୁ ଯେ ?" ପାଖରେ ପଡ଼ିଥିବା ଆଉ ଏକ ଚେୟାରରେ ବସିପଡ଼ିଲା କାନ୍ତା ।

"ସୁବୋଧ ସହିତ ମୋର ଆଳାପ ପରିଚୟ ନାହିଁ—କିନ୍ତୁ ତା ସମ୍ପର୍କରେ ମୁଁ ଅନେକ ଆଗରୁ ଜାଣିଛି । ଏଠିକି ତ ସେ କେବେ ଆସେନି ?"

"କେବେ କେମିତି ଆସନ୍ତି !" କେମିତି ମୁହଁପୋଡ଼ି ଉତ୍ତର ଦେଲା କାନ୍ତା ।

"ମୁଁ କେବେ ଦେଖିନି ତ ?"

"......ଆପଣଙ୍କ ପାଖକୁ କଲେଜ କାମରେ ଥରେ ଦୁଇଥର ଆସିଛନ୍ତି । ଏଇ ଗତ କାଲି ମୁଁ ବାରବାର ଡାକୁଥିବାରୁ ସେ ଆସିଥିଲେ, ବହିଟି ଦେଇ ଚାଲି ଗଲେ ।"

"ହୁଁ"......

ଏଇ "ହୁଁ" ଟିରେ ଅନେକ କଥା ଗୋପନ ରଖିଦେଇ ଥିବା ପରି ମନେ ହେଉଥିଲା କାନ୍ତାର । ଅନ୍ତରତମର କେଉଁଠି କେମିତି ଏକ ଭୟ ଜାଗୁଥିଲା । "ବାପା ଭୁଲ ବୁଝିବେ ନାହିଁ ତ ?" ତଥାପି ବି ସେ ମନକୁ ସାନ୍ତ୍ୱନା ଦେଉଥିଲା । "ସେତ କୌଣସି ପ୍ରକାର ଭୁଲ କରିନି !"

ଅନେକ ସମୟ ପର୍ଯ୍ୟନ୍ତ ଉଭୟେ ନୀରବ ଥିଲେ । ଚୁପ ଗଲାବେଳେ ନୀରବତା ଭଙ୍ଗକରି ସେ କହିଲେ

ଏ ସବୁ ପାଇଁ ଅନେକ କିଛି ଭାବିବାକୁ ହୁଏ ମା' ! ଏହି ଛୋଟିଆ କଥା ଉପରେ ମଣିଷର ଅନେକ କିଛି ନିର୍ଭର କରେ । ମୁଁ ଭାବୁଛି ମା' ମୋର ଭୁଲ୍ କରିନାହିଁ । ତୋ'ର ଖୁସି ମୋର ସବୁକିଛି । ସୁବୋଧ ଭାରି ଭଲ ପିଲା, ତା ପାଇଁ କି ମୋ ମନରେ ଯଥେଷ୍ଟ ଶ୍ରଦ୍ଧା ରହୁଛି !" କାନ୍ତା ଉଠି ଠିଆହେଲା, ଚାଲି ଆସିବାକୁ ପାଦ ବଢ଼େଇଲା ଆଗକୁ । ଖୁସି ଆଜି ଲାଜରେ ସୁନ୍ଦର ଦେଖା ଯାଉଥିବା ତା'ର ସେଇ ମୁହଁଟିର ଭାବ ଲେଶ୍ ବୁଝିପାରୁଥିଲେ ବ୍ରଜମୋହନ ବାବୁ; କାନ୍ତା ଚାଲି ଯାଉଥିଲା. ସେ ପଛରୁ ଡାକି ପଚାରିଲେ "ଆଜି ତମମାନଙ୍କର ପରୀକ୍ଷାଫଳ ବାହାରିବା କଥା ନା ?"

"କଟକରେ ବାହାରିଥିବ, କାଲି ଜଣା ପଡ଼ିଯିବ ଏଇଠି" କାନ୍ତା ଉତ୍ତର ଦେଲା !"

ଚାହିଁବାର ବୃଦ୍ଧ ବ୍ରଜମୋହନ ବାବୁଙ୍କ ମନରେ ସୁବୋଧ ପାଇଁ ଲୋଭ ଥିଲା । ଅନେକ ଥର ବିଭିନ୍ନ ସାଂସ୍କୃତିକ ଉତ୍ସବରେ ତା'ର ଭାଷଣ ଦେବା ସେ ଶୁଣିଛନ୍ତି । ଅତି ସୁଚିନ୍ତିତ ଭାଷଣ, ଅତି ସାରଗର୍ଭକ ଭାବ ବକ୍ତୃତା, ତା'ର ଅନେକ ଗଳ୍ପ କବିତା ବିଭିନ୍ନ ସମୟରେ ପଢ଼ିବାକୁ ପାଇଛନ୍ତି ସେ । ପ୍ରକୃତି ବି ଅତି ସୁନ୍ଦର. ବ୍ୟବହାର ଅତି ସୁନ୍ଦର । ସର୍ବଗୁଣ ସଂପନ୍ନ ଏଇ ଯୁବକଟି ଅନେକ ଧନୀହେଲା ବୃଦ୍ଧଙ୍କର ହୃଦୟତଳେ ଆସନ ଜମେଇରହିଛି । ଦାରିଦ୍ର୍ୟ କୌଣସି ଏକ ଅଯୋଗ୍ୟତା ନୁହେଁ, ଯାହାପାଇଁ ବ୍ରଜମୋହନବାବୁ ଚିନ୍ତା ନା କରିବେ !

ଇହିଁ ଆରଦିନ ସକାଳ ଏକ ଶୁଭ ସଂବାଦ ନେଇ ଆସୁଥିଲା ଖାଲି ଓ କାନ୍ତା । ଉଭୟେ ଇଣ୍ଟରମେଡ଼ିଏଟ୍ ପାସ୍ କରିଛନ୍ତି । ବ୍ରଜ

ହରମୋହନ ବାବୁ ଆନନ୍ଦରେ ଅଧୀର ହୋଇ ଉଠିଛନ୍ତି ଟେର୍ ଏତିକିବେଳେ ପୁଣି ଏକ ଶୁଭ ସମ୍ବାଦ ଦେଇଯାଇଛି କାନ୍ତା ।

ସୁବୋଧ ବି. ଏ. ପାଶ କରିଛି । ୟୁନିଭରସିଟିରେ ପ୍ରଥମ ସ୍ଥାନ ମିଳିଛି ତାକୁ ।

ସୁବୋଧ ଏହା ପୂର୍ବରୁ କେବେ ହେଲେ ଅନୁଭବ କରି ନଥିଲା ଯେ କାନ୍ତା ତା'ର ଜୀବନ ଉପରେ ଏତେ ପ୍ରଭାବ ପକାଇଛି । ଏତେ ଅନ୍ତରଙ୍ଗ ହୋଇଛି ସେ । କାନ୍ତାର ମୁହୂର୍ତ୍ତିକର ଅଭାବ ତା' ପକ୍ଷରେ ଏତେ ଦୂର ଅସହ୍ୟ ହୋଇ ଉଠିବ ଏ କଥା ଜୀବନରେ କେବେହେଲେ ବିଶ୍ୱାସ କରି ନଥିଲା ସୁବୋଧ ।

ଆଜିକୁ ସାତଦିନ ହେଲା କାନ୍ତା ସହିତ ସାକ୍ଷାତ ହୋଇନି ସୁବୋଧର । କେତେ ଦୁଃଖ, କେତେ ବ୍ୟଥା ଭିତରେ ବିତିଯାଇଛି ଏଇ କେତୋଟି ଦିନ । ଆପଣାର ହୃଦୟ ତଳେ କାହାରି ଏକ ବିରହତା ଅନୁଭବ କରୁଥିଲା ସୁବୋଧ—କାହାରି ଏକ ବିରହ ଆଲୋଡନ ଜାଗୁଥିଲା ସତରେ ଯେମିତି - ଯେଉଁ ଆଲୋଡନରେ ଥିଲା ଏକ ନବୀନ ସଜୀବତା । କିନ୍ତୁ ସେ ଦୁଃଖ, ସେଇ ବ୍ୟଥାର କାରଣ ଖୋଜି ପାଉ ନଥିଲା ସୁବୋଧ । କେବଳ ଅନୁଭବ କରୁଥିଲା, କାନ୍ତାର ସାନିଧ୍ୟ ସତେ ଯେପରି ତା'ର ନିହାତି କାମ୍ୟ । ନିହାତି ପ୍ରୟୋଜନୀୟ ହୋଇ ଉଠିଛି ।

ବୋଉ ସାତଦିନ ହେଲା ପୀଡ଼ିତା । ଭୀଷଣ ଜ୍ୱର ହେଉଛି... ମୋଟେ ଉଠୁନି ନାହିଁ । ଡାକ୍ତର ଦୁଇଦିନ ହେଲା ମତ ଦେଇଛନ୍ତି

"ଟାଇଫୋଏଡ଼" । ଘର ଗୁଡ଼ ଏଣେ ତେଣେ ଯିବାଟା ଅଧେ ! ଚିତ ସମ୍ଭବ ହୋଇନା ସୁବୋଧର ।

ସୁବୋଧର ପରିବାରରେ କେବଳ ମାତ୍ର ଜଣେ । ସେ, ଅଜି ତା'ର ମାଆ । ତଥାପି ବି ସୁବୋଧ ଘର କଥା ଜାଣେ ନାହିଁ । ପିଲାଟି ଦିନରୁ ପିତୃହରା ସୁବୋଧ । ମାଆର ହାତରେ ସେ ମଣିଷ ହୋଇଛି ।

ସୁବୋଧ ସି ତାଙ୍କର ମୃତ୍ୟୁ ବେଳକୁ ଘରେ ଆଉ କିଛି ବୋଲି କିଛି ନଥିଲା । ରହିବାକୁ ଅତି ସାଧାରଣ ଘର ଖଣ୍ଡିଏ ଓ କେବଳ ମାତ୍ର ଶିଶୁ ସୁବୋଧ ଓ ଏକ ସିଲେଇ ମେସିନ୍‌ର ସମ୍ବଳ ହୋଇ ଯାଇଥିଲେ ସେ···ନାରୀ ମହଲରୁ କାର୍ଯ୍ୟ ସଂଗ୍ରହ କରି ଯେଉଁ ଦୁଇ ପଇସା ମିଳେ ସେଥିରେ ଏତେଦିନ ଚଳିଛି···ସେଇ ତାଙ୍କର ଏକମାତ୍ର ଆଶା; ସୁବୋଧ ବଡ଼ ହେବ···ମଣିଷ ହେବ··· ରୋଜଗାର କରିବ···ବିବାହ କରିବ···ତାପରେ ଆଉ ତାଙ୍କର ଦୁଃଖ ବୋଲି କିଛି ରହିବ ନାହିଁ । ନାତି ନାତୁଣୀ ଗହଣରେ ସେ ପୁଣି ଶିଶୁ ପାଲଟି ଯିବେ···ହସି ଖେଳି ଅବଶିଷ୍ଟ ଜୀବନ ଚିନ୍ତାହୀନ ଭାବରେ ବିତିଯିବ ।······କେତେ ମଧୁ କଳ୍ପନା କରନ୍ତି ରୁକ୍ମିଣୀ ଦେବୀ ।···ଅକ୍ଳାନ୍ତ ପରିଶ୍ରମ କରି ଘରକୁ ଫେରିବା ବେଳେ ଦୁଇଟି ସରଳ ଆଖି ତା'ର ପ୍ରତୀକ୍ଷାରେ ଚଞ୍ଚଳ ହୋଇ ଉଠେ··· ତା'ର ଆଗମନରେ ହାସ୍ୟ ଉଜ୍ଜ୍ୱଳ ହୋଇ ଉଠନ୍ତା···ଦୁଇପଦ ମଧୁର କଥା···ନିଷ୍କପଟ ସରଳ ହସର ଭିତରେ ଭରି ଉଠନ୍ତା ଏଇ ଘର······ । ବୋହୂ ପାଦର ରୁଣୁଝୁଣୁ ନୂପୁର କେତେ ଆନନ୍ଦ ଦିଅନ୍ତା ମାଆକୁ !!········· ସୁବୋଧ ଭାବୁଥିଲା···ତା'ର ଅଳକ୍ଷରେ କେତେଣି କାହିଁକି ହୃଦୟ ତଳେ ସଜୀବ ହୋଇ ଆଖି ଆଗରେ ନାଚି ଉଠୁଥିଲା ଆକାଶ ଓ ସାଗର ପରି ପ୍ରଶାନ୍ତ ଦୁଇଟି

ହୃଦୟରେ ତାରକା ।···କାନ୍ତାର ହସିଲା ମୁହଁ । ହାସ୍ୟରେ ବାନ୍ଧି ଏଣ୍ଡା । ଜୀବନର ଜ୍ୱଳନ୍ତ ଅଭିଳାଷ; ଭଗ୍ନାଗାର ସମ୍ରାଟ ହେବାର ପରିକଳ୍ପନା·· ଚିର କୁତ୍ସିତର ସୁନ୍ଦର ହେବାର ବାସନା । ଅସମ୍ଭବ କୋଠାଏ କଥାର ଆଶା ତା କାହିଁକି ରଖୁଛି ସୁବୋଧ ? କାହିଁ କାନ୍ତା—କାହିଁ ସୁବୋଧ···ଆକାଶ ପାତାଳ ତଫାତ୍—ଧନ ଓ ରକ୍ତର ଫରକ·· ଜ୍ୟୋତି ଓ ଅନ୍ଧକାରର ପ୍ରଭେଦ ।

ସୁବୋଧ ଆଜି ଅନୁଭବ କରୁଥିଲା ସତେ ଯେପରି ସେ କାନ୍ତାକୁ ଭଲ ପାଇ ବସିଛି···ହେଲେ ଅସମ୍ଭବ···ଅସମ୍ଭବ ଏ ଆଶା । ବୃଥା ଏଇ ହୃଦୟ ତଳର ସମସ୍ତ ବ୍ୟାକୁଳତା···ପ୍ରେମ୍ ଉପରେ ଅସଂପୂର୍ଣ୍ଣ କାନ୍ତାର ପ୍ରତିକୃତିଟି ହସି ଉଠୁଥିଲା । ଯେମିତି··· ସତେ ଯେମିତି କହୁଥିଲା···ମଣିଷ ଯାହା ଖୋଜେ ତାହା ପାଏ, ମଣିଷର ଆଶା ପୂରଣ ହୁଏ ନିଶ୍ଚୟ ଯଦି ପବିତ୍ରତା ଥାଏ ତହିଁରେ, ଯଦି ତାହା ସହୃଦୟତା ପୂର୍ଣ୍ଣ···ବ୍ୟସ୍ତ ହେଉଥିଲେ ସୁବୋଧ··· ହୃଦୟ ତଳେ କାପରି ଏକ ବାଥାର ଅନୁଭବ କରୁଥିଲା ସେ ।

"ସୁବୋଧ··· ! ପ୍ରାଣ ଭରି କ୍ଷୀଣ କଣ୍ଠରେ ଡାକୁଥିଲେ ମାଆ··· । ଦେହରେ ସେମିତି ତାଙ୍କ ଅଛି ସାତୋଟି ଦିନରେ ସଂପୂର୍ଣ୍ଣ ଶୀର୍ଣ୍ଣ ହୋଇଯାଇଛନ୍ତି ସେ । ପାଖରେ ଯାଇ ଠିଆହେଲା ସୁବୋଧ··· ।

"ଡାକ୍ତର କଣ କହୁଥିଲେ ?"

"ହଁ···କେତୋଟି ଔଷଧ ଦେଇ କହି ଯାଇଛନ୍ତି ।

"ନେଇ ଆସିବୁ ତାଙ୍କର ପାଖରୁ ?"

"ନା-କିଣିବାକୁ ହେବ !"

"ଆଜ !" କେତେ ନିସହାୟ ଭାବ ସତରେ ନଥିଲା ! ···ଙ୍କର ସେଇ କଥାରେ ?···ଏତେ ଅଭାବ ଏତେ ବ୍ୟସ୍ତତା, ···ତେ ଦୁଶ୍ଚିନ୍ତା ତୁ ସହି ପାରବୁ ନାହିଁ କାନ୍ତା···ଅସମ୍ଭବ !

"ମୁଁ ଆସୁଛି ଔଷଧ ନେଇ"·····ଗୁଡ଼ିଲା ଆସିଲା ସୁବୋଧ । ହାତରେ ଗୋଟାଏ ବୋଲି ପଇସା ନାହିଁ·····ଔଷଧ ଦୋକାନ ଦାମ ହେବ କେତେ କେଜାଣି । ଆଣିବାକୁ ହେବ ଯିମିତି ହେଉ । ପୁଣି ଡାକ୍ତର ? ସେହି କହିଯାଇଛନ୍ତି ତାଙ୍କର ଫିସ୍ ବାବଦକୁ କିଛି ଦେଇ ଆସିବାକୁ । ତାଙ୍କୁ କିଛି ଅପେକ୍ଷା କରିବାକୁ ଅନୁରୋଧ କରାଯାଇ ପାରେ—ମାତ୍ର······ !

ଦେଶାଇବାବୁଙ୍କ କଥା ଦଣ୍ଡେ ଭାବିଲା ସୁବୋଧ । ଭାରି ଭଲଲୋକ ସିଏ । ଜଣେ ନାମୀ ବ୍ୟବସାୟୀ ଅନେକ ଥର ବିଭିନ୍ନ ସାହିତ୍ୟିକ ଅନୁଷ୍ଠାନ ସମ୍ପର୍କରେ ସୁବୋଧ ତାଙ୍କ ପାଖକୁ ଯାଇଛି । ଅନେକ ସମୟରେ ଏଇ ଅନୁଷ୍ଠାନ ଗୁଡ଼ିକକୁ ସାହାଯ୍ୟ ବି କରିଛନ୍ତି ସେ । ସୁବୋଧର ପ୍ରଶଂସାରେ ସେ ଶତମୁଖ·····ତା ପରେ ସିଏ ନିଜେ 'ଦେବଜ୍ୟୋତି ମେଡ଼ିକେଲ ହଲ୍'ର ମାଲିକ । ଟଙ୍କା ନହେଲେ ଔଷଧଟିକ ତ ତାଙ୍କର ପାଖରୁ ଧାର ସୂତ୍ରରେ ଅଣାଯାଇ ପାରିବ ? ଗଭୀର ସନ୍ତାପ ଭିତରେ ବି କ୍ଷୀଣ ଆଶାର ଏକ ଶିଖା ଦେଖିଥିଲା ସୁବୋଧ ।

······ସାମନାରେ "ଜନତା ପୁସ୍ତକାଳୟ", ପାବ୍ଲିଶର ପ୍ରକାଶକ ଏମାନେ । ଅନ୍ତତଃ କିଛି ଟଙ୍କା ପାଇଁ କୁହାଯାଇ ପାରେ । ପାବ୍ଲିଶି ବାବତକୁ ତାକୁ ତ ମିଳିବ କିଛି ନିଶ୍ଚୟ । ବଡ଼ ଆଶାନେଇ ଦୋକାନ ଉପରକୁ ଉଠି ଆସୁଥିଲା ସୁବୋଧ । ଦୋକାନ ମାଲିକ ନୀଳାମ୍ବର ବାବୁ ସଭକ୍ତି ଆସନ ତ୍ୟାଗକରି ଅଭିବାଦନ ଜଣାଇ କହୁଥିଲେ·····ନମସ୍କାର ! ······ ନମସ୍କାର ସୁବୋଧ ବାବୁ··· ଆରେ ଏ, ଏ, ବଟ ! ଚଉକି ଦେ ବାବୁଙ୍କୁ !

ବସିଲା ସୁବୋଧ ।

"ଗୁ' ଖା'ନ୍ତି ନିଶ୍ଚୟ !"

"ନା'—ଦରକାର ନାହିଁ········।" ନୀଳାମ୍ବର ବାବୁଙ୍କ କାନ୍ଧ ମିଳିଗଲା ଯେମିତି । ସ୍ୱଭାବତଃ କୃତଜ୍ଞତାର ଭଙ୍ଗୀରେ ଅନେକ ପ୍ରସଙ୍ଗ ପରିବର୍ତ୍ତନ ଉଦ୍ଦେଶ୍ୟରେ ଆରମ୍ଭ କରିଦେଲେ—

"ବୁଝିଲେ ନାଁ ସୁବୋଧବାବୁ ! ପାର୍ବତୀ'ର ପ୍ରଶଂସା ସବୁଠେଇଁ—ଯେଉଁମାନେ ପଢିଲେଣି ସବୁରି ମୁହଁରେ ତା'ର ପ୍ରଶଂସା ! ଏଇ ଅଳ୍ପଦିନ ଭିତରେ ମୋଟେ ଦେଢଶ କପି ସରିଛି······!"

ଆନନ୍ଦ ହେବାର ଚେଷ୍ଟାକଲା ସୁବୋଧ । ନରମ ଗଳାରେ କହିଲା,···"ଦେଖନ୍ତୁ ମୁଁ ଏକ ଜରୁରୀ କାମରେ ଆସିଛି !"

"କ'ଣ ଆପଣଙ୍କର କମ୍ପ୍ଲିମେଣ୍ଟାରୀ କପି ଯାଇନି ନା' କ'ଣ ?"

"ନା' ତା' ତ ଯାଇଛି······ତେବେ ମୁଁ ସେ କାମରେ ଆସିନି···!"

ନୀଳାମ୍ବର ବାବୁ ସୁବୋଧ କଥା ଆଂଶିକ ଶୁଣୁଥିଲେ ବୋଧହୁଏ······କହିଲେ—"ବଟୁ ! ଏ ବଟୁ । ପାର୍ବତୀ ପାଞ୍ଚକପି ବାନ୍ଧିଦେଲୁ !"

"—ମୁଁ ଆଜ ଏକ କାମରେ ଆସିଥିଲି···?"

"କୁହନ୍ତୁ !"

"ଘରେ ମାଆ ଶକ୍ତ ପୀଡ଼ିତା······ମୋର କେତୋଟି ଟଙ୍କାର ଦରକାର ଥିଲା······ଦେଇପାରନ୍ତେ ଯଦି······।"

"ପାର୍ବତୀର ବିକ୍ରି ସେମିତିତ ବିଶେଷ କିଛି ହୋଇନି······ ଦେଖୁଛନ୍ତିତ ବଜାର କେମିତି ମାନ୍ଦା । ଏମିତି ଅବସ୍ଥାରେ ମୁଁ ମୋଟେ ସାହାଯ୍ୟ କରିପାରୁନି

ସୁବୋଧବାବୁ, ଅପନେଙ୍କୁ ଅପଣଙ୍କର ଆବଶ୍ୟକ ସମୟରେ କିଛି ଦେଇ ନ ପାରି ମୁଁ ଭାରି ଦୁଃଖିତ ।”

ସାହାଯ୍ୟ କରିଥାଅନ୍ତେ ନୀଳାମ୍ବର ବାବୁ । ···ଦାନ ଦେଇ ଥାଅନ୍ତେ ଯେମିତି । ଲେଖକଙ୍କ ବନ୍ଧୁ ବର୍ଗ ନିଜେ ଢୋଲ ଢୋଲି ଲେଖକ ବନ୍ଧୁକୁ ପଥର ଭିକାରି କରିବାରେ ତ ଓଡ଼ିଆ ପ୍ରକାଶକ ଦଳଙ୍କର ବେଶ ଆନନ୍ଦ । ଆଜି ନୀଳାମ୍ବର ବାବୁ··· କିଛି କହି ପାରିଲା ନାହିଁ ସୁବୋଧ । ବାହାର ଚଣ୍ଡିଲତା ଘର ନୀରବରେ ଖସି ଆସିଲା ରାସ୍ତା ଉପରକୁ ।

···ନମସ୍କାର ସୁବୋଧ ବାବୁ !—ଆରେ ଆସନ୍ତୁ ! “ଦେବଙ୍ଗା” ମେଡ଼ିକାଲ୍ ହଲ ବାରଣ୍ଡା ଉପରକୁ ଉଠୁ ଉଠୁ ନଉଠୁଣୁ କହି ଉଠିଲେ ଦେଶାଇବାବୁ ।

ଚମତ୍କାର ! ବାସ୍ତବିକ ଅପଣଙ୍କର ଲେଖିବାର ଶୈଳୀ ଅତି ଚମତ୍କାର । ବିରାଟ ଅପଣଙ୍କର ପ୍ରତିଭା । ଅପଣମାନେଇଁ ଏ ଦେଶର ଗୌରବ । ····· ଅସନ ଗ୍ରହଣ କଲା ସୁବୋଧ । ଦେଶାଇବାବୁ ସହାନୁଭୂତିଶୀଳ କଣ୍ଠରେ ପଚାରିଲେ—“ଆଜି ଖବର କ'ଣ······ ଭଲ ନିଶ୍ଚୟ !”

“ହଁ ସେମିତି !” ଉତ୍ତର ଦେଲା ସୁବୋଧ ।

“ଏଇ ଗତ କାଲି ଅପଣଙ୍କର ଗଳ୍ପ ସଙ୍କଳନଟି ପଢ଼ିବାର ସୌଭାଗ୍ୟ ପାଇଲି······ ।”

ଏତେ ସୁନ୍ଦର ହୋଇଛି ଯେ, ତାର ପ୍ରଶଂସା କରିବାର ସାମର୍ଥ ମୋ ପାଖରେ ନାଇଁ ।

ବୃଥା ସମୟ ନଷ୍ଟକରିବାର ଧୈର୍ଯ୍ୟ ସେତେବେଳେ ସୁବୋଧର ନଥିଲା । ପକେଟରୁ ପ୍ରେସକ୍ରିପ୍‌ସନ୍‌ଟି ବାହାର କରି କହିଲା··· “ଦେଖନ୍ତୁ ତ ଏଇ ଔଷଧ···

ତ ଗଳ୍ପଟାକୁ ହାତକୁ ନେଇଲେ ଦେଶାଇ ବାବୁ । ଅମୂଲ୍ୟଚନ୍ଦ୍ର ପଢ଼ି ଗଲେ ଥରେ ··ଗମ୍ଭୀର ଗଳାରେ ଉତ୍ତର ମିଳିଲା —"ଅଛୁ ସମ୍ଭବତ ଏଥିରୁ ।

"ବର୍ତ୍ତମାନ ମୁଁ କିନ୍ତୁ ମତାମତ ଦେଇ ପାରିବି ନାହିଁ ଦେଶାଇ ବାବୁ । ମୋର କଥା ତ ଆପଣଙ୍କୁ ଅଛପା ନାହିଁ । ପରେ ଧୀରେ ଧୀରେ ଦେଇ ଦେବି···"

ନା-ନା ମୋର ଆପଣଙ୍କୁ ଅବିଶ୍ୱାସ କରିବା କଣ ଅଛି ? ତେବେ କଥା କଣକି ଏପରିତ ଜାଣନ୍ତି ଦୋକାନଟି ମୋର ଏକମାତ୍ର ନୁହେଁ ଶଶୀ ବାବୁ ଅସନ୍ତୁ । ତାଙ୍କୁ ବୁଝି ଦେବାରେ ମୋର କିଛି ଆପତ୍ତି ନାହିଁ, ଆପଣ ଦୟାକରି କାଲି ଆସନ୍ତୁ ।"

ଅନୁରୋଧର କୌଣସି ଫଳ ହେବନାହିଁ—ଏପରି କି ପ୍ରତିଶ୍ରୁତ ଅସନ୍ତା କାଲି କି ସଫଳତା ଦେବ ଏକଥା ବେଶ୍ ବୁଝି ପାରୁଥିଲା ସୁବୋଧ···

ମାନସିକ ଦୃଢ଼ତା ତ ଯଥେଷ୍ଟ ଥିଲା ସୁବୋଧର କିନ୍ତୁ ସେ ନିଜକୁ କ୍ଲାନ୍ତ, ଅସହାୟ ମନେ କରୁଥିଲା······ପାଦରେ ତା'ର ଅଗ୍ରଗତି ଥିଲା ନିଶ୍ଚୟ, ମାନ ଦୃଢ଼ତା ନଥିଲା । ···ମଥା ଭିତରେ ଝଡ଼-ତୋଫାନର ଆନ୍ଦୋଳନ ଧରି ଫେରିଲା ସୁବୋଧ ।

ହଠାତ୍ ପଛରୁ ଡାକ ଶୁଭିଲା···ସୁବୋଧ ବାବୁ ।" ପଛକୁ ଫେରି ଚାହିଁବା ପରେ ପରେ ତାରି ପାଖରେ ଗୋଟାଏ ରିକ୍ସାରୁ ହସି ହସି ଅବତରଣ କଲା କାନ୍ତା···ରିକ୍ସାବାଲା ସହିତ ତାଙ୍କୁ ଛଡ଼ାଇ ଅଭିଯୋଗ ମିଶା ସ୍ୱରରେ କହିଲା—

'ସାତ ଦିନ ହେଲା ସଂପୂର୍ଣ୍ଣ ଭୁଲିଗଲଣି କାନ୍ତାକୁ ।'

ନୀରବ ରହିଲା ସୁବୋଧ !

"ଇଉନାଇଟେଡ଼ନେସନ୍‌ସରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦେଶକୁ କିଛି ଦେବାକୁ ପଡ଼ିପାରେ ବୋଲି ଭାବିଲେ ନା କଣ ?"

"ସୁବୋଧ ତମକୁ କଣ ଦେଇ ପାରିବ କାନ୍ତା ?"

"କଣ ଦେଇନାହିଁ ତାହାହିଁ ଭାବିବା କଥା !"

ଜଣେ ସଙ୍ଗେ ଆଗକୁ ବଢ଼ିବାକୁ ଲାଗିଲେ । ସୁବୋଧକୁ କୌଣସି କଥା ଭଲ ଲାଗୁ ନଥିଲା । ଏପରିକି କାନ୍ତା ସହିତ କଥା ହେବାକୁ ବି ଆଗ୍ରହ ତାର ନଥିଲା ସେଦିନ । ...

କାନ୍ତା ପରିହାସ ଛଳରେ କହିଲା..."କଣ ଆକର୍ଷଣ ଥିଲା ସତରେ ଅନ୍ୟ କେଉଁଠି ଯା ପାଇଁ ଆପଣଙ୍କର ସାକ୍ଷାତ ଏତେ ଦିନ ଧରି ପାଇନି ?'

ଆକର୍ଷଣ ନୁହେଁ କାନ୍ତା, ବ୍ୟସ୍ତତା...ଦୁଶ୍ଚିନ୍ତା...ମନର ଅସହାୟ ବୋଧ...ବୋଉ ଦେହ ଖରାପ । ଟାଇଫଏଡ୍ ବୋଲି କହୁଛନ୍ତି ଡାକ୍ତର...କଣ କରିଯିବ କେଜାଣି... ।

ଚିକିତ୍ସା କିଏ କରୁଛନ୍ତି ?

"ଡାଃ ମିଶ୍ର ।"

"କଣ ଦେଉଛନ୍ତି ଔଷଧ ?"..କାନ୍ତାର ଏଇ କଥାରେ ଅନେକ ସମୟ ଧରି ନୀରବ ହୋଇ ଉଠିଛି ସୁବୋଧ ।

କାନ୍ତା ବୁଝି ପାରୁଥିଲା ସବୁ କଥା, ଜାଣୁଥିଲା ତା' କଥାରେ ସୁବୋଧ ମନରେ ଆଘାତ ଲାଗିବ । ତେବେ ମଧ୍ୟ ବାଧ୍ୟ ହୋଇ ସେ କହିଲା – "ଚାଲନ୍ତୁ ନେଇ ଆସିବା ଔଷଧ ତଳ ।" ପକେଟରେ ହାତମାରି ସୁବୋଧ କହିଲା ମନିବ୍ୟାଗଟା ଯେ ଛାଡ଼ି ଦେଇ ଆସିଲି ।

କିଛି ବ୍ୟସ୍ତ ହେବାର କାରଣ ନାହିଁ । ସମାଜ୍ୟ ଫଳ ଓ ଏଥି ଲେଖୁ ଅନେକ ଅବଶ୍ୟକୀୟ ବସ୍ତୁ ସଂଗ୍ରହ କରି ଯାଉଥିଲା

ଜାଂଗା···ସୁବୋଧ କେବଳ ଯନ୍ତ୍ରଗୁଳାଭ ପରି ଜାଂଗା ସାଙ୍ଗରେ ଚାଲିଥିଲା ।

"ମୁଁ ଆଜି ଆପଣଙ୍କ ସାଙ୍ଗରେ ଘରକୁ ଯିବି ନିଶ୍ଚୟ ।"

"କଣ କରିବ ଯାଇ ସେଠି ?"

"ଆପଣ ମୋତେ ଏମିତି ସବୁ ବେଳେ କାହିଁକି ବାରଣ କରନ୍ତି ଯେ ?" ଅଭିଯୋଗ କରୁଥିଲା ଜାଂଗା ।

ବାରଣ କରେ ନାହିଁ ଜାଂଗା ··· ଏହାର ଅର୍ଥ ନୁହେଁ ଯେ ମୁଁ ତମକୁ ସଙ୍ଗରେ ନେବାକୁ ଚାହେଁ ନାହିଁ ବା ମୋର ଆଗ୍ରହ ନାହିଁ ସେଥିରେ । କଣ କରିବ ଯାଇ ସେଇଠି ? ନା ବସିବାର ଥାନ ଅଛି ନା ଅଭ୍ୟର୍ଥନାର ସାମର୍ଥ୍ୟ ଅଛି ମୋର ।"

"ମୋର ସେ ସବୁର ଆବଶ୍ୟକ ନାହିଁ—ମୁଁ ଦେଖିବି ବୋଉଙ୍କୁ ।"

"ଆଜିତ ସନ୍ଧ୍ୟା ହୋଇ ଆସିଲାଣି·····ପୁଣି କେବେ ଗଲେ ଚଳିବ ନାହିଁ···

"ମୋଟେ ନୁହେଁ··· ?"

"ଏଇଟା ମୋର ମହଲ ଜାନ୍ତା ।"

"ସୁନ୍ଦର··· ! ଚମତ୍କାର—ହସିହସି ମନ୍ତବ୍ୟ ଦେଲା ଜାନ୍ତା । ଦରଆଉଜା ଦରଜା ଠେଲି ଉଭୟେ ପ୍ରବେଶ କଲେ ଭିତରେ । ସାମନାରେ ଗୋଟାଏ କୋଠରୀ । ···ତା ପରେ ବାରଣ୍ଡାଟିଏ··· ଲଗାଲଗି ତିନୋଟି କୋଠରୀ । ପୁଣି ସାମନାରେ ରନ୍ଧାଘର ଓ ଷ୍ଟୋର ରୁମ୍···ମଝିରେ ପ୍ରଶସ୍ତ ଅଗଣା । ସାଧାରଣ ଏକ ମଧ୍ୟବିତ୍ତ ପରିବାର ପାଇଁ ସୁନ୍ଦର ଘରଟିଏ । ମାଆ ପୁଅ ଦି' ଜଣ । ସେମାନଙ୍କର ପାଇଁ ଯଥେଷ୍ଟ ଏତିକି । ଅନେକ ଦିନକୁ ଘରର

ରକ୍ଷଣାବେକ୍ଷଣ ଆଶାନୁରୂପ ହୋଇ ପାରୁନ ବୋଲି ଅନେକ ପରିମାଣରେ ସୌନ୍ଦର୍ଯ୍ୟ ନଷ୍ଟ ହୋଇ ଗଲାଣି ।

"ଆରେ ! ତୋଜର କୋଠରୀଟିରେ ଲାଇଟ ଜଳୁଛି ଯେ···" ସୁବୋଧ କହୁଥିଲା···"ଭଲ ଲାଗୁଥିବ ବୋଧହୁଏ······ନିଜେ ଉଠି ଲାଇଟ ଲଗେଇଛି ଯେତେବେଳେ···।"

ବାସ୍ତବିକ ସେଦିନ ତାଙ୍କୁ କେଜାଣି କାହିଁକି ଭଲ ଲାଗୁଥିଲା ! ଦେହରେ ଜର ଥିଲା ନିଶ୍ଚୟ; କିନ୍ତୁ ଏତେ କଷ୍ଟଦାୟକ ହେଉ ନଥିଲା, କାନ୍ଥକୁ ଆଉଜା ହୋଇ ବିଛଣା ଉପରେ ବସି ମନେ ମନେ ଗୀତା ପଢ଼ୁଥିଲେ ରୁକ୍ମଣୀ ଦେବୀ । ···କାନ୍ତା ତାଙ୍କର ପାଦ ଛୁଇଁ ପ୍ରଣାମ କଲା । ବହିଟିକୁ ବିଛଣା ଉପରେ ରଖିଦେଇ ମୁଗ୍ଧ ଆଖିରେ ତାକୁ ଦେଖୁଥିଲେ ରୁକ୍ମଣୀ ଦେବୀ—ଅତି ଆଦରରେ କହୁଥିଲେ···

"ବ'ସ ମା !" ···କାନ୍ତା ବସିଲା ।

"ଆଜି ଟିକିଏ ଭଲ ଲାଗୁଛି ନା କ'ଣ ବୋଉ ?" ସୁବୋଧ ପଚାରିଲା ।

"ହୁ"

"ଜ୍ୱର ନାହିଁ"······କହୁ ତାଙ୍କ ଦେହରେ ହାତ ଦେଲା ସୁବୋଧ, ତାତି ଅଛି ।

ବିଛଣା ଉପରେ ପଡ଼ି ପଡ଼ି ଖରାପ ଲାଗୁଛି, ବସିଲାରୁ ଟିକିଏ ଭଲ ଲାଗିଲା··· ପୁଣି ଶୋଇବାକୁ ଚେଷ୍ଟା କଲେ ରୁକ୍ମଣୀ ଦେବୀ ଉପରୁ ଉଠିଆସି ସାହାଯ୍ୟ କଲା କାନ୍ତା ।

"କିଏ ଇଏ ?" ସୁବୋଧର ଉଦ୍ଦେଶ୍ୟରେ ପଚାରିଲେ ରୁକ୍ମଣୀ ଦେବୀ·· ···

"କାନ୍ତା ।" ବଚାଣ ଏଇ ଉତ୍ତରରେ ସାମାନ୍ୟ ହସୁଥିଲେ ରୁକ୍ମଣୀ ଦେବୀ···କହୁଥିଲେ···କେମିତି ଜାଣିବିରେ ଖାଲି ଏତିକି କହିଲେ ?"

"ହରମୋହନ ଦାସଙ୍କର ଅଲିଅଳି କନ୍ୟା । ପରିଚୟ କରାଇଦେଲା ସୁବୋଧ ।"

ଓଃ କିଲ୍ ନାଁ ? ......ମୁଁ ଜାଣେ ତାଙ୍କୁ......ଆମେ ହାଇ ସ୍କୁଲରେ ପଢୁଥିଲାବେଳେ ସେ କଲେଜରେ ପଢୁଥିଲେ ।

"ଆପଣ ଏଇଠି ପଢୁଥିଲେ ତା' ହେଲେ ?" କାନ୍ତା ପଚାରିଲା ।

"ହଁ...।"

ମୁଁ ତମପାଇଁ ଗୁଁ ନେଇ ଆସୁଚି କାନ୍ତା......ତୋଅର ବି ତ ଦରକାର......ତା'ଭି ନହେଲେ ଚଳେ ନାହିଁ ।

"ମୁଁ ଯାଉଛି ଗୁଲକୁ......ମୋତେ ଦେଖେଇ ଦେବେ ସବୁ, ମୁଁ କରିନେବି......" । କାନ୍ତା କହିଦେଲା ସିନା...... ଦେଉଙ୍କ ଆଗରେ କହିଥିବା ଏ ଧରଣର କଥାଟି ପାଇଁ ସେ ସାମାନ୍ୟ ଅପ୍ରତିଭ ହେଉଥିଲା...... । ସୁବୋଧ ବାଟ କଢ଼ାଇ ଆଣିଲା କାନ୍ତାକୁ...... ।

"ମୋର ଧାରଣା ନଥିଲା କାନ୍ତା, ଯେ ତମକୁ ବି ଗୁଁ ଭଅଙ୍କର ଅଛେ ।"

"ଅଚ୍ଛା ! ଅଣ୍ଡ କ'ଣ କ'ଣ ଅଛେନ ବୋଲି ଧାରଣା କରିଛନ୍ତି ?"

"ଏମିତି ଅନ୍ୟାନ୍ୟ ଘରଙ୍କରଣୀ— । ସହଜ ଭାବରେ କହୁଥିଲା ସୁବୋଧ......।"

"ଗୁଲକୁ ଭ୍ରମଣ ନେବେ ତା' ହେଲେ ।" ସୁବୋଧ ଲକ୍ଷ କରୁଥିଲା କାନ୍ତା ପାଖରେ କେମିତି ଏକ ନୂଆ ଉତ୍ସାହ...... ଉପରେ ଏକ ଝରଣା ଚଞ୍ଚଳତା ।

କାନ୍ତା ବେଶୀ ସମୟ ରହିଲା ନାହିଁ ସେଠି । ......ସେଦିନ ତା' ହାତରେ ଚା' ଖାଇବାର ଅଗ୍ରହ ଏଡ଼ିଦେଇ ନପାରି ସୁବୋଧ ବି ଖାଇଦେଲା କପେ......ସତ ହୋଇଯିବ......ତାକୁ ନେଇ ଘୁଞ୍ଚି ଆସିବା କଥା......

ରୁକ୍ମିଣୀଦେବୀ କହୁଥିଲେ......"ମଝିରେ ମଝିରେ ଆସୁଥିବୁ ମା' ।"

ସବୁଦିନ ଆସିବି......ଆପଣଙ୍କର ଦେହ ଭଲ ହୋଇଯିବା ପରେ ଗପି ଗପି ବିରକ୍ତ କରିଦେବି ଆପଣଙ୍କୁ ।

ସୁବୋଧ ତାକୁ ଘୁଞ୍ଚି ଆସିବାକୁ କହୁଥିଲା.........ମାଙ୍କ କାରଣ ଭଲ କାନ୍ତା । ......ମୁଁ ଚାଲିଯିବି ବର୍ଷାରେ, ଆପଣଙ୍କର ଏଇଠି ରହିବା ଦରକାର । ......

"ତମକୁ ମୋର ଗୋଟିଏ ଜିନିଷ ଦେଖାଇବାର ଅଛି, କାନ୍ତା ।"

"କ'ଣ ?"

"ଚାଲନା ?"

ସୁବୋଧ ପଢ଼ାଘରକୁ ଯାଉଥିଲା କାନ୍ତା......ତା' ନିଜର ଅସମ୍ପୂର୍ଣ୍ଣ ପ୍ରତିକୃତିଟି ଦେଖି ଅବାକ୍ ହୋଇଯାଇଥିଲା ସେ.........

"ବାସ୍ତବିକ ଚମତ୍କାର ହୋଇଛି......ହେଲେ ମୋପରି ତ ହେଲା ନାହିଁ ।"

ତା'ର ଶିଳ୍ପୀ ସୁଲଭ ମନ ଯଥେଷ୍ଟ ଆନନ୍ଦିତ ହେଉଥିଲା... ଯଥେଷ୍ଟ ତୃପ୍ତି ପାଉଥିଲା ତା'ର ହୃଦୟ......ସ୍ମିତ ହାସ୍ୟର କ୍ଷୀଣ ରେଖା ଅଧର ତଳେ ଫୁଟାଇ ସୁବୋଧ କହିଲା......

"ତମପରି କଦାପି ହୋଇ ପାରିବ ନାହିଁ କାନ୍ତା । .. ... ତମେ ଏତେ ସୁନ୍ଦର ଯେ ତାକୁ ତୁଳିରେ ଓ ରଙ୍ଗରେ ଫୁଟାଇବା ଏକାନ୍ତ ଅସମ୍ଭବ ।"......

ଝରେଇ ଯାଉଥିଲେ କାନ୍ତା ···· ମୁହଁପୋଛି କହିଲେ—
"ଏ ଛବି ମୁଁ ନେବି······ ।"

"ପୂଜା ସରିଲେ ମୁଁ ନିଜେ ଦେଇ ଆସିବି ଯେ ।"

"କେବେ ସରିବ ?"

ଏଇ ଆଜି । ······ସାମାନ୍ୟ ଅଂଶମାନ ବାକି ଅଛି······ ଏଇ କେତୋଟି ଦିନ ତମର ଅଭାବ ବେଶ୍ ଅନୁଭବ କଲି କାନ୍ତା······ତା'ର ଫଳ ସ୍ୱରୂପ ଏଇ ପ୍ରତିକୃତିଟିର ଜନ୍ମ ।······

ମୋର ଅନ୍ତର ଯଥେଷ୍ଟ ବେଦନା ବୋଧ କରୁଛି, ତା' ହେଲେ··· ··ମୁଁ ଆସିଗଲା ପରେ······।"

ଅସ୍ଥିର ହେଉଥିଲେ ସୁବୋଧ । ଯାହା କହିବ ନାହିଁ ବୋଲି ଭାବିଥିଲେ ତାହା ହିଁ କହିଦେଇ ସାରିଛି । ଆଉ ତାକୁ ଫେରାଇ ନେବାର ଉପାୟ ନାହିଁ ।

"କାନ୍ତା । ······ତମକୁ ମୋର ଅନେକ କଥା କହିବାକୁ ଅଛି, ଆଜି ତ କହୁଛି ନାହିଁ । ଅନ୍ୟ କେବେ କହିବି ।"

"କାହିଁ ବର୍ତ୍ତମାନ କୁହନ୍ତୁ ନା ?"

"କହିବାର ସମୟ ଆସୁ, କହିବି ଯେ······ଉଭୟେ ନୀରବ ହୋଇ ଉଠିଛନ୍ତି ···ସାମାନ୍ୟ ନୀରବ ରହିବା ପରେ ସୁବୋଧ କହିଲେ··· "ତମର ଚିନ୍ତାକଥା କାନ୍ତା, ଧୀରେ ଧୀରେ ଜଟିଳ ହେଉଛି ଯେ······।"

"କ'ଣ ସେଇ ବନ୍ଧୁଙ୍କର ସିନ୍ଧୁ ଦର୍ଶନ କଥା ଭାବୁଛନ୍ତି ?" କାନ୍ତା କହିଲେ·········

ମନର ଭାବନାକୁ ଚେପି ନ ପାରି ସୁବୋଧ ଘଡ଼ିଏ ପରେ କହିଲେ ····"କାନ୍ତା । ତୃପ୍ତି, ଶାନ୍ତି ବା ସନ୍ତୋଷ ଏପରି ଏକ ବସ୍ତୁ ନୁହେଁ, ଯାହା ସଂଗ୍ରହ କରାଯାଇ ପାରିବ······ଏପରି ଏକ

ଫୁଲ୍ ନୁହେଁ, ଯା'କୁ କି ଅନେକ୍ଷଣରେ ତୋଳିଆଣି ଆଘ୍ରାଣ କରିହେବ ପାରିବ– ତାହା ଏପରି ଏକ ବସ୍ତୁ—ଯାହାର ଉଦ୍‌ଭବ ଅନ୍ତର ଭିତରେ ହିଁ କରିବାକୁ ହେବ କେବଳ ମାତ୍ର ଅନୁଭବ ଦ୍ୱାରା । ତା' ପାଇଁ ସକଳ ଚିନ୍ତା ହୃଦୟରୁ ଉତ୍ସ ଦୂର କରିବାକୁ ହେବ । ଏପରି କି ସେ ସବୁ ପାଇବାର ଚିନ୍ତା ବି...... ।”

କାନ୍ତା କିଛି ବୁଝିଲା ନାହିଁ, ବୁଝିବାର ଚେଷ୍ଟା ବି ଆଂଶିକ କଲନାହିଁ ବୋଧହୁଏ । ତଲା ପ୍ରବନ୍ଧ କହିଦେଇ ଗଲା

“ବାପା ଆପଣଙ୍କ ସହିତ ସାକ୍ଷାତ କରିବାକୁ ଚାହାନ୍ତି...... ମୋତେ ଟେଲିଫୋନ୍ କରି ଆପଣଙ୍କୁ କହିଦେବାକୁ କହୁଥିଲେ ।”

× × ×

“ସୁନ୍ଦର ଦିଶୁଅଛି ଏ...... ନୁହେଁ ?” ......କାନ୍ତାର ଗଳା ପଛେ କହୁଥିଲେ ରୁକ୍ମିଣୀ ଦେବୀ...... ।

ସୁବୋଧ ନୀରବ ଥିଲା......ତାଙ୍କର ଏ ଉକ୍ତିର କ'ଣ ବା ଉତ୍ତର ଦିଅନ୍ତା ସେ । କେତେ ସୁନ୍ଦର ସତରେ ତାର କଥାବାର୍ତ୍ତା ବ୍ୟବହାର !

ବୋଉର ମନ କଥା ବେଶ୍ ବୁଝି ପାରୁଥିଲା ସୁବୋଧ ମଣିଷ ସବୁବେଳେ ତା' ନିଜର ସ୍ମୃତିରୁ ଅନେକ କଥା ଅଧିକା ଭାବେ । ଅନେକ କିଛି ବିରାଟ କଳ୍ପନା କରେ...ଅନେକ କଥାର ଆଶା ତା ମନତଳେ ଜାଗେ । ଏଇ ଆଶା ତ ମଣିଷ ଜୀବନରେ ଏକ-ମାତ୍ର ଦୁଃଖର କାରଣ ? କିଛି କହିଲା ନାହିଁ ସୁବୋଧ...ଖାଲି ଚାହୁଁଥିଲା...

ଆଜି ଭଲ ଲାଗୁଛି ଯଦି ତୁ ଆଉ ବେଶୀ ବେଳ ରହ ନା କଣ ଟିକିଏ ନାକୁ ତ ଖାଇଛୁ । ଅନ୍ତତଃ ଶୋଇ ଗଲେ ଭଲ ହେବ ।” ବେକ ପାଖକୁ ଗୋଦର ଟାକୁ ଭଲ ରୂପେ ଟାଣି ଦେଇ

ନିଜ କୋଠରୀକୁ ଗୁଲିଗଲେ ସୁବୋଧ—ବସି ବସି ଅନ୍ତତଃ ସୁବିଚାର ଦେଇ ହେବ ରାତିଟାକୁ...

× × × ×

ସାରା ରାତିର ଅନିଦ୍ରା, ତା' ଉପରେ ବ୍ୟସ୍ତତା ନେଇ ବଡ଼ କ୍ଲାନ୍ତ ବୋଧ କରୁଥିଲା ସୁବୋଧ। ରାତି ପ୍ରାୟ ବାରଟା ପରେ ରୁକ୍ମିଣୀ ଦେବୀଙ୍କର ଜ୍ୱର ଅସମ୍ଭବ ଭାବରେ ବଢ଼ିଛି। ତା ସହିତ ପ୍ରଳାପ। ... ଜର ଏଯାଏଁ କମିନାହିଁ...ରାତିରେ ଥରେ ମିଶ୍ରବାବୁ ଆସିଥିଲେ ... ସକାଳୁ ପୁଣିଥରେ ଡ଼ାକି ଆଣି ଥିଲା ସୁବୋଧ ... ଆସିଛନ୍ତି।

ରୋଗିଣୀର ଖଟଣା ପାଖରେ ବସି ଏଣେତେଣେ କେତେ କଣ ପଚାରୁଛନ୍ତି ଡାକ୍ତରବାବୁ ... ସୁବୋଧ ପାଖରେ ଠିଆ ହୋଇ ଯୁକ୍ତ କଥାରେ ଉତ୍ତର ଦେଉଛି—ହଠାତ୍ ଘର ବାହାରେ ମୋଟର ହର୍ଣ୍ଣ ଶୁଣି ଡାଃ ମିଶ୍ର କହିଲେ......ଦେଖନ୍ତୁତ କିଏ ଡାକୁଛନ୍ତି ବୋଧହୁଏ।"

"ନା' ଏଇଟି ପୁଣି ମୋଟର ନେଇ ଡାକିବ କିଏ...ଅନ୍ୟ କେଉଁଠି ଯାଉଛି ବୋଧହୁଏ।"

କିନ୍ତୁ ସ୍ୱଳ୍ପ ସମୟ ପରେ ସୁବୋଧକୁ ଅବାକ୍ କରି ଘର ଭିତରକୁ ପଶି ଆସିଥିଲେ ହର ମୋହନ ବାବୁ...ତା'ଠାରୁ ବେଶୀ ଆଶ୍ଚର୍ଯ୍ୟ ହେଉଥିଲେ ଡାକ୍ତର ମିଶ୍ର......ବିଶେଷ କରି ତାଙ୍କୁ ଦେଖି...ସୁବୋଧ ସବିନୟ ନମସ୍କାର କଲା। ହରମୋହନ ବାବୁଙ୍କର ଏ ଅପ୍ରତ୍ୟାଶିତ ଆଗମନରେ ଆଶ୍ଚର୍ଯ୍ୟ ହେଉଥିଲା ସୁବୋଧ...ଆରେ ଡାଃ ମିଶ୍ର ଯେ। — ଘରଭିତରକୁ ପଶି ଆସୁ ଆସୁ କହୁଥିଲେ ହରମୋହନ ବାବୁ। ଡାକ୍ତର ମିଶ୍ର ଆସନ ତ୍ୟାଗ କରି ନମସ୍କାର କଲେ...

"ଅରେ ବସନ୍ତ । ତମେ ଡାକ୍ତର···ଏ ତ ମୋର ଘର ।···" ସୁବୋଧର କହିବା ପୂର୍ବରୁ ଚଉକିଟି ଟାଣି ନେଇ ବସି ଥିଲେ ସେ ତାଙ୍କର ବସିବାପରେ ବସିଲେ ଡା: ମିଶ୍ର । ବାପାଙ୍କ ଚଉକି ଧରି ଠିଆହେଲା କାଂଚା । କିଛି ସମୟ ପାଇଁ ବାହାରକୁ ଚାଲି ଆସିଲା ସୁବୋଧ ।

"ଅରେ ବୋକା । ଠିଆହେଲୁ କଣ ? ବସିଦେ ସେଇଠି ।

ଡ୍ରାଇଭର ବିଶ୍ୱର ସନ୍ତର୍ପଣରେ ଫଳ ଝୁଡ଼ି ଦରଜାରେ ରଖିଦେଇ ଚାଲି ଗଲା ଗାଡ଼ି ପାଖକୁ । କିଛିସମୟ ପରେ ହାତରେ ଚଉକିଟିଏ ଧରି ଆସିଲା ସୁବୋଧ···

"କଣ ଦରକାର ଥିଲା କହନ୍ତୁ ତ ? ମୁଁ ଆଣିନଥାନ୍ତି ?

କାନ୍ତାର ଏଇ କଥା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଥିଲା । ହରମୋହନ ବାବୁଙ୍କର ମଧ୍ୟ, ହରମୋହନ ବାବୁ ଏ ଜଡ଼ିୟ କର । ମୁହଁକୁ ଚାହୁଁଥିଲେ···ଡାକ୍ତର ବାବୁ ଜଣେ ଜଣଙ୍କୁ ଦେଖୁଥିଲେ । କୌତୂହଳ ଜାଗୁଥିଲା ତାଙ୍କର ଏସବୁ କଥା ନେଇ—

କାଂଚା ନରମ ଗଳାରେ କହୁଥିଲା···"ବସନ୍ତୁ ।" ସୁବୋଧ ପ୍ରତିବାଦ ନକରି ବସୁଥିଲା···

ଡାକ୍ତର ବାବୁ କଥା ଛଳରେ ଆରମ୍ଭକଲେ······"ମୋର ଧାରଣା ନଥିଲାଯେ ସୁବୋଧବାବୁଙ୍କ ସହିତ ଏଧରଣର ଆପଣଙ୍କର ପରିଚୟ ଅଛି ବୋଲି ।"

ଆଶ୍ଚର୍ଯ୍ୟ ହେବାର କିଛିନାହିଁ ଡାକ୍ତର ମିଶ୍ର ସୁବୋଧ ଏମିତି ଏକ ପିଲାଯେ ତା ସହିତ ସମସ୍ତଙ୍କର ପରିଚୟ ଅଛି । ଏମିତି କେହି ଶିକ୍ଷିତ ଅନ୍ତତଃ ନଥିବେ ଯେ ସୁବୋଧକୁ ଜାଣନ୍ତି ନାହିଁ ।

ବାପାଙ୍କର ଏ ମନ୍ତବ୍ୟରେ ସୁବୋଧ ଯେତେ ଗର୍ବ ଅନୁଭବ କରୁନଥିଲା ସେତିକି କରୁଥିଲା କାଂଚା । ଡା: ମିଶ୍ର ଅନେକ ଅବଲ

ଶୁଣିଥିଲେ ସୁବୋଧ ଓ ତାଙ୍କୁ ନେଇ ଅନେକ କଥା । ବର୍ତ୍ତମାନ ସେ ଭାବୁଥିଲେ ସେ ଯାହା ଶୁଣିଥିଲେ ସେ ସବୁ ସତ୍ୟ ଓ ଯଥାର୍ଥ ନା ଯାହା ଦେଖୁଛନ୍ତି ସେ ସତ୍ୟ ଓ ଯଥାର୍ଥ ? କଣବା ଦେଖୁଛନ୍ତି ସେ ?

ହର ମୋହନ ବାବୁ ପ୍ରସଙ୍ଗ ବଦଳାଇ ପଚାରିଲେ କେମିତି ବର୍ତ୍ତମାନ ଅବସ୍ଥା ?

"ସେମିତି ଭୟ କରିବାର କିଛି ନାହିଁ ଏସବୁ ଟାଇଫଏଡର ସାଧାରଣ କଥା — ମାତ୍ର ମୋ ମତରେ ଡାକ୍ତର ଖାନା କୁ ନେଇ ଯିବା ଉଚିତ..."

ଉଚିତାର୍ଥରେ କିଛି କହି ଆଅନ୍ତେ ନିଷ୍ଠପୁ ଡାକ୍ତର ମିଶ୍ର ମାନ ମଝିରେ ବାଧା ଦେଇ ହର ମୋହନ ବାବୁ କହିଲେ......

"କାରଣ" ?

କାରଣ କିଛି ନାହିଁ ...ହେଲେ ଅନେକ କଥା ସୁବିଧାରେ କରିହୋଇ ପାରିବ ?

ଅସମ୍ଭବ ଡଃ ମିଶ୍ର ତା କେବେ ହୋଇ ପାରେ ନା । ସବୁ ଏଇଠି ହେବ ଡାକ୍ତରଖାନାରେ କିଏ ଏସବୁ ତତ୍ତ୍ୱାବଧାନ କରିବ ?

ଡାଃ ମିଶ୍ର ନୀରବ ହେଲେ, ଉଠି ଠିଆ ହେଲେ...କହୁଥିଲେ-

ସୁବୋଧ ବାବୁ । ସନ୍ଧ୍ୟାରେ ଆସିବି ଆଜି...

ତାଙ୍କୁ ଗୁଡ଼ ଦେଇ ଆସିବା ପାଇଁ ବାହାର ପର୍ଯ୍ୟନ୍ତ ଆସୁଥିଲେ ସୁବୋଧ ଓ ହରିମୋହନ ବାବୁ । ମିଶ୍ରଙ୍କର ନମସ୍କାର କଣ ଭ ଯିବା ପରେ ପରେ ବୃଦ୍ଧ କହୁଥିଲେ...

ତୁମ ସହିତ ସାକ୍ଷାତ କରିବାର ଅଗ୍ରହ ମୋ ଭିତରେ ଅନେକ ଦିନରୁ ଅଛି । ହେଲେ ସମୟ ଓ ସୁଯୋଗ ଅଭାବରେ ହୋଇ ପାରିନଥିଲି ...

"ମୋତେ ଡ଼କେଇ ନେଇ ଥିଲେ

କାନ୍ତାକୁ କହୁଥିଲି, ସେ ନିଶ୍ଚୟ କହୁଥିବ……"That's like a good Girl, She have must told !" ସାମାନ୍ୟ ନୀରବ ରହି ପୁନରାୟ କହୁଥିଲେ…"ତମେ ଏଇ କେତୋଟି ଦିନ ଭିତରେ ଯଥେଷ୍ଟ ଶୁଖିଲା ଦିଶୁଛ…ପରିଶ୍ରମ ଅନେକ ହେଉଛି" କିଛି କହୁନଥିଲି ସୁବୋଧ ସେ ସେମିତି କହିଚାଲି ଥିଲେ । ତମକୁ ଅନେକ କଥା କହିବାର ଅଛି, ଅନେକ ଅଲୋଚନା କରିବାର ଅଛି ତମ ସହିତ । ବର୍ତ୍ତମାନ ସେ ସବୁରେ ସମୟ ଓ ସୁଯୋଗ ଏହା ନୁହେଁ । କାଲି ଶୁଣିଲି କାନ୍ତାଠାରୁ ଦେଖିଆସିବା ଉଚିତ ହେବ…ଆଉ ଜଣେ ଅଧେ ଲୋକଙ୍କର ବ୍ୟବସ୍ଥା କରିଦେଲେ ହେବ…ତମକୁ ଏପରିଶ୍ରମ ଯଥେଷ୍ଟରୁ ଅଧିକ ହୋଇ ପଡ଼ୁଛି— ।" ସୁବୋଧ ନୀରବରେ ଶୁଣୁଥିଲା କେବଳ । କୃଷ୍ଣ କୋଟ ପକେଟରେ ହାତ ପକାଇ ଦୁଇଖଣ୍ଡ ଶହେ ଟଙ୍କିଆ ନୋଟ ବାହାର କରି ଆଣୁ ଥିଲେ ଓ ସୁବୋଧ ଆଡ଼କୁ ବଢ଼େଇ ଦେଇ ଦେଇ କହୁଥିଲେ…

"ରଖ ଏତକ କାମରେ ଲାଗି ପାରେ…

"ମୋତେ ଋଣୀ କରୁଛନ୍ତି କାହିଁକି ?" ବିନମ୍ର ପ୍ରତିବାଦ କରି ଉଥିଲା ସୁବୋଧ…

ସୁବୋଧ ପିଠି ଉପରେ ହାତ ମାରି ସ୍ନେହ ପୂର୍ଣ୍ଣ କଣ୍ଠରେ କହୁଥିଲେ, 'ଏଥିରେ ଋଣର ପ୍ରଶ୍ନ ଅଉ ରହିଲା କେଉଁଠି ବାପା ? ବାପ ପୁଅକୁ ଦେଉଛି…ଋଣ ହେଲା, ଏଇତ ତମର ଅଧିକାର । ତମେ ସେ ଅଧିକାର ଏଯାଏଁ ଦାବୀ କରି ନାହିଁ ବୋଲି ମୋତେ ତାହା କରେଇବାକୁ ପଡ଼ୁଛି ।

ବାସ୍ତବିକ କି ମମତା ସତରେ ନଥିଲା ସେଇ କଥାରେ କେତେ ସ୍ନେହ ପୂର୍ଣ୍ଣ ସତରେ ନୁହେଁ ତାଙ୍କର ହୃଦୟ ? ସୁବୋଧ

ମୁଣ୍ଡ ଭିତ୍ତରେ ନଇଁ ଯାଉଥିଲା ଏବେ ଅକଳଙ୍କିତା କଣ ଦ୍ୱିତୀୟରେ ବୃଦ୍ଧଙ୍କର ଏଇ ସନ୍ଦେହ ଅନୁରୋଧ ଏଡ଼ାଇ ଦେଇ ପାର ନଥିଲା ସୁବୋଧ । ବାଧ୍ୟହୋଇ ସେତକ ଚେଷ୍ଟା କଲା ।

ଭଦ୍ରଲୋକ ସେବିକିଣୀ ପାଖକୁ ଆସୁଥିଲେ । ସେଇଟି କାନ୍ତାକୁ ଅନୁପସ୍ଥିତ ଦେଖି ବୃଦ୍ଧ ପଚାରୁଥିଲେ···"ଅରେ" କାନ୍ତା ଯେ ?

"ମୋର ପଢ଼ାଘରେ ଥିବେ ।"

"ଓଃ" ଅତ୍ୟନ୍ତ ସଂକ୍ଷିପ୍ତ ଥିଲା ହର ମୋହନ ବାବୁଙ୍କର ଉତ୍ତର·····

"ସାରାରାତି ଖୁପଣ ଜର ଏଣୁ ତେଣୁ ପ୍ରଳାପ କର ଶଢନ୍ତି । ସାମାନ୍ୟକାନ୍ତି କମିଛି ବୋଧ ହୁଏ···ଟିକିଏ ଶୋଇ ଯାଉଛି ।"

"ହେଁ"······ମୁଁ ଯାଉଛି ଅଜ୍ଞ······ପୁଣି ଆସିବି ସଂଧାରେ ଯାଇ ପଠେଇ ଦେଉଛି ମାଲତୀକୁ ।

"କାନ୍ତି ଦରକାର ନାହିଁ ତା'ର !"

"ରଜାବ ତ ?"

ହଁ କହୁଥିଲା ସୁବୋଧ, ଭଦ୍ରଲୋକ ତାର ପଢ଼ା କୋଠରୀ ଆଡ଼କୁ ଆସୁଥିଲେ, କାନ୍ତା ମୁଗ୍ଧ ଆଖିରେ ଦେଖୁଥିଲା ଫଟୋଟି ଟିକୁ । ସଂପୂର୍ଣ୍ଣ ହେବା ପରେ କେତେ ସୁନ୍ଦର ଦେଖାଯାଉ ନାହିଁ ସତରେ ଛବିଟି ? ପରିତୃପ୍ତିର ହସଥିଲା ତା'ର ଓଠରେ । ସେ ଭାବୁଥିଲା ସମ୍ଭବତଃ—'ସତରେ ସେକଣ ଏତେ ସୁନ୍ଦର ?"

ବୃଦ୍ଧ ଛବିଟିକୁ ଦୂରରୁ ଦେଖିବା ସଙ୍ଗେ ସଙ୍ଗେ କହୁଥିଲେ Wonder ful······Wonder ful···It is Kanta ସୁବୋଧର ପିଠି ଥାପୁଡ଼ାଇ ହସୁଥିଲେ ହର ମୋହନ ବାବୁ···

ଯତନ କରି ଛବିଟିକୁ କାଗଜଟିଏ ରେ ଗୁଡ଼େଇ କାଂଡା ନାଲକୁ ବଢ଼େଇ ଦେଉଥିଲା ସୁବୋଧ ।

ବଡ଼କ୍ଳାନ୍ତି ଅନୁଭବ କରୁଥିଲା ସୁବୋଧ । ସାରା ଦେହରେ କିପରି ଏକ ଅବସାଦ କିପରି ଏକ ଅବଶ ବୋଧ ଥିଲା ପ୍ରାୟ ତିନୋଟି ରାତ୍ରି ହେଲା ସାରାରାତି ଅନିଦ୍ରାରେ କଟିଛି ତା'ର । ଘରର ସମସ୍ତ କାମ ତାପର ନିଦ୍ରାହୀନତା ତାକୁ ଅସହନୀୟ ହୋଇ ଉଠିଛି । ଅଳ୍ପ କଷ୍ଟେ ବାଧୁଛି ତାକୁ । ଉଭୟ ମାନସିକ ଓ ଶାରୀରିକ ପୀଡ଼ା ଫଳରେ ବାସ୍ତବିକ ସୁବୋଧ କି ଅନୁଭବ କରିଛି ଏକ ମ୍ଳାନତା – ପ୍ରାୟ ସାତଦିନ ହେଲା ଗାଧୋଇବା ଖାଇବା କିଛି ବୋଲି କିଛି ସୁବିଧା ନାହିଁ । ଜରଲାଗିରହୁଛି ସେମିତି ସମ୍ପୂର୍ଣ୍ଣ ଅଠଦିନ ହେଲାଣି । ଅସମ୍ଭବ ଭାବରେ ଶୀର୍ଣ୍ଣ ଦେଖାଯାଉଛନ୍ତି । ରୁକ୍ମିଣୀ ଦେବୀ—ଭଲ ହେବା ପରେ ବି ଅନେକ ଦିନ ଅନେକ ଚେଷ୍ଟା ରେ ଫେରି ପାଇବେ ତାଙ୍କର ପୂର୍ବ ସ୍ୱାସ୍ଥ୍ୟ ।

ସେଦିନ ସଂଧ୍ୟାରେ ପୁଣିଥରେ ଆସିଥିଲେ ହରମୋହନ ବାବୁ । ସାମାନ୍ୟ ଟିକିଏ ଆରାମ ବୋଧ ପ୍ରାୟ ସଂଧ୍ୟାରେଇ କରନ୍ତି ରୁକ୍ମିଣୀ ଦେବୀ । ସେ ପୂରା ପୁରା ଶୋଇ ପଡ଼ିନଥିଲେ ବି ଖଟଟି ଉପରେ ପଡ଼ିଥିଲେ—ସୁବୋଧ ଅନେକ ବେଳୁ ଟେବୁଲ ଉପରେ ମୁଣ୍ଡ ଦେଇ ଶୋଇ ପଡିଥିଲା । ହଠାତ୍ ଉଠିଥିଲା ହରମୋହନ ବାବୁଙ୍କର ପାଟି ଶୁଣି ।

...“ନା'— ମାଲତୀକୁ ଆସିବାକୁ ହେବ । ମୁଁ ଦେଖୁଛି ଏମିତି ପରିଶ୍ରମ ଫଳରେ ତମରବି ସ୍ୱାସ୍ଥ୍ୟ ହାନି ଘଟିବ । ଅନ୍ତତଃ ସାହାଯ୍ୟ କରିବାକୁ କେହି ଜଣେ ରହିବା କଥା—

ମାଲତୀ ଆସିଲେ—ଆପଣଙ୍କର ସେଇଠି ଯଥେଷ୍ଟ ଅସୁବିଧା ହେବ ।”

"ଅସୁବିଧା କିଛୁନାହିଁ—ସାମାନ୍ୟ କିଛିର ବନ୍ଦୋବସ୍ତ ଘରେ କାନ୍ତା କରିନେବ ଯେ—ସକାଳେ ଆସି ସଂଧାରେ ଚାଲି ଯାଉଥିବ ମାଲତୀ ଅନ୍ତତଃ ଦୁର୍ଗୁଳର ବନ୍ଦୋବସ୍ତ କରିଦେଇ ସାମାନ୍ୟ ଘରକାମ କରିଦେଲେ ଅନେକ କିଛି ସୁବିଧା ହେବ । ରାତିରେ ଶୋଇବ ଏଇଠି ବୁଢାଜମାଦାର… ତା'ର ସେମିତିକିଛି କାମ ନାହିଁ ଆମଘରେ । ଅନେକଦିନୁ ରହିଛିବୋଲି ଅଛି… ବର୍ତ୍ତମାନ ସବୁ କାମ ତା'ର ପୁଅ କରେ ।"

ସୁବୋଧର ଆପତ୍ତି କରିବାର କୌଣସି କାରଣ ନଥିଲା ।

ବାସ୍ତବିକ ଅନେକ କିଛି ସୁବିଧାହେଲା ସୁବୋଧର, ମାଲତୀର ଏଇ ଆସିବା ଫଳରେ । ଅନେକ କିଛି କାର୍ଯ୍ୟ ଭୁଲାଇ ନିଏ ମାଲତୀ ଘରେ କେବଳ ବସିରହିବା ବି ଅସହ୍ୟ ହୋଇ ଉଠି ନଥିଲା ସୁବୋଧର । ସାରା ଦ୍ୱିପ୍ରହର କାନ୍ତା ଥାଏ ପାଖରେ । ପ୍ରାୟ ସବୁଦିନ ସଂଧାରେ ହରମୋହନ ବାବୁ ଆସନ୍ତି… ଦେଖିଯାଆନ୍ତି, ଏଣୁ ତେଣୁ ନୂତନ କିଛି ଏକ ବ୍ୟବସ୍ଥା କରି ଯାଆନ୍ତି । ତାଙ୍କରି ସାଙ୍ଗରେ ମାଲତୀ ଓ କାନ୍ତା ଫେରିଯାଆନ୍ତି । ଜମାଦାର ବୁଢ଼ା ଆସି ରାତିସାରା ସେଇଠି ଶୁଏ । ଡାକ୍ତରର କୌଣସି ଅଭାବ ନାହିଁ । ବରାବର ଡାକ୍ତର ଆସି ଦେଖୁଛନ୍ତି । ଅନେକ ଔଷଧର ବ୍ୟବସ୍ଥା ହେଉଛି । ତେବେ ମନେ ମନେ ଆଶ୍ଚର୍ଯ୍ୟ ହୁଏ ସୁବୋଧ ଏତେ ସ୍ନେହ ସହାନୁଭୂତିଶୀଳ ସତରେ ହରମୋହନ ହେଲେ କପରି ଓ କାହିଁକି । ବର୍ତ୍ତମାନ ପର୍ଯ୍ୟନ୍ତ ତ ଏପରି କିଛି ବ୍ୟବହାର ବା ପରିଚୟ ତାଙ୍କର ତା' ସହିତ ନଥିଲା… । ସୁବୋଧ ବି ତାଙ୍କର ଏ ସାହାଯ୍ୟ ଗ୍ରହଣ କରିବାକୁ ସତେ ଯେପରି ବାଧ୍ୟ ହୋଇପଡୁଛି । ଏବେ ତାର ଅଭାବ କେବଳତ ଅଭାବ ନୁହେଁ ଆବଶ୍ୟକତା ବି ରହିଛି, ଦ୍ୱିଗୁଣିତ

ସୁବୋଧ ପାଇଁ ହରମୋହନଙ୍କର ହୃଦୟ ତଳେ ବାତ୍ସଲ୍ୟ, ସ୍ନେହ ମମତାର ଅନୁଭବ କରୁଛନ୍ତି ସେ ।

ସୁବୋଧ କେବେ ଜନେ ହେଲେ କଳ୍ପନା କରିନାହିଁ, କରୁନାହିଁ ବା କରିବନାହିଁ ଯେ କାନ୍ତା ତା'ର ନିଜର ହେବ— ଏକ ନ୍ତ ନିଜର—ସୁଖ ଦୁଃଖର ସହଚରୀ ଏ ଅଶାବି ତା'ର ନାହିଁ ହେଲେ କାନ୍ତାହିଁ ଏକମାତ୍ର ନାରୀ, ଯେ କି ତା'ର ହୃଦୟ ତଳେ ଚିରଦିନ ସଜୀବ··· ସଜାଗ । ସେ ସଙ୍କୁଚିତ ହୃଦୟ ତଳୁ ଏଡ଼ାଇ ଦେଇ ପାରିବ ନାହିଁ ସୁବୋଧ।··· ସୁବୋଧ କେବଳ ମାତ୍ର ବୁଝେ କାନ୍ତା ଓ ତା' ଭିତରେ ଏକ ନିର୍ମଳ, ଅନାବିଳ ପ୍ରଣୟ । ନିଷ୍କାମ ପ୍ରୀତି । ହର୍ଷ ବିଷାଦରେ ଉଭୟ ମନରେ ଏକ ପବିତ୍ର ସମବେଦନା ଓ ଆନନ୍ଦ ।

ରୁକ୍ମିଣୀ ଦେବୀ କିନ୍ତୁ କାନ୍ତାକୁ ଦେଖିଲା ଦିନୁ ରୋଗଶଯ୍ୟାରେ ପଡ଼ିରହି କେବଳ ମାତ୍ର ଏଇ କଥାହିଁ ଭାବୁଛନ୍ତି । ବାସ୍ତବିକ କେଡ଼େସୁନ୍ଦର ନୁହେଁ କାନ୍ତା··· କେଡ଼େ ସୁନ୍ଦର ନୁହେଁ ସତରେ କାନ୍ତା ସୁବୋଧର ଯୁଗଳ କେତେ ସୁନ୍ଦର ହେବନାହିଁ କାଂତା ଯଦି ଏ ଘରକୁ ବଧୂ ହୋଇ ଆସିବ ? ସାରାଜୀବନ ବାସ୍ତବିକ କାଂତାପରି ଏକ ବଧୂର କଳ୍ପନା ସ୍ୱପ୍ନ ଦେଖି ଆସିଛନ୍ତି ରୁକ୍ମିଣୀ ଦେବୀ । ସତେ ଯେପରି କାଂତାର ତାଙ୍କର ସପନ ପ୍ରତିମା, କେତେ ସ୍ନେହ, ମମତା, କେତେ ଭକ୍ତି, ଶ୍ରଦ୍ଧା ଅଜାଡ଼ି ଦେଇନାହିଁ କାଂତା··· କାଂତା ସତେ ଯେପରି ବଧୂବେଶରେ ହସି ହସି ଏ ଘରକୁ ଆସୁଛି···ମଙ୍ଗଳ ମହୁରୀ ଓ ଶଙ୍ଖର ମଧୁର ଧ୍ୱନିରେ ଭରି ଉଠୁଛି ସାରାଘର ଆନନ୍ଦ ବିହ୍ୱଳ ହୋଇଉଠନ୍ତି ରୁକ୍ମିଣୀଦେବୀ-ଅଧୀରହୋଇ ଉଠୁଛି ହୃଦୟ ଆନନ୍ଦରେ·· ଅଶୀଷର ଅଶ୍ରୁଜଳରେ ଭରି ଉଠୁଛି ଚକ୍ଷୁ···କେତେକଣ କଳ୍ପନା କରୁଥିଲେ ରୁକ୍ମିଣୀ ଦେବୀ ।

ଆନନ୍ଦରେ ଅଧୀର ନୟନ ତଳେ ଜଦ୍‌ଗତ ଆନନ୍ଦାଶ୍ରୁ ପୋଛି ନେଉଥିଲେ ସେ···

ଏ ଆବେଗ ଏ ଆକୁଳତା ଓ ଆନନ୍ଦ ଏଇ କେତେ ଦିନ ହେଲା ବଢ଼ିଛି ତାଙ୍କର··· କାଂତା ନିୟମିତ ଆସୁଛି--ତାଙ୍କର ରୋଗଶଯ୍ୟା ପାଖରେ ନିୟମିତ ବସୁଛି—ତାଙ୍କର ସେବା ଯତ୍ନ ପାଇଁ ବ୍ୟାକୁଳ ହୋଇ ଉଠୁଛି ସତେ ଯେପରି ସେ । ତାର ଥିବା ବେଳେ ସୁବୋଧକୁ ପାଖକୁ ଡାକି ତାଙ୍କ ଉଭୟଙ୍କୁ ମନଭରି ଦେଖୁଛନ୍ତି ସେ ।······

ସତରେ କଣ ଏଇ ଭାବନା ସଂଭବ ହେବ ! ସତେକଣ ବାସ୍ତବରେ ପରିଣତ ହେବ ତାଙ୍କର କଳ୍ପନା···କାହିଁ ରାଜଯେମା କାଂତା··· କାହିଁ ସୁବୋଧ ! ହଠାତ୍ ଏଇ ଚିଂତାଟି ଅନେକ ସମୟରେ ଜାଗୁଥିଲା ତାଙ୍କର ମନରେ··· ଦୁଃଖିତା ହେଉଥିଲେ ସେ । ସେଥିରେ ବି ଆଖିରେ ଭରି ଆସୁଥିଲା ଲୁହ··· ସେ ଲୁହ ପୋଛୁଥିଲେ । ଛି କାହିଁକିବା ଏ ଅମଙ୍ଗଳ କଥା ଭାବୁଛନ୍ତି ସେ··· କାହିଁକିବା ଏସବୁ କଥା ମନରେ ପଶୁଛି ତାଙ୍କର । ଭଗବାନ ଚାହିଁଲେ କାହିଁକଥା ଅସମ୍ଭବ ନୁହେଁ ।··· କୌଣସି କଥାର ଅଭାବ ରହେନାହିଁ···ପାଣିରେ ପଥର ଭାସିଛି···ସୁଦାମା ଐଶ୍ୱର୍ଯ୍ୟ ଶାଳି ହୋଇଛି—ଚିବୁକୁହିତା କୁବୁଜା ସୌନ୍ଦର୍ଯ୍ୟ ଶାଳିନୀ ହୋଇଛି··· ହାତ ଯୋଡ଼ି ଭଗବାନଙ୍କର ଉଦ୍ଦେଶ୍ୟରେ ପ୍ରଣିପାତ ଜଣାଉ ଥିଲେ ରୁକ୍ମିଣୀ ଦେବୀ ।···

ଭଗବାନଙ୍କର ଉପରେ ପ୍ରଗାଢ଼ ବିଶ୍ୱାସ ତାଙ୍କର···ସେ ଚାହିଁଲେ, କୌଣସି କଥା ଅପୂରଣ ରହିବ ନାହିଁ । ତେଣୁ ତାଙ୍କର ହାତରେ ସବୁକଥା ସମର୍ପି ଦେଇ ସେ ଯଥେଷ୍ଟ ସାଂତ୍ୱନା ପାଉଥିଲେ । ସମସ୍ତ ଦୁଃଖ, ସମସ୍ତ ବେଦନା ଓ ନିରାଶା ଭୁଲିଯାଉଥିଲେ ।···

ତାଙ୍କର ହୃଦୟ ତଳେ ଏକମାତ୍ର ଦୁଃଖ ରହି ଯାଉଥିଲା — ସେ କେଜାଣି କାହିଁକି ଯେ ଅନୁଭବ କରୁଥିଲେ, ତାଙ୍କର ସ୍ୱପ୍ନ ସାକାର ହେବାର ଆଶା ଫଳବତୀ ହେବାର ସେ ଦେଖି ପାରିବେ ନାହିଁ । ତାଙ୍କର ଜୀବନ ଦୀପ ଲିଭିଯିବ ନିଶ୍ଚୟ । ଏଇ କେତୋଟି ଦିନ ହେଲା ବରାବର ସ୍ୱପ୍ନ ଦେଖୁଛନ୍ତି ଯେମିତି ତାଙ୍କର କାନେ କାନେ ସୁବୋଧର ବାପା କହୁଛନ୍ତି—ମୁଁ ଯଥେଷ୍ଟ ପ୍ରତୀକ୍ଷା କଲିଣି ଉମର···।

ଦିନୁ ଦିନ ପୀଡା ବଢି ଚାଲିଛି ସିନା କମୁନି । ···ତାଳ ମିଳାଇ ଆନନ୍ଦର ମାତ୍ରା ରୁକ୍ମଣୀ ଦେବୀଙ୍କ ହୃଦୟ ତଳେ ବଢି ଚାଲିଛି ସିନା କମୁନି । ମୁଣ୍ଡ ଦରଜ ହେଉଥିଲା—କାନ୍ତା ପାଖରେ ବସି ଧିରେ ଧିରେ ମୁଣ୍ଡ ଚିପି ଦେଉ ଥିଲା—ଅନେକ ଜର ଥିଲା ଦେହରେ । ରୁକ୍ମଣୀ ଦେବୀ ଆନନ୍ଦର ଅତିଶଯ୍ୟାରେ ଗୁଞ୍ଜରି ଉଠିଲେ ।

"ମୋର ଲକ୍ଷ୍ମୀ ମା'ଟିର ହାତ ଲାଗିଲେ ସବୁକଥା ଜିତେଇ ଯାଉଛି ।

କାନ୍ତା ନୀରବ ଥିଲା···ରୁକ୍ମଣୀ ଦେବୀ ସେଇ କେତୋଟି ମୁହୂର୍ତ୍ତ ପାଇଁ ପ୍ରଗଲ୍‌ଭ ହୋଇ ଉଠୁଥିଲେ ଯେମିତି--- କହୁଥିଲେ —

"ତୋତେ ଦେଖି ଅନେକ କଥା ଭାବି ବସୁଛି ମା···।— ଭଗବାନ ଜାଣନ୍ତି କଣ ତାଙ୍କର ଇଚ୍ଛା । କଣ ସେ ଭାବୁଛନ୍ତି । ମୋ ପରେ ସୁବୋଧର ଦେଖା ରେଖା କିଏ କରିବ ?—ଏ ଚିନ୍ତା ଆଉ ମୋର ନାହିଁ——।"

କାନ୍ତା ଲାଜେଇ ଯାଉଥିଲା । ନଇଁଯାଉଥିଲା ତାର ଆଖିପତା, ହସି ଉଠୁଥିଲା ତା'ର ଚଞ୍ଚଳ ଆଖିର ତାରା, ରୁକ୍ମଣୀ ଦେବୀଙ୍କର

ମସ୍ତକ ଉପରେ ଅତି ମନ୍ଥର ହୋଇ ଯାଉଥିଲା ତା'ର ହାତ ।

"ମୋ ପାଇଁ ବହୁତ ଖଟିଲଣି ମା ।...... ଅନେକ ସମୟ ଧରି ନୀରବ ରହୁଥିଲେ ରୁକ୍ମଣୀ ଦେବୀ... କହୁଥିଲେ... ସୁବୋଧ ଭାରି ଅବୁଝା । ମା ପାଖରେ ସିନା ସେ ବଢୁଥିଲା—ତୋ ପାଖରେ ରହିବ ନାହିଁ ——।"

କାନ୍ତା ରୁକ୍ମଣୀ ଦେବୀଙ୍କର ଏଇସବୁ କଥା ବୁଝିପାରୁଥିଲା... ଅନୁଭବ କରି ପାରୁଥିଲା ତାଙ୍କର ମନର ସବୁ କଥା । ମନେ କରୁଥିଲା ସତେ ଯେପରି ସେ ଏଇ ମୁହୂର୍ତ୍ତରେ ହରମୋହନ ଦାସଙ୍କର କନ୍ୟା ନୁହେଁ -ଏଘରର ବୋହୂ... ଶାଶୁ ତାର ପୀଡ଼ିତା... ଅଲକ୍ଷରେ ମୁଣ୍ଡ ଉପରକୁ ଓଢ଼ଣା ଟାଣି ନେଉଥିଲା କାନ୍ତା... ପର ମୁହୂର୍ତ୍ତରେ କାପରି ଏକ ଲାଜରେ ଜର ଜର ହୋଇ ଯାଉଥିଲା ତା'ର ସାରା ଦେହ- କାପରି ଏକ ବିଚିତ୍ର ପୁଲକରେ ପୁଲକିତ ହୋଇ ଉଠୁଥିଲା ତା'ର ସମସ୍ତ ଶରୀର .....

ଧୀର ଗଳାରେ ପଚାରିଲାସେ-- ଭଲ ଲାଗୁଛି ମାଆ !

'ହଁ' ସଂକ୍ଷିପ୍ତ ଉତ୍ତର ଦେଲେ ରୁକ୍ମଣୀ ଦେବୀ ।

"ସୁବୋଧ ଅଛିନା ଘରେ ?" ସେ ପଚାରୁଥିଲେ -

'ହଁ'- ଅର ଘରେ ଅଛନ୍ତି-କଣ ପଢୁଛନ୍ତି ।"

"ବିଚିତ୍ର ପିଲାଟିଏ ମା !- ଦିନସାରା ଏଣେ ତେଣେ ରହିବ ରାତି ଅନେକ ବେଳ ଯାଏ ପଢୁଥିବ ବା ଲେଖୁଥିବ- ଯେତେ ମନା କଲେ ମାନେ ନାହିଁ- ତା'ର ଚିନ୍ତାରେ ବ୍ୟସ୍ତ କରୁଛି ମୋତେ... ।

ଡାକ୍ତର କହୁଥିଲେ ଏଇ ଦିନେ ଦୁଇଦିନରେ ଭଲ ହୋଇଯିବ ତମେ"......

"ହିଁ...ମୋର ଭଲ ହେବା ନହେବାରେ କଣ ଅଛି ।"

"ମୋର ସେବା କଣ ଏତିକରେ ଶେଷ ହେବ ?"

କାନ୍ତାର ଏତିକି ମାତ୍ର କଥାରେ ଆଖିରେ ଲୁହ ଭରିଆସୁ-ଥିଲା ତାଙ୍କର···କାନ୍ତାର ହାତକୁ ଆପଣା ହାତ ମୁଠାରେ ନିବିଡ଼ ଭାବରେ ଧରି ରଖୁଥିଲେ ସେ·········ଗଭୀର ପରିତୃପ୍ତି ପାଉଥିଲା କାନ୍ତା।

× × × ×

ସେଦିନ ବେଶ ତୃପ୍ତ ହେଉଥିଲା କାଂତା··· ଗଭୀର ସନ୍ତୋଷ ପାଉଥିଲା ତା'ର ହୃଦୟ·ବ୍ରୀଡ଼ାର ଏକ ନୂତନ ଝଲକ ଫୁଟି ଉଠୁଥିଲା ତା'ର ନୟନ ତଳେ - ଦର୍ପଣରେ ବାର ବାର ଦେଖୁଥିଲା ସେ ନିଜର ରୂପକୁ··· ଅବଗୁଣ୍ଠନ ତଳେ ଲାଜରାଙ୍ଗ ତା'ର ମୁହଁଟି··· କପୋଳ ଶୋଭୀ ରକ୍ତାକ୍ତ ସିନ୍ଦୂର ବିନ୍ଦୁ। ପହିଲି ଥର ସିନ୍ଦୂରର ଟୋପାଟି ଏତେ ଯତନରେ ଲଗେଇ ଥିଲା କାଂତା ସେଦିନ। ସତରେ ଜଣଙ୍କ ପାଖରେ ହୃଦୟ ସମର୍ପି ଦେଇ ପାରିଲେ-ଆପଣାର ହୃଦୟ ଭିତରେ ହଜାଇ ଦେଇ ପାରିଲେ-କେତେ ମଧୁର ହୋଇ ଉଠେନି ହୃଦୟ। ଅନ୍ୟର ପାଖରେ ଆପଣାର ମନ ପ୍ରାଣ ଅର୍ପିଦେଇ ପାରିଲେ କେଡ଼େ ଆତ୍ମତୃପ୍ତି ମିଳେନାହିଁ ସତେ।

ପଛରୁ ମନ୍ତବ୍ୟ ଶୁଣି ଲାଜରେ ଅରୁଣାଭ ହୋଇ ଉଠୁଥିଲା ତା'ର ମୁହଁ, ଅଧରତଳେ କଂପନ ଜାଗୁଥିଲା ଯେମିତି·····ପଛରୁ ସୁବୋଧ କହୁଥିଲା·········"ଆଜି ବେଶ୍ ସୁନ୍ଦର ଦେଖାଯାଉଛୁ କାନ୍ତା। ତମେ ଯାହା ଦେଖିନ ତା'ମତେ ଦେଖାଇ ପାରୁଛି ଏଇ ନିର୍ଜୀବ ଦର୍ପଣଟି। ······" ହସି ହସି ଘରଭିତରକୁ ପଶିଆସିଲା ସୁବୋଧ··········

"ଭାରି ଇଏ ତମେ।" ······କେଜାଣି କ'ଣ ବା ଅର୍ଥ ଏଇ "ଏଏ" ର······? ସୁବୋଧ ଓଠରେ କାନ୍ତ ହସର ମଧୁର ରେଖା

ଫୁଟେଇ ପାରୁଥିଲ ସେଇ "ଏଏ" ଉଭୟେ ନୀରବ ଥିଲେ—ମୁଖର ଥିଲ ସତେ ଯେପରି ଗୁହେଁଟି ଆଖି...... ।

"ଏ ଭିତରେ ଖଣ୍ଡେ ଉପନ୍ୟାସ ଲେଖା ଆରମ୍ଭ କରିବି ବୋଲି ଭାବୁଛି.....ତମକୁ ହିଁ ତାହା ଉତ୍ସର୍ଗୀକୃତ ହେବ ।"

"ଅନେକ କଥା ଦେଲଣି—ପ୍ରତିଦାନରେ କେବେ କିଛି ପାଇଛ ମୋଠାରୁ ?"

"କିଛି ଦେଇପାରି ନାହିଁ କାନ୍ତା—ପାଇଛି ଅନେକ-ଅନେକ କଥାରେ ତୁମେ ମୋତେ ଋଣୀ କରିଛ । ସେ ଋଣ ଜୀବନରେ ଅଶୁଝା ରହିଯିବ । —ସେଥିପାଇଁ ଦୁଃଖ ମୋର ମୋଟେ ନାହିଁ—ତମରି ପାଖରେ ସାରାଜୀବନ ଋଣୀ ହୋଇ ରହି ଅନ୍ତତଃ ଜୀବନରେ ତମକୁ ଭୁଲିଯାଇ ପାରିବି ନାହିଁ ।" .....ଦଣ୍ଡେ ନୀରବ ହୋଇ ଉଠି ପୁଣି ମୁଖରି ଉଠିଛି ସୁବୋଧ ।

"ଅଚ୍ଛା କାନ୍ତା ! ସେଦିନ କହୁ ନଥିଲ ମୋର ତମକୁ ଅନେକ କଥା କହିବାର ଅଛି ବୋଲି ।" ଆଜି ଶୁଣିବ ସେ କାହାଣୀ ?

ଗୁହଁଣୀରେ ଭରା ଅର୍ଥର ପ୍ଲାବନ ଖେଳାଇ ଅଧରକୋଣରେ ହସର ଖଇବାଣ ଫୁଟିଲ କାନ୍ତା । —କୁହତ ଦେଖି ।

"ସୁବୋଧ ଆରମ୍ଭକଲା—କାନ୍ତା, ମଣିଷ ସବୁବେଳେ ସୁଖ ଗୁହେଁ—ଆଜି କେବଳ ଏଇ ସୁଖ ଲାଗିହିଁ ଏର ଆଶାଧର ସେ ଭୁଲି ଯାଇ ବସେ ଅପରକୁ । ପ୍ରଣୟ ମଣିଷ ଜୀବନର ଏକ ପବିତ୍ର ତମ ତଥା ପ୍ରିୟତମ ବସ୍ତୁ— ଏହା ଏକ ବିରାଟ ଆତ୍ମତ୍ୟାଗ । ଜୀବନର ସମସ୍ତ ବସ୍ତୁ ଏପରି କି ଜୀବନର ବିନିମୟରେ ଅନ୍ୟକୁ ତୃପ୍ତ ଓ ସୁଖୀ କରିବାର ଆଗ୍ରହ ଓ ଅଭିଳାଷହିଁ ପ୍ରଣୟ......ସେ ଏକ ଶାଶ୍ୱତ ଅନୁଭବ, ଆତ୍ମା ଓ ଆତ୍ମାର ମିଳନର ପ୍ରଣୟ କାମ୍ୟ । ......

ଏ ଭୂମିକାର ଅବତାରଣା ଅଂଶିକ ବୁଝିଥିଲି କାନ୍ତା । କଥା ଉପରେ ଗୋଟ ଦେଇ କହିଲି—

"ପୃଥିବୀର ମଣିଷପାଇଁ ନୈସର୍ଗିକ ସୁଖ ଅବଶ୍ୟକତା ନାହିଁ ସୁବୋଧ । ଅବଶ୍ୟକ ପାର୍ଥିବ ସୁଖ –ଏ ପୃଥିବୀର ତା'ର ସବୁକିଛି, ଏ ପୃଥିବୀର ସବୁ ସୁଖ ହିଁ ତା'ର ସୁଖ ।"

"କିନ୍ତୁ ସେ ସୁଖରେ ଆନନ୍ଦ ମୋଟେ ନାହିଁ ।"

"ମଣିଷ ପକ୍ଷରେ ତାହାହିଁ ଏକମାତ୍ର ଆନନ୍ଦ ଦାୟକ—ଓ ସେଥିରେ ଯେଉଁମାନେ ଆନନ୍ଦ ପାଆନ୍ତି ନାହିଁ ବା ଯେଉଁମାନଙ୍କ ପକ୍ଷରେ ସେ ଆନନ୍ଦ ଉପଭୋଗ୍ୟ ହୋଇ ପାରେନାହିଁ—ସେମାନେ ମଣିଷ ନୁହନ୍ତି—ହୋଇପାରନ୍ତି ମହାମାନବ ବା ଅନ୍ୟକିଛି ।

"ପୃଥିବୀର ସମସ୍ତେ ମହାପୁରୁଷ ହୋଇ ପାରିବେ କାନ୍ତା— ।"

"ମୋଟେ ନୁହେଁ—ବୁଦ୍ଧ କେତେଜଣ ହେଲେ ? କେତେ ଜଣ ହୋଇ ପାରିଲେ ସ୍ୱାମୀ ବିବେକାନନ୍ଦ ବା ଶଙ୍କରାଚାର୍ଯ୍ୟ । ପୃଥିବୀର ମଣିଷ ପାର୍ଥିବ ସୁଖରେଇ ସୁଖୀ ।"

କଥାର ଧାରା ଅନେକ ପରିଣାମରେ ଅନ୍ୟ ଆଡ଼କୁ ଗତିକରି ଯାଉଥିଲା । ମୋଟେଇ ବୁଝିପାରୁ ନଥିଲି ସୁବୋଧ ଯେ କ'ଣ କହି ତା'ର ମନୋଭାବକୁ ପ୍ରକାଶ କରିବ ସେ । କ'ଣ ବୋଲି ବୁଝାଇଲେ ଠିକ୍ ବୁଝିବ କାନ୍ତା । ...ଅନେକ ସମୟ ନୀରବ ରହି ପୁଣି ଆରମ୍ଭ କଲା ସେ—

"...ପ୍ରଣୟ କିନ୍ତୁ ନିଷ୍କାମ ହେବା ଉଚିତ ।"

"ମାନେ ?"

"ମାନେ ତା'ର କୌଣସି ଲକ୍ଷ୍ୟ ନ ରହିବା ଉଚିତ । ବିବାହ ପ୍ରେମର ଲକ୍ଷ ହେବା ମୋଟେ ଉଚିତ ନୁହେଁ— ।"

ଆଗରୁ ସୁବୋଧ କ'ଣ କହିବ ବୋଲି ବୁଝିଥିଲା କାନ୍ତା । ବାସ୍ତବିକ୍ ତା ଭାବନାକୁ ରୂପ ଦେଇଛି ସୁବୋଧ ।

ସତେ କାନ୍ତା, ମୁଁ ଅନୁଭବ କରୁଛି, ତୁମେ ଯିମିତି ଏ ଜୀବନର କେତେକ କିଛି କଳ୍ପନାରେ ବସୁଛ । ମଣିଷର ଆକାଂକ୍ଷାହିଁ ହେଲା ଏକମାତ୍ର ଦୁଃଖର କାରଣ । ଏଣୁ ସେପରି କିଛି ଆକାଂକ୍ଷା ରଖିବା ଉଚିତ ନୁହେଁ, ଯାହାର ପୂର୍ଣ୍ଣତା କି ନିହାତି ଅସମ୍ଭବ ।

"ଆପଣ କ'ଣ କହିବାକୁ ଚାହୁଁଛନ୍ତି ସ୍ପଷ୍ଟ କରି କହନ୍ତୁନା ?

ବାସ୍ତବିକ ସବୁ କଥା ସୁବୋଧ ପକ୍ଷରେ ସ୍ପଷ୍ଟ କହିବା ଉଚିତ । ହେଲେ କେମିତି କହିବ ସେ ? କହିବ ବୋଲି ଭାବିବା ବେଳେ କେତେକଥା ସଜାଡ଼ି ସେ ଭାବି ନଥିଲା ? କିନ୍ତୁ କହିବାର ସମୟ ଆସିବା ବେଳେ କେଜାଣି କିପରି ଏକ ଜଟିଳତା ଅନୁଭବ କରୁଛି ସେ । ଅନୁଭବ କରୁଛି କିପରି ଏକ ମର୍ମାନ୍ତିକ ବ୍ୟଥା, କିପରି ଏକ ଅସହ୍ୟ ଯନ୍ତ୍ରଣା......ଯେପରି ହେଜି ତାକୁ କହିବାକୁ ପଡ଼ିବ ।

"କ'ଣ ଭାବୁଛନ୍ତି......?"

"ନାଁ କିଛିନୁହେଁ । ହୃଦୟର ସବୁ ବ୍ୟଥା, ବେଦନାରେ ଜଳାଞ୍ଜଳି ଦେଇ ସୁବୋଧ ଗମ୍ଭୀର ଗଳାରେ କହୁଥିଲା......"ଆମର ପ୍ରଣୟ କେବଳ ମାତ୍ର ପ୍ରଣୟ ହୋଇ ସବୁଦିନ ଥାଉ କାନ୍ତା । ତା'ଛଡ଼ା ଅନ୍ୟ କିଛିର କଳ୍ପନା ବା ଆଶା କରିବା ଆମପକ୍ଷରେ ମୋଟେ ଉଚିତ ନୁହେଁ । କାରଣ ମୁଁ ତମକୁ ନିଜର କରି ପାରିବି ନାହିଁ ।"

"ତା'ର କାରଣ ତ କିଛି ଗୋଟାଏ ଥିବ ନିଶ୍ଚୟ ।"

"କାରଣ, ମୁଁ ତମକୁ ସୁଖୀ କରି ପାରିବି ନାହିଁ । ତମ ଆଉ ମୋ ଭିତରେ ଆକାଶ ପାତାଳ ତଫାତ୍ ।"

"ଅସମ୍ଭବ ମୋଟେ ନୁହେଁ—ମନର କଥା ମନରେ ମାରିଦେବା ଏତେ ସହଜ ନୁହେଁ । ଆପଣ ନିଜେ ନିଜକୁ ଠକୁଛନ୍ତି ନିଜେହିଁ ନିଜକୁ ପ୍ରତାରିତ କରୁଛନ୍ତି ।

ନୀରବ ଥିଲା ସୁବୋଧ—କାନ୍ତା କହୁଥିଲା······

"ବାପାଙ୍କର ଅଗ୍ରହ ରହିଛି ଏଥିରେ—ଏହାହିଁ ସେ ଚାହାଁନ୍ତି ।"

"କିନ୍ତୁ ତମକୁ ମୁଁ ସୁଖୀକରି ପାରିବି ନାହିଁ କାନ୍ତା । ମୁଁ ନିଃସ୍ୱ—ମୋର ଜୀବନର ଦୁଃଖ, ମୋର ଜୀବନର ବ୍ୟଥା ଓ ବେଦନା ତମେ ସହି ପାରିବ ନାହିଁ । ଅଭାବ କ'ଣ ତମେ ଏଯାଏଁ ଅନୁଭବ କରିନାହିଁ—ହେଲେ ଅଭାବ ଭିତରେ ମୁଁ ବଢିଛି ଓ ବଞ୍ଚିଛି ।"

"ମଣିଷ ଜୀବନରେ ଅଭାବ ସବୁଦିନ ରହେନାହିଁ; ଦୁଃଖର ଦିନ ସବୁଦିନ ରହେନାହିଁ । ସେଥିପାଇଁ ଏତେ ଚିନ୍ତା କରିବାର କଣ ଅଛି । ତା'ପରେ ମୁଁ ମୋର ପିତାଙ୍କର ସମସ୍ତ ସମ୍ପତ୍ତିର ଏକ-ମାତ୍ର ଉତ୍ତରାଧିକାରିଣୀ···"

"···କିନ୍ତୁ ସେ ସମ୍ପତ୍ତିରେ ଲୋଭ ତ ମୋର ନାହିଁ ।"

କାନ୍ତା ବେଶ ବୁଝି ପାରୁଥିଲା ଯେ ତାର କହିଥିବା କଥା ସୁବୋଧକୁ ଯଥେଷ୍ଟ ଆଘାତ ଦେଇଛି । ସେ ସ୍ୱର ବଦଳାଇ କହିଲା-ଆପଣ ଚାହାନ୍ତି ନାହିଁ ଯଦି ସେ ସମସ୍ତ କୌଣସି ସତ୍-କାର୍ଯ୍ୟରେ ଦାନ କରିଦେବାକୁ ବି ମୁଁ ପ୍ରସ୍ତୁତ । ···ଆପଣତ ଚାକିରି କରିବେ—ଆପଣତ ଘର କରିବେ······ଆପଣ ତ ପୁଣି ବିବାହ କରିବେ ନିଶ୍ଚୟ ।

ସୁବୋଧ ଗୋଟିଏ ଦୃଷ୍ଟିରେ କାନ୍ତାକୁ ଚାହିଁଲା । କାନ୍ତା ତାକୁ ଜୀବନ ଦେଇ ଭଲ ପାଏ ଏଥିରେ 'ସନ୍ଦେହ କରିବାର

କିଛି ନାହିଁ । କାନ୍ତାର ସୁଖ ପାଇଁ, କାନ୍ତାର ଆନନ୍ଦ ପାଇଁ ସେ କୌଣସି କଥାରେ ପିତା ତାର ବାଧା ଦେବେ ନାହିଁ । — ତା'ର ବା ଆପତ୍ତି କରିବାର କଣ ଅଛି ! ଆସନ୍ତାକାଲି ସେ ଗୃହକର୍ତ୍ରୀ କଲେ କିଛି ଲୋକ ଗାଳି କରିବ ନିଶ୍ଚୟ, ସେ ବାତ ଧନେନା ଧନେ ବିବାହ କରିବ ନିଶ୍ଚୟ··· ଅନେକ କଥାର କଳ୍ପନା କରୁଥିଲି ସୁବୋଧ, ଅନେକ ମଧୁର ସ୍ୱପ୍ନର ଛବିଳ ଛବି ତାର ଆଖି ଆଗରେ ନାଚି ଉଠୁଥିଲା ଯେମିତି······କାନ୍ତା ଅତୁଳ ସୁନ୍ଦର ଦେଖା ଯାଉଥିଲା ତାର ଠିକ ପଛେ ପଛେ··· ଅତୁଳ ମୁଗ୍ଧକର ଓ ଆକର୍ଷଣୀୟ କର ମନେହେଉଥିଲା ତାଂକୁ ।

ମନୋଭାବ ପ୍ରକାଶ କଲା ନାହିଁ ସୁବୋଧ । କହିବାକୁ ଗ୍ରହିଲା ନାହିଁ । ତାକୁ ଏଥିରେ ଯଥେଷ୍ଟ ସାହାଯ୍ୟ କଲା ଶାନ୍ତିର ଅପ୍ରତ୍ୟାଶିତ ଆଗମନ ।

···ଆରେ ଏଇଠି ଆପଣ ମାନେ !"······ସତେ ଯେମିତି ଆଶ୍ଚର୍ଯ୍ୟ ହେଉଥିଲା ଶାନ୍ତି । ···"ମୁଁ ଭାବୁ ଥିଲି କେ ତୋତେ ଆଜ ଯିବା ଆଗରୁ ଦେଖି ହେବ ନାହିଁ ।"

"କଣ ଆଜ ସତରେ ଯାଉଛ ନା କଣ ?" — କାନ୍ତା ପଗ୍ରରିଲା ।

"ହଁ, ସବୁ ଟ୍ରେନରେ ଲଦା ସରିଛି । ଖିଆ ପିଆ କରି ସଂଜ ପୂର୍ବରୁ ଯିବାକୁ ହେବ ବୋଲି ଭାଇ କହୁଥିଲେ ।"

"ହେଉ, ମନେ ରଖୁଥିବୁ ଭଉଣୀ ! ଜୀବନରେ ଆଉ କେବେ ଦେଖା ହେଉଛି କି ନାହିଁ ସନ୍ଦେହ ।"

"ଦେଖା କାହିଁକି ହେବ ନାହିଁ ଲୋ-ମୁଁ ସିନା ତୋତେ ଡାକି ପାରିବ ନାହିଁ -ତୁତ ମୋତେ ଡାକି ପାରିବୁ ।"

"ତୁ କାହିଁକି ଡାକି ପାରିବୁ ନାହିଁ ଯେ ?"

"ଗରିବ ଘରେ ସାଜ ଅଛଥି·····ଚଛି। କରିପାରିଲେ ତ ଡାକିବ ? ସୁବୋଧ ବାବୁ ତ ସାଦା ସିଧା ମଣିଷ । ତୋତେ ସଂଖ୍ୟାଳି ପାରିବ ନାହିଁ ।"

"ଡାକ, ନ ଡାକ—ଶଠି ଦେଇଥିବୁ ବରାବର ।

"ଶଠି ଦେବ ନିଶ୍ଚୟ—ଏମିତ ଶଠି ଦେବ ଯେ ଉତ୍ତର ଦେଇ ଦେଇ ବିରକ୍ତ ହୋଇ ଯିବୁ ।"

"ଏଇ ଦୁଇଟି ବରଷ କେତେ ଚଞ୍ଚଳ ବିତିଗଲା ସତରେ ଶାନ୍ତ ଭାବ ବସିଲେ ଏଇ ଗଲା କାଲି ପରି ଲାଗୁଛି । ଦୁଇଟି ବରଷ ଦୁଇଟି ମୁହୂର୍ତ୍ତ ପରି ସତରେ ଯେମିତ କଟିଯାଇଛି । ଦୂନିଆଁରେ ପାରପର ମଣିଷ ଅତି ଅପଣାର ହୁଅନ୍ତି ଲୋ ଅତି ଅପଣାର ମଣିଷ ପାରପର ହୋଇ ଯାଆନ୍ତି । ବହୁତ କିଛି କଥା ଏଇ ଦୁଇଟି ବର୍ଷ ଭିତରେ କହୁ ପକେଇଛି, କୌଣସିକଥା ମନେ କରିବୁ ନାହିଁ ।" ବହୁତ କିଛି କହୁ ପକେଇ ଥାଆନ୍ତି। କାଂତା··· ଆଖି ତାର କେଜାଣି କାହିଁକି ଅଶ୍ରୁଳ ହୋଇ ଉଠୁଥିଲା···ହୃଦୟ ଭିତରେ କେମିତ ଏକ କୋହ ଉଠୁଥିଲା । ସୁବୋଧ ଉପସ୍ଥିତ ପାଶୋରି ପକେଇ ଶାନ୍ତିକୁ ଗୃପୁଟି ଧରିଲା କାଂତା । ନିବିଡ ଆଲିଙ୍ଗନ ଭିତରେ ଉଭୟେ ଉଭୟଙ୍କୁ ହଜାଇଦେଇ କେବଳ ମାଙ୍କ କାନ୍ଦୁ ଥିଲେ । ଏ ସ୍ନେହ, ଏ ମମତା ଓ ମୋହର ଅଭିବ୍ୟକ୍ତି···ଓ ତା'ର ଆସନ୍ନ ବିଚ୍ଛେଦର ଅନୁଭବ ସୁବୋଧର ପ୍ରାଣକୁ ବି ବ୍ୟଥାର୍ଦ୍ର କରୁଥିଲା ।

କେତେବେଳେ ଶାନ୍ତ ବାଷ୍ପ ଗଦ୍‌ଗଦ ଗଳାରେ କହିଲା— "ଯା ଭଉଣୀ କାଂତା, ଭାଇ ତେଣେ ବିରକ୍ତ ହେବେଣି ।···"

"ବସ୍ ମ ସାମାନ୍ୟ ଟିକିଏ । ଅନ୍ତତଃ ଗୁ' ଟିକିଏ ଖାଇ ନେଇ ଯିବୁ ।"

"ବସନ୍ତୁ ଟିକିଏ ସଙ୍ଗରେ—ଉମେ ଭୁଟେଇଁ ରୁହ ଏଇଠି; ମୁଁ ଚା' ନେଇ ଆସୁଛି । ..."

ସୁବୋଧ ଚା' କରିବା ପାଇଁ ଚାଲି ଯାଇଛି । ଶାନ୍ତି କହିଲା, "ଭାଗ୍ୟବତୀ ତୁ କାଂତା ! ...କେତେ ସରଳ, କେତେ ସୁନ୍ଦର, କେତେ ଗୁଣବାନ ନୁହନ୍ତି ସତରେ ତୋ'ର ସୁବୋଧ ବାବୁ ?"

"ଲୋଭ ହେଉଛି...?"

"ଲୋଭ ହେଉଛି ନିଶ୍ଚୟ—ହେଲେ ସଉତୁଣୀ ହେବାର ଆଗ୍ରହ ମୋଟେ ନାହିଁ ..." ଉଭୟେ ଶାନ୍ତିର ଏଇ କଥାରେ ଖିଲ ଖିଲ ହୋଇ ହସିଉଠିଲେ ।

ମଣିଷର ମୃତ୍ୟୁ ଉପରେ କୌଣସି ଅଧିକାର ନାହିଁ । ଆତ୍ମାର ତ ମୃତ୍ୟୁ ହୁଏ ନାହିଁ, ମୃତ୍ୟୁ ହୁଏ ଶରୀରର । ଆତ୍ମା ଅମର ଓ ଅବିନାଶୀ-ଶରୀର ତା'ର ବାସ ସ୍ଥଳ । ସେଇ ନିବାସ ସ୍ଥଳର ପରି-ବର୍ତ୍ତନ ହିଁ ମୃତ୍ୟୁ । ତେବେ ଏଥିରେ ଦୁଃଖ କରିବାର କଣ ଅଛି । ତଥାପି ବି ଏ ପରିବର୍ତ୍ତନର ପ୍ରତିକ୍ରିୟାକୁ ସହ୍ୟ କରିବା ମଣିଷର ପାର୍ଥିବ ଦେହ ପକ୍ଷରେ ସମ୍ଭବ ନୁହେଁ ।

ଯା'ର ଜୀବ ଏ ସଂସାରରୁ ଲିଭିଗଲା ଲିଭିଗଲା । ସେ ତ ପୁନର୍ବାର ଫେରି ଆସିବ ନାହିଁ ? ହେଲେ ତାର ବୋଲି ରହି-ଗଲେ ଯେଉଁମାନେ ସେମାନଙ୍କ ପାଖରେ ତା'ର ଅଭାବ ଅପୂରଣୀୟ ରହିଗଲା । ତା'ର ସ୍ନେହ, ତାର ମମତା, ତା'ର ହସ ଆନନ୍ଦ, ତାର ସୁଖ ଦୁଃଖର ଯେଉଁମାନେ ରହିଗଲେ ସେମାନେହିଁ ହେଲେ ମର୍ମାହତ ।

ସୁବୋଧ ପାଖରେ ସେ ପ୍ରାଣଶକ୍ତି ନଥିଲା ଯେ ସେ ଏଦୁଃଖ ସହି ନେବ । ...ତେଣୁ ଆଖିରେ ତାର ଲୁହର ଜୁଆର ଆଣିଥିଲା ରୁକ୍ମିଣୀ ଦେବୀଙ୍କର ମୃତ୍ୟୁ...ମର୍ମ ତଳେ ଜାଗି ଉଠୁଥିଲା କୋହ

ଓ ଅସହାୟ ବୋଧ—ଅନେକ ଚେଷ୍ଟା ଅନେକ ପ୍ରୟାସ ଅନେକ ପ୍ରାର୍ଥନା ଓ ଆକୁଳତା ସତ୍ତ୍ୱେ ରୁକ୍ମଣୀ ଦେବୀଙ୍କ ଜୀବନର ଦୀପ ଲିଭି ଯାଇଛି । କିପରି ଏକ ବିରାଟ ପରିବର୍ତ୍ତନ ଅନୁଭବ କଲା ସୁବୋଧ ଆପଣା ଜୀବନରେ । କାଂତାର ପ୍ରାଣତଳେ ସୁବୋଧ ବ୍ୟଥାର ପ୍ରତିକ୍ରିୟା ଥିଲା ନିଶ୍ଚୟ । ତାପରେ ରୁକ୍ମଣୀ ଦେବୀଙ୍କର ତା'ପ୍ରତି ସ୍ନେହ ଶ୍ରଦ୍ଧା, ସେଥିରେ ସେ ତାର ମାତୃ ବିୟୋଗର ଦୁଃଖ ଅନୁଭବ କରୁଥିଲା । ଜୀବନରେ ମା'ର ମୁହଁ ଦେଖି ନାହିଁ କାଂତା । କିନ୍ତୁ ମାତାର ପ୍ରତିବିମ୍ବ ଦେଖିଥିଲା ସେ, ଅନୁଭବ କରୁଥିଲା ଯେପରିକି ରୁକ୍ମଣୀ ଦେବୀ ତାର ମାଆ ।

ହରମୋହନ ବାବୁ ଅନେକ କିଛି ବୁଝେଇବାର ପ୍ରୟାସ କରୁଥିଲେ ସୁବୋଧକୁ । ମାତ୍ର ରକ୍ତ ମାଂସର ସୁବୋଧ ପ୍ରାଣରେ ତାହା ଯଥେଷ୍ଟ ପ୍ରଭାବ ପକେଇ ପାରୁ ନଥିଲା ।

ତେବେ ବି ଏ ଦୁଃଖର ସ୍ଥାୟିତ୍ୱ ଅତି କମ୍ । ମଣିଷ, ହଜିଗଲା ଅତୀତ ଓ ଅନାଗତ ଭବିଷ୍ୟତ ଭିତରେ କେବଳ ମାତ୍ର ଏକ ବର୍ତ୍ତମାନ·········· ଧୀରେ ଧୀରେ ସବୁ ଦୁଃଖ ଭୁଲିଗଲା ସୁବୋଧ । କାନ୍ତାର ସରଳ ସ୍ନେହ ଶ୍ରଦ୍ଧା ଓ ସାନ୍ନିଧ୍ୟ ହର ମୋହନ ବାବୁଙ୍କର ନିର୍ମଳ ବାତ୍ସଲ୍ୟ ପ୍ରେମ ତା ଜୀବନକୁ ଏକ ନୂତନ ରୂପରେ ଶ୍ୟାମଳ କରୁଥିଲା ।···

ସେଦିନ ସୁବୋଧ ହରମୋହନ ବାବୁଙ୍କ ପାଖରେ ବସିଥିଲା । କଣ୍ଠରେ କୋମଳତା ଫୁଟାଇ ଗୁଲିଥାନ୍ତି ହରମୋହନ ବାବୁ ।

······କୌଣସି କଥାରେ ଦୁଃଖ କରି ଲାଭ ନାହିଁ । ଯାହା ହୋଇ ଯାଇଛି ସେ ଆଉ ଫେରି ଆସିବ ନାହିଁ । ଗଲା କଥା ଭାବି

ବସିଲେ ଦୁଃଖ ଅନ୍ତର ବଢ଼ିବ ବିନା କମିବ ନାହିଁ—" ସୁବୋଧ ନୀରବରେ ଶୁଣୁଥିଲା । ହରମୋହନ ବାବୁ କହି ଯାଉଥିଲେ—

ଏମ୍‌ଃଏ ରେ ଯୋଗଦେବାର ସମୟ ହୋଇଗଲାଣି ନା—

'ହଁ' ସଂକ୍ଷିପ୍ତ ଉତ୍ତର ଦେଲା ସୁବୋଧ ।

"ଯୋଗ ଦେବାପାଇଁ ଦରଖାସ୍ତ କଲଣି ?"

"ନା"......

"ମାନେ ?"

"କ'ଣ ହେବ ଦରଖାସ୍ତ କରି ?......"

"ତା' ହେଲେ ତମେ କ'ଣ ଭାବୁଛ, ଆଉ ପଢ଼ିବ ନାହିଁ ?"

"ବାଧାଦେଇ କହୁଥିଲେ ହରମୋହନ ବାବୁ ।"

"ନାଁ, ନାଁ, ତୁମକୁ ନିଶ୍ଚୟ ଏମ୍‌, ଏ,ରେ ଯୋଗ ଦେବାକୁ ହେବ ।" ଆଉ ବିଳମ୍ବ କରିବା ଠିକ୍ ନୁହେଁ । କାଲି ଆବେଦନ ପତ୍ର ପଠାଇ ଦିଅ ।

"କି ଆବେଦନ ବାପା ?"--ଘର ଭିତରକୁ ପଶି ଆସୁ ଆସୁ ହଠାତ୍ ପଚାରିଦେଲା କାନ୍ତା !

"ଆରେ ତୁ ଯେ ବେଢ଼ା ?......ହି କଥା କ'ଣକି,ସୁବୋଧ କହୁଛନ୍ତି—ସେ ଆଉ ପଢ଼ିବେ ନାହିଁ ।"

"ପଢ଼ିବେ ନାହିଁ ?"

"ହଁ ପଢ଼ିବେ ନାହିଁ ।"

"ମାନେ ?"

"ତାଙ୍କୁ ପଚାର ବୁଝିବେ—

"ବୁଝିବି କ'ଣ ? ସେତ ନିଶ୍ଚୟ ପଢ଼ିବେ । ଦୃଢ଼ ସ୍ୱରରେ ଉତ୍ତର ଦେଲା କାନ୍ତା । ହରମୋହନ ବାବୁ ହସୁଥିଲେ........ ସାମାନ୍ୟ ହସି କହିଲେ—ମୁଁ ଆଜି ତୁମମାନଙ୍କ ସଙ୍ଗରେ ଯିବି

ନାହିଁ, ମୋତେ ପୁଣି ପ୍ରସ୍ତୁତ ହେବାକୁ ହେବ……… ତୁମେ ଏକବାରେ ବାହାର ପଡ଼ିଲଣି……… । ତେବେ ତମେବୁହେଁ ଚାଲିଯିବା ଉଚିତ ।"

"କୁଆଡ଼େ ଏ ଯିବାର ଆୟୋଜନ କହ ?" ସୁବୋଧ ପଚାରିଲା ।

ଆଜ ଏକ ସୁନ୍ଦର ଫିଲମ୍ ଚାଲିଛି 'ଗେଟି' ରେ ।

"ମାନେ ସିନେମା ?"

"ହିଁ"

"ସିନେମା ଭୋଜିଏ କ'ଣ ?"

"ଆଜ କବି ସମ୍ମିଳନୀ ବା ଅନ୍ୟ କୌଣସି ସାହିତ୍ୟସଭାର ଆୟୋଜନ ନାହିଁ ।" ହସି ହସି ପରିହାସ ଛଳରେ କହୁଥିଲା କାନ୍ତା । ……ଆପଣ ଅଯଥା ଯୁକ୍ତି ବାଢ଼ି ବସନ୍ତୁ ନାହିଁ । ଶୀଘ୍ର ଉଠନ୍ତୁ ।"

ବାଧ୍ୟ ଶିଶୁଟିପରି ଉଠି ପଡ଼ିଲା ସୁବୋଧ ।

କାନ୍ତା ଓ ସୁବୋଧ ଚାଲି ଯାଉଛନ୍ତି । ହରମୋହନ ବାବୁ ସେମାନଙ୍କ ସହିତ ଯିବାକୁ ପସନ୍ଦ କଲେନାହିଁ । କ'ଣ କରିବେ ସେ ସେମାନଙ୍କ ସାଥିରେ ଯାଇ ? କୌଣସି କଥାରେ ମୁକ୍ତହୋଇ ପାରିବେ ନାହିଁ ସେମାନେ । ତା' ପର ସେଦିନ ମୋଟେ ତାଙ୍କୁ ଭଲ ଲାଗୁ ନଥିଲା, ଯାହା ଫଳରେ ସେମାନଙ୍କୁ ଅପେକ୍ଷା ନକରି ସେ ସେଦିନ ଖାଇନେଲେ, ଏପରି କି ସେମାନେ ସିନେମାରୁ ଫେରିବା ବେଳକୁ ଶୋଇ ସାରିଥିଲେ ହରମୋହନ ବାବୁ ।

ସିନେମାରୁ ଫେରି ଏକାସାଙ୍ଗରେ ଖାଇ ବସିଲେ ସେମାନେ, ଖାଇବା ଭିତରେ ସୁବୋଧ ଆରମ୍ଭ କଲା—

"ଆଜି କାଲି ମୋର ଖାଇବା ପରିମାଣଠୁଁ ଅନେକ ବେଶୀ ଖାଇ ହୋଇ ଯାଉଛି ।"

"ତାହିଁ ଆପଣଙ୍କ ସ୍ୱାସ୍ଥ୍ୟର ତ ସେମିତ ବିଶେଷକିଛି ପରିବର୍ତ୍ତନ ଦେହଲାପରି ଜଣା ପଡୁନି ?

"ତମେ ଏ 'ଆପଣ', କହିବା ଛାଡ଼ିବ ନାଇଁ ନା କଣ ?"

ବାସ୍ତବିକ ଆଜିକାଲି ଆପଣ' ବୋଲି କହିବାରେ ଭାରି ଅଡ଼ୁଆ ଲାଗୁଛି କାନ୍ତାକୁ । ଇଚ୍ଛା ହେଉଛି ସେବି ତମେ ବୋଲି କହନ୍ତା– କେମିତ ଲାଜ ଲାଗୁଛି କିନ୍ତୁ ଅଧର ପାଖରୁ କଥା ଫେରି ଯାଉଛି ତେମିତ । ସାମାନ୍ୟ ହସି ସେ ଉତ୍ତର ଦେଲି··· ସମୟ ଆସୁ ଅପେ ଅପେ କହିବି ଯେ·······।"

"କ'ଣ ଦେବି ଦେଇ ତମକୁ ?"—ହଠାତ୍ ଅଗେଇ ଆସି ପ୍ରଶ୍ନକଲା ପ୍ରହ୍ଲାଦ ।

"ଯାହା ଦେଇଛୁ ତା' ଅତ ସବୁତ ।"

"ଆଜି···ଆପଣଙ୍କୁ ?"

"ମୋର କିଛି ଦରକାର ନାଇଁ ।"

"ଏମିତ ବେଶି ଖାଉଛନ୍ତିତ ?"

"ହଁ କାନ୍ତା--ଏଇତ ମୋର ସାଧାରଣ ଅଧାରରୁ ବେଶୀ । ଯଥେଷ୍ଟ ଆତ୍ମ ତୃପ୍ତି ଆସୁଛିନା'—ଦେହ ଓ ଆତ୍ମାର ସମ୍ବନ୍ଧ ଅତି ପାଖା ପାଖି ହେଲେବି ଆତ୍ମତୃପ୍ତିରେ ଶରୀରର ଅଭିବୃଦ୍ଧି ଘଟିକି କେମିତ·······।"

"ଆପଣ ପୁଣି ଏମ୍. ଏ. ପ ଇଁ ଯିବେ କେବେ ?" ଅନେକ ସମୟ ନୀରବ ରହିବା ପରେ ପଚାରିଲା କାନ୍ତା ।

"ଏଇ ଅସନ୍ତା ମାସ ଦ୍ୱିତୀୟ ବା ତୃତୀୟ ସପ୍ତାହରେ ।"

"ବହୁତ ଜମଦାନ ରହୁଲ ଅଜ···" କେମିତି ଏକ ଉଦାସ ଭାବ ଥିଲ ତା'ର କଥାରେ···" ତୁଇଟି ବରଷ କଟିବନା ସେଇଠି ? ଅତି ସରଳ ଓ ସହଜ ଭାବରେ ପଗ୍ରୁଥିଲ କାନ୍ତା । ଏ ପ୍ରଶ୍ନ କରି-ବାର କୌଣସି ପ୍ରୟୋଜନହିଁ ନଥିଲ ଯେହେତୁ ଏସବୁ କାନ୍ତାର ଅଜଣା ନୁହେଁ ।······ କିନ୍ତୁ ଆସନ୍ନ ବିଚ୍ଛେଦ ଭରି ବ୍ୟଥାର ଆଲୋଡ଼ନ ଅନେକାଂଶରେ ବାଧ୍ୟ କରୁଥିଲ ଯେମିତି, ଯା ଫଳରେ ଏଇ ଅନାବଶ୍ୟକୀୟ ପ୍ରଶ୍ନ କରିବସୁଥିଲ କାନ୍ତା—ସୁବୋଧ ଉତ୍ତର ଦେଲ—'ହଁ' ।

"ଏଭିତରେ ତମର ବି ଡ ଗ୍ରେଜୁଏସନ ହୋଇଯିବ ?"

କାନ୍ତା କିନ୍ତୁ ଏ ପ୍ରଶ୍ନର ଉତ୍ତର ତା ନିଜ ମନର ବ୍ୟଥା ମୁକାଳ ଦେଇ ବସିଲ--ପ୍ରତିଦାନ ଶଠ ଦେବେ ନାଁ ?"

"ପ୍ରତିଦାନ ? କଣ ବୋଲି ଲେଖିବି ଏମିତି ?"

"ଏମିତି ତ ଲେଖି ପାରିବେ ଯେ ଆପଣ ଭଲ ଅଛନ୍ତି ।" ସୁବୋଧ କାନ୍ତାର ଏଇ ସରଳତାରେ ହସୁଥିଲ ।

"ନଲେଖି ପାରିଲେ······"

"ଲେଖି ପାରିବେ ନାଇଁ କେମିତି ? ଗୋଟାଏ ମୁହୂର୍ତ୍ତ ବି ଆପଣଙ୍କ ବିନା ମୋର କଟିବ ନାହିଁ—କେତେ ବ୍ୟସ୍ତତା କେତେ ବ୍ୟାକୁଳତା ଭିତରେ ମୋତେ ଦିନ କାଟିବାକୁ ହେବ ।"

ଏତେ ଆପଣାର କରିବ ନାଇଁ କାନ୍ତା କୌଣସି ବସ୍ତୁକୁ । କୌଣସି ଅଘଟଣ ଘଟିଗଲେ······?"

"ଛି···ସୁବୋଧର ଓଠ ଉପରେ·ହାତ ଗୁଡ଼ି ବାଧା ଦେଲ କାନ୍ତା······' ଏମିତି କହୁଛନ୍ତି କଣ ?"······

ଅବେଗ ଅଥଚ ଉଦାସ ଦୃଷ୍ଟି ଖେଳାଇ ସୁବୋଧ ଗୁହିଁଲ କାନ୍ତା ମୁହଁକୁ ।

କାନ୍ତା ବା କେମିତି ବୁଝିବ ତା ପ୍ରାଣର ବ୍ୟାକୁଳତା, ତା ପ୍ରାଣର ବ୍ୟଥା ଓ ବେଦନା । କାନ୍ତା ବିନା ସେ ଯେ ବଞ୍ଚି ପାରିବ ନାହିଁ ।

ସୁବୋଧ, ହରମୋହନ ବାବୁଙ୍କ ମନରେ ଅସୀମ ଆନନ୍ଦ, କାନ୍ତା ମନରେ ହର୍ଷ ଓ ବିଷାଦ ଉଭୟ ନେଇ ସେମାନଙ୍କ ନିକଟରୁ ବିଦାୟ ନେଲା।... ସେଦିନ ଝିଅଟିଏ ଶେଷରେ ଅପଣା ଶୋଇବା ଘର ବିଛଣା ଉପରେ ପଡ଼ିରହି ସେଇ କଥାହିଁ ସୁବୋଧ ଭାବୁଛି ଯେ କାନ୍ତା ବିନା ଏଇ ବିଚ୍ଛେଦର ଆଗାମୀ ଦିନ ଗୁଡ଼ିକ ତା'ର କଟିବ କେମିତି ?

ତଥାପି ତାକୁତ ପୁଣି ଦୁନିଆ ଭିତରେ ମଣିଷପରି ବଞ୍ଚି ରହିବାକୁ ପଡ଼ିବ !!!

......ସୁବୋଧ ଯିବାର ସପ୍ତାହେ ପାଖାପାଖି ହୋଇ ଗଲାଣି...ଯିବା ସାଥେ ସାଥେ ଚିଠି ଦେଇଥିଲା—ତା ପରେ ଚିଠି ଦେଇଛି ଯେ ତା'ର ଏଡ୍‌ମିଶନ୍ ହୋଇ ଯାଇଛି ।......

× × ×

ସେଦିନ ହରମୋହନ ବାବୁ ଯଥେଷ୍ଟ ଆନନ୍ଦିତ ହେଉଥିଲେ । ...ତେ ସୁବୋଧ ଏଡ଼େମିଶନ୍ ପାଇ ଯାଇଛି... ଦ୍ୱିତୀୟତଃ କାଂତା ବିଷୟ ନେଇ ତାଙ୍କର ଚିନ୍ତା କରିବାର କିଛି ନାହିଁ । ଏଇ ଆନନ୍ଦର ଉପରେ ଆଜି ଏକ ଆନନ୍ଦ ମିଳିଛି ଗୌରପ୍ରିୟ ବାବୁଙ୍କର ଆଗମନ ...ତ୍ରି ପାଇ ସେ ଚିଠି ଦେଇଛନ୍ତି ଚିଲିକାରୁ । ସେମାନେ ସପରିବାର ... । ଉଭୟେ ଏହାଲାବାଦରେ ଲ' ସ୍କୁଲ ଥିଲେ । ଅତି ଅଂତରଙ୍ଗ ।

ଲ' ପରେ ଗୌରପ୍ରସାଦ ସନ୍ନ୍ୟାସୀ ହେଲେ କିନ୍ତୁ ହରମୋହନ ବାବୁ ସନ୍ନ୍ୟାସୀ ହେଲେ ନାହିଁ । ପିତା ତାଙ୍କର ଜଣେ ଖ୍ୟାତନାମା ଓକିଲ ଥିଲେ ଦ୍ୱିତୀୟତଃ ଯଥେଷ୍ଟ ସମ୍ପତ୍ତିର ମାଲିକ ବି ଥିଲେ ।... ଗୌରପ୍ରସାଦ ଆସୁଛି ମା'...” ସେଦିନ ଖୁସିରେ ଶାନ୍ତାଙ୍କୁ ଏ ସମ୍ବାଦ ଶୁଣାଇ ଦେଲେ ହରମୋହନ ବାବୁ । କୌତୁହଳ ବଶତଃ ଶାନ୍ତା ପଚାରିଲା ।

“ସେ କିଏ ବାପା ?”

“ମୋର ଜଣେ ସହପାଠୀ । ଅତି ଅନ୍ତରଙ୍ଗ ବନ୍ଧୁ । ଅନେକ ଦିନ ପରେ ଆସୁଛି ।... ବୁଢ଼ା ହୋଇଯିବଣି ନିଶ୍ଚୟ । ପୁଅ ତା'ର ଡାକ୍ତର ସେ ବର୍ତ୍ତମାନ ଦିଲ୍ଲୀରେ ରହୁଛି । ଅନେକ କିଛି ସେ ଦିନ କହୁଥିଲେ ହରମୋହନ ବାବୁ । ଛାତ୍ର ଜୀବନର ଅନେକ ମଧୁର ସ୍ମୃତିକୁ ରୂପାୟିତ କରୁଥିଲେ ଶାନ୍ତା ପାଖରେ ।

× × ×

ଠିକ୍ ତା'ର ଦୁଇ ତିନି ଦିନ ପରେ—ଉପର ମହଲରେ ଆସି ବସିଛନ୍ତି ହରମୋହନ—ପାଖରେ ବସିଛି ଶାନ୍ତା......

ବାହାରୁ ଏକ ଉଚ୍ଛ୍ୱସିତ କଣ୍ଠସ୍ୱର ଶୁଣା ଗଲା...'ଏ ପ୍ରସାଦ'!

କିଏ ବାପା ?”- ଚମକି ଉଠି ପ୍ରଶ୍ନ କଲା ଶାନ୍ତା ।

ବହୁଦିନର ବିସ୍ମୃତ ସେଇ ନାଁ --ସେ ନିଜେ ବି ଯେଉଁର ଭୁଲି ଯାଇଥିଲେ ! ଏ ନାଁରେ ତାଙ୍କୁ ପୁଣି ଡାକିବାକୁ କିଏ ଅଛି ଆଜି ? ଗୌରପ୍ରସାଦ ହୋଇଥିବ ନିଶ୍ଚୟ-- କହୁ କହୁ ଉଠି ଠିଆ ହେଲେ ହରମୋହନ ବାବୁ ।

କିନ୍ତୁ ତାଙ୍କର ଯିବା ପୂର୍ବରୁ ସେଇ ଡାକରେ ଡାକି ଡାକି ଉପର ମହଲକୁ ଉଠି ଆସୁଥିଲେ ଅଭ୍ୟାଗତ । ହରମୋହନ ବାବୁଙ୍କ ଦେଖିବା ସଙ୍ଗେ ସଙ୍ଗେ ହସି ହସି ଆନନ୍ଦ ବିଧୁର ଗଦ ଗଦ ଭାଷା

ମଧୁର ଅଭିଯୋଗ ମିଶ୍ରିତ ଗଳାରେ ସେ କହୁଥିଲେ·····କିରେ ତୋତେ ଡାକିଲେ ବି ଉତ୍ତର ମିଳୁନି । ତୋ'ର ମନେ ପଡ଼େ ବଡ଼ ଲୋକ ହୋଇଗଲୁଣି ନା! କ'ଣ, ଚିହ୍ନି ପାରୁନୁ ବୋଧେ ?"······

ଉଭୟ ବନ୍ଧୁ ପରସ୍ପରକୁ ଆଲିଙ୍ଗନ କରୁଥିଲେ କେତେ ଉତ୍ସାହ କେତେ ଆବେଗ,ଆକୁଳତା ନଥିଲା ସତରେ ସେଇ ମିଳନରେ !··· ବାଷ୍ପ ଗଦ୍‌ଗଦ କଣ୍ଠରେ ହରମୋହନ ବାବୁ କହିଲେ--

"କିରେ ମୋହନ !"··· ସତେ ଯେପରି ଦୀର୍ଘ ଦିନର ଗୋଟାଏ ଧୂସର ପରଦା ଆଖି ଆଗରୁ ଉଠିଗଲା·········

କାନ୍ତାକୁ ବୁଝିବାକୁ ଆଉ ଜରୁର ହେଲନି । ସେ ଗୌରୀପ୍ରସାଦଙ୍କ ମଥା ନୋଇଁ ପ୍ରଣାମ କଲା ··· ଆନନ୍ଦ ବିଭୋର ହୋଇ ତାକୁ ଉଠାଇ ନେଲେ ସେ··· ଆନନ୍ଦ ବିଧୁର ଗଳାରେ କହିଲେ "ମା' ମୋର କେତେ ବଡ଼ ହୋଇଗଲାଣି········· ବୁଝିଲୁ ମା, ଅନେକ ଦିନ ତଳେ ଦେଖିଥିଲି ତୋତେ, ଯେତେ-ବେଳେ ତୋର ବୟସ ବରଷେ ବି ନୁହେଁ ।"······କିଛି ସମୟ ନୀରବ ହୋଇ ରହି ହଠାତ୍ ପଛକୁ ଓଲଟି ପୁଛିଲେ ସେ-- ଆରେ ସେ ଦୁଷ୍ଟଟା ଗଲା କୁଆଡ଼େ ?"

ହରମୋହନ ବାବୁ କହିଲେ କିଏ "ସନ୍ଦୀପ ?"

ଧୀରେ ପଦ କ୍ଷେପରେ ଉଠି ଆସୁଥିଲା ସନ୍ଦୀପ; ଏକ ଶାନ୍ତ ସୁନ୍ଦର ଯୁବକ ।

"କିରେ ଏଇଠି ଏତେ ଲାଜ କଣ ? ଏ ପୁଣି ବିଲାତ ଯିବ ?" ······ପ୍ରଣାମ କରୁଥିଲା ସନ୍ଦୀପ୍ ହରମୋହନ ବାବୁଙ୍କୁ । ସାଧାରଣ ନମସ୍କାର ଜଣାଇଲା କାନ୍ତାକୁ । ଲାଜର ଦୁଇଟି ଆଖିରେ ଚଞ୍ଚଳତା ଖେଳାଇ ଧୀରେ ଧୀରେ ହାତ ଟେକି ପ୍ରତି-ନମସ୍କାର ଜଣାଇଲା କାନ୍ତା ।

ଅନେକ ଦିନ ପରେ ଉପର ମହଲାର ଡେଷ୍ଟ୍ରୁମ୍ ଡାଲା ଫିଟିଥିଲା ଆଜି ।

ଖାଇ ସାରିବା ପରେ ଦୁଇ ବନ୍ଧୁ ହରମୋହନ ବାବୁଙ୍କର ଶୋଇବା ଘରେ ଆସି ପହଞ୍ଚିଲେ । କାନ୍ତା କଲେଜ ଚାଲିଗଲା । ମାଲତୀ କାନ୍ତାର ଶୋଇବା ଘରେ ସନ୍ଦୀପର ବିଶ୍ରାମ ବ୍ୟବସ୍ଥା କରି ଦେଇଛି ।

ଦୁଇବନ୍ଧୁ ଗୋଟାଏ ପଲଙ୍କରେ ବିଶ୍ରାମ ନେଲେ ।

ତା'ପରେ ଆରମ୍ଭ ହୋଇଯାଇଛି ଜୀବନର ସଂଗତ ଗଳ୍ପ । ଏକଦା ଛୁଟିର ଦ୍ୱିପ୍ରହରରେ କଲେଜ ହଷ୍ଟେଲ୍ ବେଡ଼ରେ ଏଇ ପରି ଶୋଇଥିଲେ ଦି'ଜଣ । ସେ ବା କେତେ ଦିନର କଥା । ତିରିଶ ବରଷ । ମେ ଟେ ତିରିଶ ବର୍ଷ । ତାପରେ କେତେ ଘଟଣା ଘଟି ଯାଇଛି ଏ ଜୀବନରେ । ଅତୀତର ସେଇ ଦିନଗୁଡ଼ିକର ଛବି ତାଙ୍କର ସ୍ମୃତିର କୌଣସି ଅଂଶରେ ଆଜି ବି ସଜୀବ ଅଛି, ଏକଥା ତାଙ୍କର ମନେ ବି ନଥିଲା । କିନ୍ତୁ ଦେଖାଗଲା —ସବୁ କଥା ଗୋଟି ଗୋଟି ମନେ ଅଛି—ସବୁ କଥା ଆଜି ବି ଜୀବନ୍ତ—ଗୋଟାଏ ବି ଭୁଲି ନାହାନ୍ତି ସେ । କ୍ଲାସର ଝିଅଗୁଡ଼ିକ—କ୍ଲାସ ରୁଟିନ୍, ପ୍ରଫେସର —କଲେଜର ଡ୍ରାମା ଠୁଁ ଆରମ୍ଭ କରି ଅନ୍ୟାନ୍ୟ କଥା ଅନେକ ମନେଅଛି, କେତେ କାହାଣୀ କେତେ ଉଚ୍ଛ୍ୱାସ······ସବୁ ଯିମିତି ଲାଗୁଛି କାଲି ପରି······ ।

କେବଳ ମାତ୍ର ଦୁଇଟି ବରଷର ସାଥୀ ହୋଇ ଥିଲେ ସେମାନେ । ଗୋଟାଏ କ୍ଲାସ-ଗୋଟାଏ ହଷ୍ଟେଲ୍ ଗୋଟାଏ ରୁମ୍—ଦୁଇଟି ବେଡ୍ ଥିଲାସିନା ତା ବି ଗୋଟାଏ ବେଡ୍ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେମାନେ ମନେ କରୁଥିଲେ ଯେପରିକି ଏଇ ଗୋଟାଏ ମାତ୍ର ଜୀବନର ପରିଚୟ ନୁହନ୍ତି । ······ ଗତ

ଜୀବନ ଗୁଡ଼ିକରେ ବି ସେମାନେ ବନ୍ଧୁଥିଲେ । ତାଙ୍କର ଏଇ ବନ୍ଧୁତ୍ୱ ନେଇ ଅନ୍ୟମାନେ ଈର୍ଷା କରୁଥିଲେ । ଏତେ ଅନ୍ତରଙ୍ଗତା ଥିଲା ସେମାନଙ୍କ ଭିତରେ ଯେ ଉଭୟେ ଉଭୟଙ୍କ ପାଇଁ ଆପଣା ଆପଣା ନାମର ଅର୍ଦ୍ଧାଂଶ ବିନିମୟ କରିଥିଲେ—

ଗୌରପ୍ରସାଦଙ୍କର ନାମର 'ପ୍ରସାଦ' ହେଲା ହରମୋହନଙ୍କର ଡାକ ନାଁ ଓ ହରମୋହନ ସେଇ ରୂପ 'ମୋହନ' ବୋଲି ଡାକୁଥିଲେ ଗୌରପ୍ରସାଦଙ୍କୁ । ଦେଖା ଦେଖି ଅନ୍ୟାନ୍ୟ କେତେ ଜଣ ବନ୍ଧୁ ମଧ୍ୟ ଏଇ ନାମରେ ଏମାନଙ୍କୁ ଡାକୁଥିଲେ ।······

କଲେଜରେ ଦୁଇଟି ବରଷ କଟିଛି ସେମାନଙ୍କର । ତାପରେ ଜୀବନର ସ୍ରୋତ ଦୁଇଜଣଙ୍କୁ ଦୁଇ ଦିଗରେ ଭସେଇ ନେଇ ଯାଇଛି । ହରମୋହନ ଓକିଲାତି କରି ସ୍ୱାଧୀନ ଜୀବନ ଯାପନ କରିଛନ୍ତି । ଗୌରପ୍ରସାଦ ଘର ପୁରୀରେ ହେଲେ ବି, ସରକାରୀ ଚାକିରୀ ଫଳରେ ଦୀର୍ଘ ଦିନ ଧରି ଦିଲ୍ଲୀରେ ରହିବା ହେତୁ ସେ ସେଠାକାର ସ୍ଥାୟୀ ବାସିନ୍ଦା ହୋଇ ଉଠିଛନ୍ତି । ନିଜର ଘରଦ୍ୱାର ସେଇଠି ବି କରିଛନ୍ତି । ଉଭୟଙ୍କର ଭାଗ୍ୟ ସତେ ଯେମିତି ସମାନ । ଉଭୟଙ୍କର ଏକ ଅବସ୍ଥାରେ ପତ୍ନୀ ବିୟୋଗ ଘଟିଥିଲା ମଧ୍ୟ ।

କାର୍ଯ୍ୟକ୍ରମର ମଣିଷ ଜୀବନରେ ଦିବସ ଗୁଡ଼ିକ ଦେଖୁ ନ ଦେଖୁଣୁ କଟିଯାଏ······ଅବସରହୀନ ସେଇ ଜୀବନରେ ଦୂର ଅତୀତର ସ୍ମୃତି ରୋମନ୍ଥନ କରିବାର ସମୟ ସୁଦ୍ଧା ମିଳେନାହିଁ । ସେଦିନର ସେଇ ଦିନ ଗୁଡ଼ିକ ଯେ ସତରେ ଦିନେ ଥିଲା ତାହାବି ଯେପରି ଏକ ସଂଶୟ ବସ୍ତୁ ହୋଇ ଦଣ୍ଡାୟମାନ ହୁଏ ·······

ବୁଢ଼ା ହେଲା ପ୍ରସାଦ, କେଜାଣି କାହିଁକି ତୋତେ ଦେଖିବାର ହଠାତ୍ ଅଗ୍ରହ ହେଲା । ହୀରାକୁଦ ଦେଖି ଯିବାକୁ ଭାବିଛୁ ବୋଲି

ଲେଖିଥିଲି ସିନା, ବାସ୍ତବରେ ତାହା କିନ୍ତୁ ନୁହେଁ—ତୋତେ ଦେଖିବାର ଆଗ୍ରହ ଏତେ ବେଶୀ ହେଲା ଯେ.........

"ମୋର ସୌଭାଗ୍ୟ ତା' ହେଲେ"......

"ନିଶ୍ଚୟ ନିଶ୍ଚୟ......!" ହସି ହସି ଉତ୍ତର ଦେଲେ ଗୌର ପ୍ରସାଦ । ହରମୋହନ ବାବୁ ନୀରବ ଥିଲେ—ସେ କହୁଥିଲେ—ନହେଲେ ଏହାପରେ ସମୟ ମିଳିଥାଆନ୍ତା କି ନାହିଁ କେଜାଣି ।"

"ମାନେ ?"

"ସନ୍ଦୀପ୍ କଟକରେ ହେଲା ପ୍ରାଇଭେଟ୍ ପ୍ରାକ୍‌ଟିସ୍ କରୁଛି । ତା'ର ଭାରି ଇଚ୍ଛା ଇଞ୍ଜିନିୟରିଂ ପାଇଁ ବିଦେଶ ଯିବ । ଦୁଇ ବର୍ଷ ହେଲାଣି ଅର୍ଥିକ ଦୂରବସ୍ଥାରୁ ଯାଇ ପାରୁନାହିଁ—ଆସନ୍ତା ବର୍ଷ କୌଣସିମତେ ତାକୁ ଯିବାକୁ ହେବ ।" ହରମୋହନ ବାବୁ ନୀରବ ରହି ଶୁଣୁଥିଲେ କେବଳ । ସେ କହି ଚାଲିଥିଲେ—"ତା'ର ଯିବା ପରେ ମୁଁ ଆଉ ଘର ଛାଡ଼ି କୁଆଡ଼େହେଲେ ଯାଇ ପାରିବି ନାହିଁ ।"......

"ତଥାପି ବି ତାକୁ ପଠାଇବା ଉଚିତ । ତା'ର ଆଗ୍ରହ ଅଛି ଯେତେବେଳେ ଯିବନାହିଁ କାହିଁକି ?"

ହରମୋହନ ବାବୁଙ୍କର କଥାକୁ ନୀରବ ସମର୍ଥନ କରୁଥିଲେ ଗୌରପ୍ରସାଦ ।

ଠିକ୍ ଏତିକିବେଳେ କାନ୍ତା କଲେଜରୁ ଆସିଛି କଲେଜରୁ । ହରମୋହନ ବାବୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ—

ଆଜି ଏତେ ଶୀଘ୍ର ଯେ ମା ?

"ହଁ, ଆଜ ଗୋଟାଏ ପିରିଅଡ୍ ଥିଲା—ଲେକଚରର ଆସି ନାହାନ୍ତି । କ୍ଲାସ୍ ସସ୍‌ପେଣ୍ଡ ହୋଇଗଲା ।

"ଓ ବେଶ୍ "

"ମା’ ମୋ ଟମଟା ସୁଟ୍‌କେଶ୍‌ଟା ଅଣିଲୁ ତ ?"……
ତୋର ବାପାଙ୍କୁ ଦେଖି ସବୁକଥା ଭୁଲି ଯାଇଛୁ……।" ହଁ ଭରି ଚାଲିଗଲା କାନ୍ତା……ଗୁଣୁ ଗୁଣୁ ଗାଇ ଗାଇ ଆପଣା କୋଠରୀକୁ ପଶି ଯାଉଁ ଯାଉଁ ହଠାତ୍ ଅଟକି ଗଲା ସେ ।

ଭିତରେ ସନ୍ଦୀପ ମୁଗଧ ଆଖିରେ ଚାହିଁଥିଲା, କାନ୍ଥରେ ଝୁଲି ପଡ଼ିଥିବା କାନ୍ତାର ଗୋଟିଏ ପ୍ରତିଛବିକୁ ।

"ବାସ୍ତବିକ୍ ଆପଣଙ୍କର ଏ ତୈଳ ଚିତ୍ରଟି ଅତି ଚମତ୍କାର ହୋଇଛି କାନ୍ତ ଦେବୀ ।

କାନ୍ତା ଉତ୍ତର ନ ଦେଇ ଆଗେଇ ଗଲା ଟେବୁଲ୍ ପର୍ଯ୍ୟନ୍ତ । ତଥାପି ପ୍ରଶ୍ନକରି ଚାଲିଛି ସନ୍ଦୀପ—କେଉଁଠୁ କରେଇଥିଲେ ଏଇଟି ?

"ଏଇଟି ଜଣେ ଆର୍ଟିଷ୍ଟ ଅଙ୍କିଛନ୍ତି ।"

"ଚମତ୍କାର……… । ତାଙ୍କ ସାଥିରେ ସାକ୍ଷାତ ହୋଇ ପାରନ୍ତା ତା’ ହେଲେ ।"

"ନାଁ’ ସେ ବର୍ତ୍ତମାନ କଟକରେ ଏମ୍. ଏ. ପଢ଼ୁଛନ୍ତି ।"

"ଓ……ପଢ଼ୁଛନ୍ତି ସେ !"

"ହୁଁ"

ହଠାତ୍ କାନ୍ତାର ନଜର ପଡ଼ିଲା ପଲଙ୍କ ଉପରେ । କେତେ-ଗୁଡ଼ିଏ ବହି ଅସ୍ତବ୍ୟସ୍ତ ହୋଇ ପଡ଼ିଛି । ସତେ ଯେମିତି ସାରା ଆଲମିରା ପଟି ସାରି ଦେଇଛି ସନ୍ଦୀପ୍ । ସନ୍ଦୀପ୍‌ର ନଜର ପଡ଼ିବା ସାଥେ ସାଥେ ସେ ମୁଖଶ୍ରୀ ଉଠିଲା—"କ୍ଷମା କରିବେ, ସେ ସବୁ ମୁଁ ବାହାର କରିଛି । ଆପଣଙ୍କୁ କୌଣସି କଷ୍ଟ କରିବାକୁ ପଡ଼ିବ ନାହିଁ—ମୁଁ ନିଜେ ରଖିଦେବି ।"

ସାମାନ୍ୟ ହସିଲା କାନ୍ତା । ନରମ ଗଳାରେ ପ୍ରଶ୍ନକଲା—ଟମଟା ସୁଟ୍‌କେଶ୍‌ଟି କେଉଁଠି ଅଛି ? —ବାପା ମାଗୁଥିଲେ ।"

ଏତେ ଶୀଘ୍ର କଥା ସାରିଦେବାର ଉଦ୍ୟମ କାନ୍ତା କରିବ ବୋଲି ଧାରଣା କରି ନଥିଲା ସନ୍ଦୀପ୍ ର । କାପା ମଗେଇଛନ୍ତି ଶୁଣି ବାଧହୋଇ ଚମଡ଼ା ସୁଟ୍‌କେଶଟି ଆଣି କାନ୍ତା ହାତକୁ ବଢ଼େଇ ଦେଲା ସେ ।

ତା'ର ମୁଖଭଙ୍ଗୀ, ଆଖିର ଚଞ୍ଚଳତା, ସୁଟ୍‌କେଶଟି ବଢ଼େଇ ଦେଇଁ ଦେଇଁ କାନ୍ତାର ହାତ ସ୍ପର୍ଶ କରିବାର ଆଗ୍ରହ ବେଶ୍ ସୂଚେଇ ଦେଉଥିଲା ଯେ ସେ କାନ୍ତାର ସାନ୍ନିଧ୍ୟ ପାଇଁ କେତେ ବ୍ୟାକୁଳ ।

ବାସ୍ତବିକ କେତେ ଲୋଭନୀୟ ସତରେ ନୁହେଁ ସନ୍ଦୀପ୍ ? ଗୋରାତକ ତକ ବଳିଷ୍ଠ ଚେହେରା । ସୁନ୍ଦର ଢଳ ଢଳ ଭ୍ରୁଲତାଳେ ସଦା ହସ ହସ ଯୋଡ଼ିଏ ଆଖି···ଓଠଉପରେ ସଯତ୍ନ ସରୁ ନିଶର ଧାଡ଼ିଟିଏ···ତା'ର ସେ ସ୍ପର୍ଶରେ ବିଦ୍ୟୁତ୍ ଖେଳିଗଲା ଯେମିତି କାନ୍ତାର ସର୍ବାଙ୍ଗରେ ।·····କାନ୍ତା ଯେମିତି ବିଭୋର ହୋଇ ଯାଉଥିଲା···ଆପଣାକୁ ହଜେଇବସିଥିଲା ଯେମିତି । ··ଲାଜରେ ନଇଁ ଯାଉ ଥିଲା ତାର ସୁନ୍ଦର ମୁହଁଟି··ହୃଦ କମ୍ପନ ବଢି ଚାଲିଥିଲା ଯେମିତି···।···ଛି କଣ ଭାବୁଛି ସେ···ଏତେ ଦୁର୍ବଳତା ବା ତା'ର ଆସିଲା କେଉଁଠୁ । ହଠାତ୍ ପ୍ରକୃତିସ୍ଥା ହୋଇ ଉଠିଲା କାନ୍ତା । ସନ୍ଦୀପ୍ ହାତରୁ ସୁଟ୍‌କେଶଟି ଟାଣି ନେଲାପରି ନେଇ କ୍ଷୀପ୍ରଗତିରେ ଚାଲି ଗଲା ସେ । ବିମୁଗ୍ଧ ଆଖିରେ ତା'ର ଯିବା ପଥକୁ ଅନେଇ ରହିଲା ସନ୍ଦୀପ୍ । କେତେ ଲାବଣ୍ୟବତୀ, କେତେ ମନ-ନୟନ ଲୋଭା ନୁହେଁ ସତରେ କାନ୍ତା । ଦୁଇଟି ଢଳ ଢଳ ସୁନ୍ଦର ଆଖି···ବ୍ରୀଡ଼ା ସିକ୍ତ ରକ୍ତିମ ହସ ହସ ଅଧର ସେଇ ଛବିଲ ମୁହଁଟି ପୃଥିବୀର ସବୁ ସୌନ୍ଦର୍ଯ୍ୟ ନେଇ ସତେ ଯେପରି ସୃଷ୍ଟି କରିଥିଲା ବିଧାତା ।·· ବିଭୋର ହୋଇ ଉଠିଲା ସନ୍ଦୀପ୍ ।

·········ଯେତେବେଳେ କାନ୍ତା ଆସି ପହଞ୍ଚିଲା ସେତେ-ବେଳେ ଲଜ୍ଜାର ରକ୍ତିମ ଆଭା ତା ମୁହଁରୁ ଯାଇ ନ ଥିଲା । ବୁକୁର କମ୍ପନ ଏ ଯାଏଁ କମି ନଥିଲା···ପାଦର ଅସ୍ଥିରତା ଉଥାପି ଥିଲା ତାର······ଗୌରପ୍ରସାଦ ସୁଟ୍ କେଶଟି ଫିଟେଇ କାନ୍ତା ହାତକୁ ବଢ଼େଇ ଦେଲେ ଗୋଟାଏ କାଗଜ ବଣ୍ଡଲ । ···ତାର ଭିତରେ ଥିଲା କାନ୍ତାପାଇଁ କେତେ ଖଣ୍ଡ ଦାମୀକା ଶାଢ଼ୀ ଓ ବ୍ଲାଉଜ୍ ପିସ୍ । ଭଦ୍ରତା ଦେଖାଇ ହର ମୋହନ ବାବୁ କହିଲେ······

"ଏ ସବୁର କଣ ପ୍ରୟୋଜନ ଥିଲା ରେ ?"

"ତୋତେ ଏତେ କଥାରେ ମୁଣ୍ଡ ପୂରେଇ ବାକୁ କହୁଛି କିଏ ? ତୀକ୍ଷ୍ଣ ଦୃଷ୍ଟିରୁ କାନ୍ତା ଉପରେ ମୋବ ଭି ହକ୍ ରହୁଛି । ନୀରବ ହେଲେ ହରମୋହନବାବୁ ।

କେବଳ ମାତ୍ର ଆଜ ଦୁଇଟି ଦିନ ସେମାନେ ରହିଥିଲେ ସେଇଠି । କାନ୍ତା ଆଜ ତାପରେ କେବେ ହେଲେ ନିଜ ଇଚ୍ଛାରେ ସନ୍ଦୀପ୍ ଆଗକୁ ଯାଇନାଇ । ସନ୍ଦୀପ୍‌ର ଭାବପୂର୍ଣ୍ଣ ଆଖି ଆଗକୁ ଯିବାକୁ ସାହାସ କରି ନାହିଁ କେବେହେଲେ । କେଜାଣି କାହିଁକି ଯେ ସନ୍ଦୀପ ଅଗରେ ସେ ତାର ସବୁ ସବଳତା ହରେଇ ବସିଛି···ସତେ ଯେପରି ସନ୍ଦୀପ୍ ତାଙ୍କୁ ତାର ଅତି ପାଖକୁ ଟାଣି ନେବ······।

ଆଜି ସଂଧ୍ୟାରେ ସେମାନେ ଚାଲି ଯିବେ । କେଜାଣି କାହିଁକି ସାମାନ୍ୟ ଦୁଃଖ ଅନୁଭବ କରୁଛି କାନ୍ତା···ସନ୍ଦୀପ୍‌ର ବ୍ୟବହାର ତା ଅଲକ୍ଷରେ ତାରମ୍ଭ ର ମନନପଡ଼ରୁ ହଠାତ ସେଦିନ ଗୋଧୂଳିର ରକ୍ତ ଆଲୋକ ଧରି କାନ୍ତା ଯେତେବେଳେ କେଶ ବିନ୍ୟାସରେ ଲାଗି ପଡ଼ିଥିଲା ଅଗୁନକ ଦରଭିତରକୁ ପଶି ଆସିଛି ସନ୍ଦୀପ । କେତେ ଅସଂଯତ ଭାବରେ ବସି ନଥିଲା କାନ୍ତା···ଜନ୍ଦ୍ର ଲୁଛି କଷ

ଉପରେ ଅଚଂଚଳ ଶାଢ଼ୀର ଅଂଚଳକୁ ଟାଣିନେଲା ସିନା, ହେଲେ ମୁହଁରୁ ଭାର କିଛି କଥା ବାହାରିଲାନି । ଛି, ଏତେ ଅଭଦ୍ର ସତରେ ସନ୍ଦୀପ୍ । ଜଣେ ଯୁବତୀ ସହିତ ସାକ୍ଷାତ କରିବାକୁ ଆସି ସାମାନ୍ୟ ଅନୁମତିଟିଏ ବି ନେଇ ପାରିଲେନି ସେ । କାନ୍ତାର ଭିତର ଆତ୍ମା ବିଦ୍ରୋହ କରି ଉଠିଛି ।

ତଥାପି ସବୁ ସଭ୍ୟତା ପାଶୋର ଆଗେଇ ଆସିଛି ସନ୍ଦୀପ୍ । କାନ୍ତା ପାଖରେ ହଠାତ୍ ଅଟକି ଯାଇ ନିମ୍ନ ସ୍ୱରରେ ମୁଖର ଉଠିଲା— ।

କିଛି ନା କିଛି ଗୋଟାଏ ଉତ୍ତର ତ ନିଶ୍ଚୟ ଦେବ କାନ୍ତା ଅନିଚ୍ଛାସତ୍ତ୍ୱେ ସାମାନ୍ୟ ହସି କହିଲା·········ନା ଆଜି ଦିନେ ଅଧେ··············ହୀରାକୁଦ ଦେଖା ସରିଗଲା ବୋଲି କଣି ଭୁଲି ଯିବେ ?”

କେତେ ଅଳଯୁକ୍ତ ସତରେ ନୁହେ ସନ୍ଦୀପ୍ । ପ୍ରତ୍ୟୁତ୍ତରରେ କହିଲା—“ସତରେ କଣି ମନେରଖିବେ ମୋତେ ?”·····ଅତି ପାଖରେ ଠିଆ ହୋଇଥିଲା···ଲାଜରେ ମରି ଯାଉଥିଲା କାନ୍ତା····

ହଠାତ୍ ତା’ର ବାହୁ ଉପରେ ପରଶ ଦେଇ ଅତି ନିବିଡ଼ ଭାବରେ ଛାତି ଉପରକୁ ଟାଣି ନେଲା ସନ୍ଦୀପ·········ଆପଣାର ସବୁ କିଛି ସତରେ ଯେପରି ହରାଇ ବସିଥିଲା କାନ୍ତା ।··ହଠାତ୍ ସଚେତ୍ ହୋଇ ଉଠି ସେ ବାହୁ ବନ୍ଧନରୁ ମୁକ୍ତ କରିଥିଲା ଆପଣାକୁ·····କ୍ରୁଦ୍ଧ ଅଥଚ ସହଜ ସ୍ୱରରେ କାନ୍ତା କହିଲା—ଏସବୁ ବ୍ୟବହାର ଶୋଭନୀୟ ନୁହେଁ ସନ୍ଦୀପ୍ ବାବୁ ···ସନ୍ଦୀପ, କାନ୍ତା କଥାର ଗମ୍ଭୀରତାକୁ କି ରୂପରେ ଗ୍ରହଣ କଲା କେଜାଣି, ହାଲୁକା ହସ ହସି ବାହାରି ଗଲା ଅନ୍ୟ ଏକ କୋଠରୀକୁ । କାନ୍ତାର ଅଙ୍ଗଲତା କିନ୍ତୁ ଘୃଣାରେ ଥର ଉଠିଛି ।

ସନ୍ଦୀପ୍ ଜନ୍ମଷ ପତ୍ର ସଜାଡ଼ିବାରେ ଲାଗି ପଡ଼ିଥିଲା ପହଞ୍ଚିଯାଇଥିଲା କାନ୍ତା । ସମାନ୍ୟ ଇଙ୍ଗେଇ ଶୁଣି ସନ୍ଦୀପ୍ ଧୀର ଗଳାରେ କହିଲା,

"କାଲିର ବ୍ୟବହାର ପାଇ କ୍ଷମା ଦେବେ ।" କାନ୍ତା କିଛି ଉତ୍ତର ଦେଇନ । କ'ଣ ଭାବି ସେ କୋଠରୀକୁ ଯାଇଥିଲା କେଜାଣି ପିଛୁଳାକ ଭିତରେ ଲେଉଟି ପଡ଼ିଲା ସେ ।

ଯିବା ପୂର୍ବରୁ ଗୌର ପ୍ରସାଦ ହର ମୋହନ ବାବୁଙ୍କୁ ବିନୀତ କଣ୍ଠରେ କହିଲା—

"ଗୋଟାଏ କଥା ମାଗିବି ଦେବୁ ପ୍ରସାଦ ?"

"କିରେ ତୋର ପୁଣି ମୋଠାରୁ ମାଗିବାର କଣ ଅଛି ? ସବୁତ ତୋର ।"

"କାନ୍ତା କୁ ଦେବୁ ମୋତେ ? କେତେ ସୁନ୍ଦର ଯଉରେ ହେବ ନାଇଁ ରେ ସନ୍ଦୀପ୍ ଓ କାଂତାର ଯୁଗଳ ।"

ମନେ ମନେ ସୁଭ୍ରବୋଧର କଳ୍ପନା କରୁଥିଲେ ହରମୋହନ । ......ହସ ହସ ସଦା ପ୍ରସନ୍ନ ସେଇ ମୁହଁଟି ତାର ତାଙ୍କ ଆଖି ଆଗରେ ନାଚି ଉଠିଲା ମୁହୂର୍ତ୍ତିକ ପାଇଁ । ଅଂତର ତଳେ ସତେ ଯେପରି କିଏ ଲୁଚି ରହି କହୁଥିଲା..."ସୁଭ୍ରବୋଧ ଓ କାଂତା"... ଏଥିରୁ ସୁନ୍ଦର କେହି ହେଲେ ଦିଶିବେ ନାହିଁ..... ...... । ହେଲେ ଗୌର ପ୍ରସାଦଙ୍କର ମନରେ ଦୁଃଖ ନଦେବାକୁ ସେ କହିଲେ ।

"ବର୍ତ୍ତମାନ ତ ପଢୁଛି କାଂତା, ସେ ତ ପରକଥା—
ମୁଁ ତେବେ ତୋତେ ଯଥା ସମୟରେ ନିଶ୍ଚୟ ଲେଖିବି ।
ହଉ ।

ସୁବୋଧର ଅନୁପସ୍ଥିତି କାଂତାର ହୃଦୟତଳେ ଯେଉଁ ମୋହ ଜଗାଇ ପାରିଲା ସେ ମୋହ ତା'ର ଉପସ୍ଥିତିରେ ଜାଗି ନଥିଲା । ପ୍ରତୀକ୍ଷା ମୁହୂର୍ତ୍ତ ସତରେ ମଣିଷ ପ୍ରାଣରେ ଅନନ୍ୟ ଯାଇ ଏତେ ଅଂତରଙ୍ଗତାର ଯେ ସୃଷ୍ଟି କରି ପାରେ, ଏକଥା ପ୍ରଥମ କରି ଅନୁଭବ କରୁଥିଲା କାଂତା । ···ପ୍ରଥମ ବର୍ଷଟି ସବୁ ଛୁଟିରେ ଆସିଛି ସୁବୋଧ···ପ୍ରତେକ ଛୁଟି ସତେ ଯେପରି ଗୋଟିଏ ଲେଖାଁ ପର୍ବ ଦିନ କାଂତା ପାଇଁ । କେତେ ଆନନ୍ଦ, କେତେ ମଧୁରତା ନେଇ ଆସେ ନାଇଁ ଛୁଟି ? ସୁବୋଧ ଆସେ, ସପ୍ତାହେ ବେଶୀ ହେଲେ ଦୁଇ ସପ୍ତାହ ରହେ·····ମୁହୂର୍ତ୍ତିଟିଏ ପରି ବିତି ଯାଏ ଦିନ ଗୁଡ଼ିକ···ସୁବୋଧ ପୁଣି ଚାଲି ଯାଏ ।

ବର୍ଷକର ଚିଠି ଦିଏ ସୁବୋଧ·····ପ୍ରତିଦିନ ତା ନାଁରେ ଚିଠି ଆସିଛି ନା ନାହିଁ । ଏ କଥା ପଚାରିବା ପାଇଁ ଯେମିତି କାନ୍ତାର ଗୋଟାଏ ଧରା ବନ୍ଧା ରୁଟିନ୍ ହୋଇଯାଇଛି ।······

ଏଇ ବରଷେ ହେଲା ସୁବୋଧ ଜମାରୁ ଆସିନି । ପ୍ରଥମ ବର୍ଷର ପରୀକ୍ଷା ପରେ ପରେ ଆସିଥିଲା·····କେମିତି ଗୋଟାଏ ଖାପଛଡ଼ା ମନୋଭାବ ଥିଲା ସେତେବେଳେ । ମାସେ ପାଖାପାଖି ରହିଲା ସିନା, କେତେବେଳେ ହେଲେ ମନଖୋଲି କାନ୍ତା ସାଥିରେ ସେ କଥା ହୋଇନି—ତା'ପରେ ପରେ ବରଷକ ଭିତରେ ପ୍ରାୟ ତିନି ଚାରୋଟି ଚିଠି ପାଇଛି କାନ୍ତା·····ଅଭିମାନରେ ଅନେକ ଚିଠିର ଉତ୍ତର ସୁଦ୍ଧା ଦେଇନି·····ବାପାଙ୍କ ପାଖକୁ ଚିଠି ଦିଏ ସୁବୋଧ·····କେବେ କେମିତି ଧାଡ଼ିଏ ଅଧେ

କାନ୍ତା ପାଇଁ ଲେଖିଥାଏ ସେ…… କାନ୍ତା ଅଭିମାନ କରେ, ଏଥର ଆସୁ ସୁବୋଧ…ତା ସହିତ କଥା ବି ହେବ ନାହିଁ, ସେ ଦେଖିବ କେମିତି ବାଧିବ ନାହିଁ ସୁବୋଧକୁ ।

ସେଦିନ ମାଳତୀ ଆସି କାନ୍ତା ପାଖରେ ବସି ହସି ହସି କହୁଥିଲା……… ।

"ଦେଇ ! ଭଲ ଖବରଟିଏ ଦେଲେ କଣ ଦବ ମତେ ?"

କାନ୍ତା କାଲିଠୁ ନଜର ସିଡ଼ି ପାଖକୁ ଦଉଡ଼ି ଆସୁଥିଲା…… ଭାବୁଥିଲା, ସୁବୋଧ ଆସିଗଲା ନା' କ'ଣ ?……ମାଳତୀ ହସି ହସି ତା' ପାଖକୁ ଆସି କହିଲା—

ଆଜି ଅଭ ଆସିବେ କେମିତି ? ପରୀକ୍ଷା ମାସେ ପରେ ସରୁଛି ତା'ପରେ ସିନା……ତା'ର କଅଁଳ ଗାଲରେ ମୃଦୁ ଆଘାତ ଦେଲା ମାଳତୀ । ନାରୀ ହାତର ସ୍ପର୍ଶ ହୋଇଥିଲେ ବି କିପରି ଏକ ଶିହରଣ ପାଉଥିଲା କାନ୍ତା—କିପରି ଏକ ପୁଲକ ଜାଗୁଥିଲା ତା' ମନରେ…

ଫେରିଆସି କହିଲା—

"କ'ଣ ଚିଠି ଆସିଛି କାଲି ?"

"ନା' ଆସିନି ତେ ଯାଇଛି ।"

"କ'ଣ କହନା ଏତେ ଲୁଚଉଛୁ କାହିଁକି ?"

"କ'ଣ ଦେବ କହୁଲେ ସିନା……?" ଛଳେଇ କହିଲା ମାଳତୀ । କିପରି ଏକ ଅଜଣା ଉଲ୍ଲାସ ଓ ବ୍ୟଥାର ଛଳନା ଫୁଟି ଉଠୁଥିଲା କାନ୍ତାର ମୁଖମଣ୍ଡଳରେ………ନରମ ଗଳାରେ ସେ କହିଲା—

"ସ୍ୱର ହେଲା ଲେଖ ସିଏ ଲେ । ମୋ ଚିଠିର ଜବାବ ବି ନାହିଁ……ନିଜର ଦେହପ୍ରତି ଯତ୍ନ ନ ନେଉଥିବା ମଣିଷଟିଏ

ଦେଖିଛୁ କେଉଁଠି ? ଗତଥର ଆସିଥିଲା ବେଳେ କେମିତି ଶୁଖିଲାଟା ଦେଖା ଯାଉଥିଲେ·····ଦେହ ଭଲନାହିଁ ନା କ'ଣ ବୋଲି ପଚାରିଲାରୁ ସହଜ ଭାବରେ ଉତ୍ତର ଦେଲେ······

"ଦେହ ପାଇଁ ଏତେ ଚିନ୍ତା ମୋର ନାହିଁ କାନ୍ତା । ଚିନ୍ତା ହେଉଛି ମନରେ·····ମାନସିକ ଦ୍ୱନ୍ଦ୍ୱ ମୋତେ ବଡ ବ୍ୟସ୍ତ କରୁଛି······।"

"ତମର ପୁଣି ମନ ଖରାପ ?"

"ମୁଁ କି ତ ମଣିଷ କାନ୍ତା ?"

ବଡ଼ ଭାବପ୍ରବଣ ଲୋକ ସିଏ—ଗଲାଥର ଏଇଠୁ ଗଲାବେଳେ ମୋତେ କହୁଥିଲେ । କାନ୍ତା, ମଣିଷମାନେ ଭୁଲ୍ କରନ୍ତି—ମଣିଷ ମାନଙ୍କ ଦୋଷ ତ୍ରୁଟି ରହୁଛି·····ମଣିଷହିଁ ଗୋଟାଏ ଜୀବ ଯେ ଭୁଲ କରେ·····ତେଣୁ କେବେ ଯଦି ଅବଶ୍ୟକ ପଡ଼େ ତା' ହେଲେ ମୋତେ ସାଧାରଣ ମଣିଷଟିଏ ଭାବି କ୍ଷମା ଦେବ ।

"ତାଙ୍କର ପୁଣି ମୋ ପାଖରେ ଦୋଷ କାହିଁ ଯେ କ୍ଷମାର ପ୍ରଶ୍ନ ଉଠୁଛି ।"·····କାନ୍ତାର ସବୁ କଥା ନୀରବରେ ଶୁଣୁଥିଲା ମାଳତୀ । ହସି ହସି କହିଲା---

'ସବୁକଥା ଆପେ ଆପେ ସ୍ପଷ୍ଟ ହୋଇଯିବ ଦେଇ-ଯତନ ନେବାକୁ କେହିଜଣେ ଆସିଗଲେ ଦୋଷ ଆଉ ତାଙ୍କୁ ଦେଇ ହେବନାହିଁ-ବାହୁବନ୍ଧନ ଭିତରେ ଅଟକବନ୍ଦୀ କରିରଖିନେବ ସାରାଜୀବନ ।;···

"କଣ କହୁଥିଲୁ କହନା ?"

"କଣ ଦେବ ମୋତେ କହିଁଲେ ସିନା କହିବି ?"

ଯାହା ମାଗିବୁ ତାହା ଦେବି······ଏ ଜୀବନ······

"ତୁ ଦେଇ ଏମିତି କହନ୍ତି । ଲକ୍ଷେ ବରଷ ତମର ପରମାୟୁ ହେଉ । ମୋର କ'ଣ ଦରକାର ଗୋ·····ତମ ପାଖରେ ଥାଇ

ମୋର ଅଭାବ କ'ଣ ଅଛି ?" କହିଯାଉଥିଲେ ମାଳତୀ·········
ନୀରବରେ ଶୁଣୁଥିଲା ମାଳତୀର ଏଇ କଥା ଗୁଡ଼ିକ କାନ୍ତା······
ଅଜ ଅନୁଭବ କରୁଥିଲା କିପରି ଏକ ମଧୁର ଉଚ୍ଛ୍ୱାସ ତା'ର ଏଇ
କଥା ଗୁଡ଼ିକରେ ।

"ବାପା କ'ଣ ଲେଖିଛନ୍ତି ଜାଣ ?"

ମୁଣ୍ଡ ହଲେଇ କାନ୍ତା କହିଲା······ଁ ହୁଁ···"

ଲେଖିଛନ୍ତି---"ତମର ପରୀକ୍ଷା ପରେ ପରେ ଏକାବେଳକେ କାର୍ଯ୍ୟ କୌଣସି ମତେ ସାରିଦେବାକୁ ହେବ ବୋଲି ଭାବୁଛି । ଆଶା ତମେ ମଧ୍ୟ ଏକମତ ହେବ ।"

ସରମରେ ନଇଁଯାଇ ସିଡ଼ି ଉପରକୁ ଗୋଟାଏ ନିଶ୍ୱାସରେ ଉଠିଗଲା କାନ୍ତା । ମନ ଭିତରେ ତାର ଭରି ଆନନ୍ଦ ଉଦ୍‌ବେଳନ, ବାହାରେ କିନ୍ତୁ ମାଳତୀକୁ ଶୁଣାଇ ଦେଇଛି ସେ---ଛି, ତୁ ଭାରି ଦୁଷ୍ଟ ମାଳତୀ ।

× × ×

ସୁବୋଧ ଯଥା ସମୟରେ ପହଞ୍ଚିଲା······କାନ୍ତାର ହୃଦୟ-ତଳେ ଅଲୀକ ଏକ ଆନନ୍ଦର ଲହରୀ ଛୁଟାଇ·········ପର ମୂହୂର୍ତ୍ତରେ ସୁବୋଧକୁ ଦେଖିବା ସଙ୍ଗେ ସଙ୍ଗେ ସତରେ ଯେମିତି ତା' ମନର ସବୁ ସରାଗ ଉଡ଼ିଗଲା କୁଆଡ଼େ····· ଅସମ୍ଭବ ଭାବରେ ଶୁଖିଲା ଦିଶୁଛି ସୁବୋଧ---ଅସମ୍ଭବ ଭାବରେ ଦୁର୍ବଳ ହୋଇ ପଡ଼ିଛି କେଜାଣି କାହିଁକି ? ଚୋରି ତଳ ଉଇ ଦେହ ତା'ର ଅସମ୍ଭବ ଭାବରେ କଳା ପଡ଼ିଯାଇଛି······ଦଉଡ଼ି ଯାଉଥିଲା କାନ୍ତା······ସାଗର ସଙ୍ଗମ ଲବ୍ଧା ତଟିନୀ ଯେମିତି······

ସୁବୋଧର ଅତି ପାଖକୁ ଛୁଟିଆସି ସେ କହିଲା·········
"କ'ଣ ହୋଇଛି ତମର ?"

କିଛି ନାହିଁ କାନ୍ତା·····କିଛି ହୋଇନି ।"

ନୀରସ ହେଉଥିଲା ସୁବୋଧର କଥାରେ କାନ୍ତା । ସାମାନ୍ୟ ଦୂରକୁ ହଟିଗଲା ସୁବୋଧ····· କାନ୍ତାର ଅଗକୁ ଜାଣି ଜାଣି ଆଜି କେତେବେଳେ ଆସିନାହିଁ ସେ···ପବୁଝିଏ ବ କଥା ମୁହଁଖୋଲି କାଂଚା ପାଖରେ ଆରମ୍ଭ କରିନାହିଁ ସୁବୋଧ--

ହରମୋହନ ବାବୁ ସୁବୋଧର ରୂପଦେଖି ଆଶ୍ଚର୍ଯ୍ୟହୋଇ ଉଠିଛନ୍ତି । ହେଲେ କାରଣ ତ କେବେହେଲେ ଜଣାଇ ନାହିଁ ସୁବୋଧ ? କେଜାଣି କାହିଁକି ଯେ କାନ୍ତାର ଉପସ୍ଥିତିରେ ସୁବୋଧକୁ ପଚାରିବାକୁ ପସନ୍ଦ କଲେନାହିଁ ହରମୋହନ ବାବୁ ।

ସେଦିନ ସନ୍ଧ୍ୟାରେ ବୈଠକ ଘରେ ସୁବୋଧକୁ ଡାକି ହରମୋହନ ବାବୁ ପଚାରିଲେ---

"ମୋର ଚିଠି ତ ପାଇଥିବ ନିଶ୍ଚୟ ।"

ବିମାତ ଗଳାରେ ସୁବୋଧ ଉତ୍ତରଦେଲା "ପାଇଛି ।"

"ଉତ୍ତର ଦେଲନାହିଁ ଯେ ?"

"ଉତ୍ତର ଦେବାର ପ୍ରୟୋଜନ ନାହିଁ---ଲାଭ କ'ଣ ହୋଇଥାନ୍ତା ମୁଁ ଯଦି ଉତ୍ତର ଦେଇଥାନ୍ତି····· ?"

"ମାନେ·····?" ହତବାକ୍ ହୋଇ ହରମୋହନ ବାବୁ ପ୍ରଶ୍ନ କଲେ । ବିଚିତ୍ର ଭାବରେ ବଦଳି ଯାଇଚି ସୁବୋଧ······ ବିଚିତ୍ର ଭାବରେ ବଦଳି ଯାଇଛି ତା'ର ଭାଷାର ଭଙ୍ଗୀ ଓ ବ୍ୟବହାର······

"ମାନେ ମୁଁ ବିବାହ କରିବାକୁ ଚାହୁଁ ନାହିଁ---।"

"କାରଣ ମୁଁ ଜୀବନରେ କାନ୍ତାକୁ ସୁଖଦେଇ ପାରିବି ନାହିଁ ।"

ହରମୋହନ ବାବୁ ନିର୍ବାକ୍ ହୋଇ ଉଠିଲେ, ତାଙ୍କର କଣ୍ଠ ରୁଦ୍ଧ ହୋଇ ଆସୁଥିଲା···ଅତି ଧୀର ଗଳାରେ କହୁଥିଲେ, "ତମବିନା କାଂଚା ଯେ ବଂଚିପାରିବ ନାହିଁ ସୁବୋଧ ।"

ମୋତେ ବାଧ୍ୟ କରନ୍ତୁ ନାହିଁ ଆପଣ...ମୁଁ କାନ୍ତାକୁ ଭଲ ଭାବରେ ବୁଝିଛି, କାନ୍ତା ବିନା ମୁଁ ବି ବଞ୍ଚି ପାରିବି ନାହିଁ, କିନ୍ତୁ ମୁଁ ଯେ ବଞ୍ଚିବାର ସବୁ ଅଧିକାର ହରେଇ ବସିଛି ।"

"କଣ କହୁଛ ତୁମେ ସୁବୋଧ ?"

ସୁବୋଧ କିଛି କହୁନଥିଲା, କେବଳ କେତେ ଖଣ୍ଡ କାଗଜ ଓ ଗୋଟିଏ ବଡ଼ ଲଫାପା ବଢ଼ାଇ ଦେଲା ବୃଦ୍ଧ ହରମୋହନଙ୍କ ହାତକୁ । କାଗଜ ଗୁଡ଼ିକ ଆଉ କିଛି ନୁହେଁ, କେତୋଟି ପ୍ରେସ୍-କ୍ରିପସନ୍, ଲଫାପା ଭିତରେ ଏକ୍ସ-ରେ- ଫଟୋ ଟିଏ ବି ରହିଛି ।

କୋଟାଏ ଦୃଷ୍ଟିରେ ବୃଦ୍ଧ ଚାହିଁଲେ ସୁବୋଧମୁହଁକୁ । ସୁବୋଧର ହୃଦୟ ତଳେ ଭରି ଆସୁଥିଲା କେହ, ଅଖିରୁ ଲୁହର ଜୁଆର ଛୁଟି ଚାଲି ଥିଲା । ତାକୁ କିନ୍ତୁ କହିବାକୁ ହେବ, ଯେପରି ହେଉ କହିବ ସେ । ଅଖିରୁ ଲୁହ ପୋଛିଲା ସୁବୋଧ ଏଇ ବଡକଷ୍ଟେ ହେଲା ମୁଁ ଟି, ବି, ରେ ଆକ୍ରାନ୍ତ......କଣ ଲାଭ ପାଇବ କାନ୍ତା ମୋତେ ବିବାହ କରି ?......କି ସୁଖ ପାଇବ କାନ୍ତା ତା'ର ଜୀବନର ସବୁକିଛି ନଷ୍ଟ କରି ?......

କିଛି କହିପାରୁ ନଥିଲେ ହରମୋହନ ବାବୁ ମନେଶରୁ ଭାରି ଯନ୍ତ୍ରଣା ପାଇଥିଲେ ସେ । ସୁବୋଧ କହି ଚାଲିଥିଲା—

''ଜୀବନରେ କାନ୍ତାର ଶୁଭ କାମନା ଛଡ଼ା ଆଉ କିଛି ଭାବି ପାରିନାହିଁ—ମୋତେ ଭୁଲ ବୁଝନ୍ତୁ ନାହିଁ ଆପଣ । ଜାଣି ଜାଣି କେଉଁପରି ତା'ର ସବୁ ସୁଖ, ଜୀବନର ସବୁ ଆନନ୍ଦ ଲୁଟି ନେବି ... ।"

ବୃଦ୍ଧ ଆଉ ନୀରବ ରହି ପାରୁନଥିଲେ......ସୁବୋଧର ହାତକୁ ଅତି ନିବିଡ଼ ଭାବରେ ଧରି ରୁଦ୍ଧ ଅଶ୍ରୁ-କଣ୍ଠରେ କହିଲେ,

ତମର କିଛି ହେବନାହିଁ ସୁବୋଧ······ତମେ ନିଶ୍ଚୟ ଭଲ ହୋଇଯିବ······ତମ ପରି ଲୋକର ମୃତ୍ୟୁ ଅସମ୍ଭବ ! ଅସମ୍ଭବ !" ଫିକ୍ରିଉଠି ପରି କାନ୍ଦ ଉଠିଲେ ହରମୋହନ ।

"ହେଲେ ଆପଣ ଏକଥା ଜଣାଇବେ ନାହିଁ କାନ୍ତାକୁ ! ସେ ସବୁ ଜାଣି ସହିପାରିବ ନାହିଁ । କୌଣସିଠାରେ ଉଚିତ ବିବେଚନା କରି ତାର ବିବାହ ଯଥା ସମ୍ଭବ ଶୀଘ୍ର କରିଦେବା ଉଚିତ । ସେ ନେଇ ଚିନ୍ତା କରନ୍ତୁ ନାହିଁ—ଯାହା ହେବାର ଥିବ ନିଶ୍ଚୟ ହେବ !

"ତମେ କଣ ସହିପାରିବ ସୁବୋଧ !"

"ମୁଁ କୌଣସିମତେ ସହିଯିବି······ କାନ୍ତାର ସୁଖହିଁ ମୋର ସୁଖ······ଯଦି ମୃତ୍ୟୁ ହୁଏ ତାହାଲେ ତ ଜୀବନରେ ଓ ଜୀବନର ଆନନ୍ଦ ପାଇଁ ଭାବିବାର କିଛି ନାହିଁ—ବଂଚିବି ଯଦି କାଂତା ବିନା ବଂଚିବାର ଚେଷ୍ଟା ନିଶ୍ଚୟ କରିବି ।······କାଂତା ସୁଖରେ ଅଛି, ଏହା ମୋତେ ଯଥେଷ୍ଟ ଆନନ୍ଦ ଦେବ ?······ କହି ଚାଲିଗଲ ସୁବୋଧ, ଅବିରତ ଲୁହ ଧାର ପୋଛୁଥିଲେ ହରମୋହନ ବାବୁ । "ମୁଁ ଆସନ୍ତା କାଲି ଚାଲି ଯାଉଚି – ମୋତେ ଅନ୍ତତଃ କାନ୍ତାର ବିବାହ ପର୍ଯ୍ୟନ୍ତ ଆପଣଙ୍କଠାରୁ ମୋତେ ଦୂରରେ ରହିବାକୁ ହେବ ।"

ସୁବୋଧର ଏଇ କଥାରେ ଅଧିକ ବ୍ୟାକୁଳ ହୋଇ ଉଠିଲେ ହରମୋହନ ବାବୁଙ୍କ ଅଂତର ।······କାନ୍ଦି କାନ୍ଦି ସୁବୋଧକୁ ନିଜ କୋଳ ଉପରେ ଗୁଡ଼ିପୁଡ଼ି ଧରିଲେ ସେ—ତୁ ମଣିଷ ହୋଇ ଜନ୍ମ ହୋଇ ସିନା ତୁ ମଣିଷ ନୋହୁ ଦେବତା । ସାଧାରଣ ମଣିଷଟିଏ ହୋଇଥିଲେ ମୋର ଦୁଃଖ ନଥିଲା ବାପା,

କୁଆଡ଼େ ଚାଲିଯିବୁରେ ତୁ !... ନାଁ ମୁଁ ତତେ କୌଣସିମତେ ଛାଡ଼ିବିନି ।

"ଆପଣ ଅଧୀର ହୁଅନ୍ତୁ ନାହିଁ, କୁଆଡ଼େ ଯିବି ମୁଁ...... ମୋତେ ଯିବାକୁ ପଡ଼ୁଛି, ଫେର ଆସିବି—ଏ ଘରର ମୋହ ମମତା ତୁଟାଇ ଦେଇ ପାରିବି ନାହିଁ— ଯିବା ଅଂଶତଃ ତାଂକ ପାଇଁ..... ଅନ୍ତତଃ ମୋର ଶିକ୍ଷା ପାଇଁ ତ ମୋତେ ଯିବାକୁ ହେବ ।"

ମାଳତୀ କବାଟ ପାଖରେ ଠିଆ ହୋଇ ଶୁଣୁଥିଲା ସବୁ, ସେ ଶୁଣିପାରିଲା ନାହିଁ, ରହି ପାରିଲା ନାହିଁ ସେଇଠି । ଲୁହରେ ଭରି ଆସୁଥିଲା ଆଖି ତାର......କୋହରେ ହୃଦୟ ଫାଟି ପଡ଼ୁଥିଲା ଯେମିତି......

ମାଳତୀ ତାଂକ ଆଗରେ କିଛି ବୋଲି କିଛି କହିପାରୁ ନଥିଲା । କେବଳ ମାତ୍ର କଅଁଳା ଛୁଆଟି ଭଳି କଇଁ କଇଁ ହୋଇ କାନ୍ଦୁଥିଲା---

ତିନୋଟି ଦିନ ହେଲାଣି । ସୁବୋଧ ଆସିଛି । ମନରେ ଏତେ ଟିକିଏ ବି ଆନନ୍ଦ ନାହିଁ । ତା' ସାଥିରେ ବାପାଙ୍କର ମନରେ ସବୁ ସରାଗ କୁଆଡ଼େ ଉଭେଇ ଯାଇଛି ଯେମିତି...... କିଛି ବୁଝିପାରୁ ନାହିଁ ତାଂକ......

ମାଳତୀର ଅକୁଳ କ୍ରନ୍ଦନ ବଢ଼ୁଥିଲା ସିନା କମୁ ନଥିଲା । କଣ ହୋଇଛି ମାଳତୀର...... କ'ଣ ବା ତା' ମନରେ ଦୁଃଖ ?

ଆଜି ପର୍ଯ୍ୟନ୍ତ ମାଳତୀ ଆଖିରେ ଲୁହ ଦେଖି ନଥିଲା କାନ୍ତ...... କିପରି ଏକ ଅହେତୁକ ଭୟ ପାଉଥିଲା କେଜାଣି ସେ ।......

"କଣ ହୋଇଛି ତୋର ମାଳ !"......କଣ୍ଠରେ ଅକୁଳତା ଭରି ପଚାରୁଥିଲା କାନ୍ତ......

"ମୋର ମୁହଁରେ ଶୁଣିବ ଦେଇ ?" କେଉଁ ପରି କହୁଥିବ କା ମାଳତୀ, ଯେଉଁ ଲତା ଅଙ୍କୁରରୁ ପୁଷ୍ପବତୀ ହେବାର ନିଜେ ଦେଖିଛି ସେ କିପରି ସେ ଶୁଣାଇ ପାରିବ ଯେ ସବୁ ଫୁଲ, ସବୁ ସୌରଭ ଝରିଗଲା ।

"କାହିଁକି ଆଜି କଣ ହୋଇଛି କହନା ?" କୋଟିଏ କୁଣ୍ଠିତା ପଶୁଥିଲା କାନ୍ତ ମନରେ, ଅନେକ ସମୟ ପରେ ଅସୀମ ଧୈର୍ଯ୍ୟ ସହ ବୁକୁରେ ବେଦନା ଚାପି ଧରି କହୁଥିଲା ମାଳତୀ ।

"ବାବୁ ଏ ବିବାହରେ ରାଜି ନୁହନ୍ତି !"

ବିଶ୍ୱାସ କରିପାରିଲା ନାହିଁ କାନ୍ତ...... ଶତ ବୃଶ୍ଚିକର ଦଂଶନ ଅନୁଭବ କରୁଥିଲା ଯେମିତି—

"କାହିଁକି ?"

"ମୁଁ କିଛି ଜାଣିନି—ବାପାଙ୍କୁ ସେଇଆ ହିଁ କହୁଥିଲେ ସୁବୋଧ ବାବୁ ।"..........

କାନ୍ତ ଆଉ ଶୁଣି ପାରିଲା ନାହିଁ......ସବୁ ଆଶା ସ୍ୱପ୍ନ ଓ ପ୍ରତୀକ୍ଷା ତା'ର ଧୂଳିରେ ମିଶି ଯାଇଛି.........ଅସମ୍ଭବ କଥା । ସେ ଯେ ବଞ୍ଚି ପାରିବ ନାହିଁ...... ? ଅକୁଳ କଣ୍ଠରେ ସେ ଚିତ୍କାର କରୁଥିଲା ଯେମିତି......ମାଳତୀ । ମୋ ରାଣ ଥରେ ମାତ୍ର କହିଦେ ତୁ ଯାହା କହିଲୁ ସେ ସବୁ ମିଛ କଥା, ମୋ ପାଖରେ ପରିହାସ କରୁଥିଲୁ ।"......

ତା'ର ଉତ୍ତରକୁ ଅପେକ୍ଷା କରୁଥିଲା କାଂତା···ସିଧା ଦଉଡ଼ି ଯାଉଥିଲା ବାପାଙ୍କ ପାଖକୁ— ବାପାଙ୍କୁ ଦେଖି ତାଙ୍କର ମନର ଅବସ୍ଥା ବେଶ ବୁଝି ପାରୁଥିଲା କାଂତା·· ···କପାଳ ଉପରେ ହାତ ଦେଇ ନୀରବରେ ବସିଥିଲେ ହରମୋହନ······କାଂତା ପଛରେ ଯାଇ ଠିଆହେଲା କାଂତାକୁ ଦେଖି ବଢୁଥିଲା ହରମୋହନ-ଙ୍କର ବୁକୁର ପୀଡ଼ା·········ତା'ର ଅଲକ୍ଷରେ ଲୁହ ପୋଛି ନେଲେ ସେ ·····ଅଦମ୍ୟ ପ୍ରୟାସରେ ବୁକୁର ଉଦ୍‌ଗତ କୋହ ଚୁପିନେଲେ ହର ମୋହନ ।······

କାଂତା କହୁ ଥିଲା······"ମାଳତୀ କହୁଥିଲା······ ।"

"କଣ କହୁଥିଲା ମାଳ ?" ତା କଥାରେ ବାଧା ଦେଇ ପଚାରୁଥିଲେ ହରମୋହନ । କାଂତା ନୀରବ ଥିଲା, ମୁଣ୍ଡ ପୋତି ଠିଆ ହୋଇ ରହିଥିଲା ବାପାଙ୍କ ଆଗରେ·····ଆଖିରୁ ତା'ର ଝରିଆସୁ ଥିଲା ଅବିରତ ଲୁହ ଧାର ।

ବୁଝି, ଆପଣାକୁ ଜଡ଼ ମନେ କରୁଥିଲେ ସେମିତି—ସତେ ଯେମିତି ତାଙ୍କର ସବୁ ଅନୁଭବ ଶକ୍ତି, ଚଳନଶକ୍ତି ଉଭେଇ ଯାଇଛି, ମନର ଅସୀମ ବ୍ୟଥା କୁ ମନରେଇ ମାରିଦେବାକୁ ହେବ—ଅନ୍ତଂତଃ କାଂତା ପାଖରେ ଧୈର୍ଯ୍ୟହରା ହେଲେ ଚଳିବନାହିଁ ।

"ମାଳତୀ ସତ କହୁଥିଲା ମା"···କାନ୍ତାର ପିଠି ଉପରେ ଆଦରରେ ହାତ ବୁଲାଇ ଆଣୁଥିଲେ ହରମୋହନ ବାବୁ······କହୁଥିଲେ—

"ସୁବୋଧ ଏ ପ୍ରସ୍ତାବରେ ଅଦୌ ରାଜି ନୁହେଁ—ଯାହା ସିଦ୍ଧାନ୍ତ କରୁଛି, ତୋର ମଙ୍ଗଳ ଦୃଷ୍ଟିରୁ କରୁଛି···ତା'ପରି ଅମୂଲ୍ୟ ରତ୍ନ ଏ ସଂସାରରେ ମିଳିବ ନାହିଁ···ତା'ର ଆଦର୍ଶ···

କ'ଣ ମିଳିବ ତାକୁ ଏଇ ଅଦର୍ଶନରୁ । କ'ଣ ମିଳିବ ତାକୁ ବୃଥା ଏଇ ସାନ୍ତ୍ୱନାରୁ···ସେ ଆଉ ମୁହୂର୍ତ୍ତିଏ ପାଇଁକି ବାପାଙ୍କ ପାଖରେ ରହିଲା ନାହିଁ···ସେ ଚାଲି ଯିବାବେଳେ ପଛକୁ ତା'ର ଡାକି ବି ପାରିଲେ ନାହିଁ ହରମୋହନ ବାବୁ, କ'ଣ କହି ଡାକିବେ ତାକୁ ! କ'ଣ ବୋଲି ବୁଝେଇବେ ସବୁକଥା ?

ସୁବୋଧ ପାଖକୁ ଦୁଇ ତିନଥର ଯିବାର ଚେଷ୍ଟା କରୁଛି କାନ୍ତା···କିନ୍ତୁ କେଜାଣି କାହିଁକି ଯେ ପାଦ ତାର ଅବଶ ହୋଇ ପଡୁଛି । ବେଦନାତୁରରେ ଆପଣାକୁ ସଂଯତ କରିପାରୁ ନାହିଁ କାନ୍ତା···ପ୍ରାଣର ଅସୀମ ଯନ୍ତ୍ରଣା ଭିତରେ କାନ୍ତା ଲେଖି ବସିଲା—

ପୂଜନୀୟେଷୁ,

"ଆପଣ" ବୋଲି ସମ୍ବୋଧନ କରିବାକୁ କେତେଥର ଆପତ୍ତି କରନ ତମେ ! ···ଏଯାଏଁ ତମ ବୋଲି କହିପାରି ନଥିଲା କାନ୍ତା···ମନଭରି କହିବ ଆଜି···ମନଖୋଲି କାନ୍ଦିବ ଆଜି— ପଚାରିବ ଖାଲି, ତା'ର ଜୀବନକୁ ନେଇ ଖେଳିବାର କି ପ୍ରୟୋଜନ ଥିଲା······ ।

ଯେଉଁ ହାତରେ ସ୍ୱପ୍ନର ସୁବର୍ଣ୍ଣ ମିନାର ନିଜେ ତୋଳିଥିଲ-- ଯେଉଁ ହାତରେ ତମେଇ ଗଢିଥିଲ ପ୍ରୀତିପ୍ରଣୟର ସୁନ୍ଦର ପ୍ରତିମାଟିଏ, ସେଇ ହାତରେ ତାକୁଇ ଭାଙ୍ଗିଦେବାକୁ ଇଚ୍ଛାକଲ କିମିତି ? ଏତିକି ବୁଝିଲି ନାହିଁ···ଏତିକି ଭା [illegible] ନାହିଁ ଏ ଦାସୀ ବଞ୍ଚିବ କେଉଁପରି ।

ଜୀବନର ସମସ୍ତ ତପସ୍ୟା ପଣ୍ଡ ହୋଇ ଯାଇଛି । ବୃଥାହୋଇ ଯାଇଛି ଅଶ୍ରୁର ଅଜସ୍ର ନିବେଦନ । ···ମରିବାର ଉପାୟ ବତେଇ ଦେଇ ପାରନ୍ତ ଯଦି ·· ।

କିନ୍ତୁ ଲେଖି ପାରୁ ନଥିଲା କାନ୍ତା···ହାତରେ ତା'ର ବଳ ନଥିଲା । ଥରୁଥିଲା ଦେହସାରା—ସତେ ଯେପରି ତା' ଦେହର ସମସ୍ତ ରକ୍ତ ଧୀରେ ଧୀରେ ବରଫପରି ଜମାଟ ହୋଇ ଯାଉଛି—ସେ ସ୍ଥାଣୁ ପାଲଟି ଯାଉଛି ଯେମିତି । —ମାଳତୀ ଆସିଲା—ଏଣୁ ତେଣୁ ଗାରେଇ ଦେଇଥିବା ସେଇ କାଗଜ ଖଣ୍ଡିକ ତା ହାତକୁ ବଢ଼େଇ ଦେଇ ସୁବୋଧକୁ ଦେଇଦେବାକୁ କହୁଥିଲା କାନ୍ତା—ମାଳତୀ ଚାଲିଗଲା— ।

ଅମୂଲଚନ୍ଦ୍ର ଅନେକବାର ଚିଠିଟିକୁ ପଢ଼ିନେଲା ସୁବୋଧ—ଅତି ସ୍ପଷ୍ଟ ଭାବରେ ସେ ଅନୁଭବ କରି ପାରୁଥିଲା ତା'ର ବ୍ୟଥା—ଭାବୁଥିଲା ତମେ ବୁଝିପାରିବ ନାହିଁ କାନ୍ତା । ଏ ଗୁପ୍ତତଳେ ବ୍ୟଥାର ଯେଉଁ ଅଗ୍ନି ଜଳୁଛି···ସେ ଅଗ୍ନି କାଳିପୋଡ଼ି ପାଉଁଶ କରିଦେବ ଏ ଦେହକୁ···ପୋଡ଼ି ପାଉଁଶ ହେଲେବି କଥା ତୋ'ର ମନେ ରଖିଥିବ ସୁବୋଧ···

× × ×

"ମୁଁ ତୁମର ଜୀବନ ସହିତ ଖେଳୁନାହିଁ କାନ୍ତା···ଖେଳିନାହିଁବି । ମୁଁ ତମକୁ ପ୍ରତାରିତ କରିନାହିଁ···କରି ପାରିବି ନାହିଁ । ମୋର ପ୍ରତ୍ୟେକ ଚେତନ ବିନ୍ଦୁ ତମର ଶୁଭକାମନା ହିଁ କରିବ ।" ···ସୁବୋଧ କାନ୍ତା ପାଖକୁ ଆସି କହୁଥିଲା···ଅନେକ ଚେଷ୍ଟା, ଅନେକ ସମୟର ନୀରବତା ପରେ ସମର୍ଥ ହୋଇଥିଲା କହିବାକୁ ।

"ପ୍ରାଣର ବନ୍ଧନମଧ୍ୟରେ ଯାହାକୁ ଭଲ ପାଇଛି—ତା'ର ସୁଖ ପାଇଁ ଏ ଜୀବନ ବି ଉତ୍ସର୍ଗ କରିବାକୁ କୌଣସି ପ୍ରକାର କୁଣ୍ଠା ଏ ମନରେ ନାହିଁ—ତା'ର ଅମଙ୍ଗଳ ମୋଦ୍ୱାରା ହୋଇ ପାରିବ ନାହିଁ କାନ୍ତା କଣ୍ଟକେବେହେଲେ ସୁନ୍ଦର ହୋଇ ପାରିବ ନାହିଁ—ମୁଁ ତମର ଜୀବନ ପଥରେ ଗୋଟାଏ କଣ୍ଟକ ହୁଅନ୍ତି କିପରି ?"······

କାନ୍ତା ନୀରବ ଥିଲା···ଶୁଣୁଥିଲା କେବଳମାତ୍ର ଯାହା କହୁଥିଲା ସୁବୋଧ···

"ମୋତେ ତୁମେ ଭୁଲ ବୁଝିଛ କାନ୍ତା·····ବିଶ୍ୱାସ କର ତୁମପ୍ରତି ମୋର ସ୍ନେହ ଶ୍ରଦ୍ଧା ପୂର୍ବପରି ରହିଛି—ଏ ଜୀବନର ଶେଷ ନିଶ୍ୱାସ ସହିତ ତମର ସ୍ମୃତି ଜଡ଼ିତ ରହିବ···।"

ଅନ୍ତର ତଳର କୋହ ସମ୍ଭାଳି ପାରୁ ନଥିଲା କାନ୍ତା । କଇଁ କଇଁ ହୋଇ କାନ୍ଦି ଉଠୁଥିଲା ସେ···ତା'ର ମୁଣ୍ଡ ଉପରେ ସସ୍ନେହ କର ସଞ୍ଚାଳନ କରି ସୁବୋଧ କହୁଥିଲା —"ଛି ପାଗଳୀ, କାନ୍ଦୁଛ କାହିଁକି ? —କ'ଣ ହୋଇଛି ଯେ କାନ୍ଦୁଛ ସତରେ କାନ୍ତା······

—କ'ଣ ହୋଇନାହିଁ ଯେ·····ଆପଣଙ୍କୁ କାହିଁକି ବାଧୁଛି ଏତେ ମୋର କାନ୍ଦକଟା ··ମୋତେ ମୋର ହାତରେ ଛାଡ଼ିଦେଇ ଯାଆନ୍ତୁ···ସାରାଜୀବନ ଏକାନ୍ତ ଏକାକୀ ରହିବାର ସାହସ ଓ ଧୈର୍ଯ୍ୟ ମୋର ଯଥେଷ୍ଟ ଅଛି···।" ଯେଉଁ ଅଧର ଦିନେ ସ୍ନେହର ପରଶରେ ମଧୁର ଭାବରେ ଆପ୍ଳୁତ ହୋଇ ଉଠୁଥିଲା ପ୍ରୀତିର ମଧୁର କଥାରେ, ସେ ଯେପରି ବିଦ୍ରୋହ କରୁଥିଲା ସେଦିନ । ସୁବୋଧର ବି ଛଳ ଛଳ ହୋଇ ଉଠୁଥିଲା ଆଖି········ଯଥେଷ୍ଟ ଉଦ୍ୟମ କରୁଥିଲା ସୁବୋଧ ତା'ର ମନର ବେଦନା ଲୁଚାଇ ରଖିବାକୁ । ଏଇ ମୁହୂର୍ତ୍ତଟି ବ୍ୟର୍ଥ ହେଲେ ସାରା ଜୀବନ ତାକୁ କାନ୍ଦିବାକୁ ହେବ··ସମ୍ପୂର୍ଣ୍ଣ ରୂପରେ ଧ୍ୱଂସ ହୋଇଯିବ କାନ୍ତାର ଜୀବନ······

ତଥାପି ବି ମୋର ଏତେ କହିବା ପରେ ମୋତେ ଭୁଲ୍ ବୁଝୁଛ କାନ୍ତା ! ପ୍ରଣୟର ଲକ୍ଷ ବିବାହ ନୁହେଁ—ସେ ଏକ ବିରାଟ ଆତ୍ମ ତ୍ୟାଗ·····। ତୁମକୁ ମୁଁ ଜୀବନରେ ଭଉଣୀ ଦୃଷ୍ଟିରେ

ସ୍ନେହ ଦେଇ ଆସିଛୁ·····ମୋର ହୃଦୟତଳେ ତୁମପାଇଁ ଯାହାର ପ୍ରଣୟଟି ଥିଲା······ଭାଇ ଭାବରେ ଗ୍ରହଣ କରିପାରିବ ନାହିଁ ମୋତେ ?"

ସୁବୋଧର କହିବାର ସାହସ ନଥିଲା ଆଜ······ଅନେକ ବେଳ ଧରି କାନ୍ତା ପାଖରେ ରହିଲେ ସେ ବା କାହିଁ ଉଠିବ ।······ଶେଷକଥା କହି ଆସୁଥିଲା ସୁବୋଧ ।

"କାନ୍ତା । ମଣିଷ କୌଣସି କଥା ଜାଣି ଜାଣି କରେନାହିଁ । ଅନେକ ପରିସ୍ଥିତିରେ ପରିସ୍ଥିତି ତାକୁ ବାଧ୍ୟକରେ । ମୁଁ ଯାହା କରିଛି ସେପରି ବାଧ୍ୟହୋଇ କରିଛି ଓ ତମର ମଙ୍ଗଳ ପାଇଁ କରିଛି······ମୋର ଯେଉଁ ରୂପ ତୁମେ ଏଯାଏଁ ଦେଖି ଆସିଛ ତାକୁ ସମ୍ପୂର୍ଣ୍ଣ ଭୁଲି ଯିବାହିଁ ତମ ପକ୍ଷରେ ମଙ୍ଗଳ······ସମୟ ଆସିଲେ ତମେ ନିଜେଇ ବୁଝିବ କେମିତି । ଥିଲା ସୁବୋଧ··· । ମୋ ଶିଶୁ, ଦୁଃଖିତା ହୁଅନା······।" ······ନୀରବ ହୋଇ ଉଠିଛି ସୁବୋଧ, ନୀରବ ଥିଲା କାନ୍ତା·····ଅନେକ ସମୟ ନୀରବ ରହିବାପରେ ସୁବୋଧ ପୁଣି ତୁଣ୍ଡ ଖୋଲିଲା—"ମୁଁ ଆଜି ସଂଧ୍ୟାରେ ଚାଲିଯିବି କାନ୍ତା !"

"କୁଆଡ଼େ ଯିବେ ଆପଣ ?"

"ଗଲେ ତୁମ ପାଖକୁ ଚିଠି ଦେବି ଯେ !"

ଏ ସ୍ୱାସ୍ଥ୍ୟ ନେଇ ଯିବେ ?"

······"କ'ଣ ହୋଇଛି କି ମୋର ?"······

କିଛି କହୁ ନଥିଲା କାନ୍ତା······ସୁବୋଧ ଶେଷଥର ପାଇଁ କହୁଥିଲା··········କାନ୍ତା ମୋତେ ଗୋଟାଏ କଥା ଦେଇ ପାରିବ ?······

କାନ୍ତା ନୀରବ······

"ମୁଁ ସାମାନ୍ୟ ଟିକିଏ ଖୁସୀ ଚାହୁଁଛି କାନ୍ତା---ଦେଇ ପାରିବ ନାହିଁ···? କିଛି କହୁ ନଥିଲା କାନ୍ତା···କେବଳ ଅଶ୍ରୁଳ ନୟନରେ ସୁବୋଧକୁ ଅନାଇଥିଲା······

ସୁବୋଧ ତା' ମୁହଁକୁ ଚାହିଁ ପାରିଲା ନାହିଁ···ସେ ସାହସ ତା'ର ନଥିଲା ସେତେବେଳେ । ମୁହଁ ପୋତି ଧୀରେ ଧୀରେ କହିଲା···

"ସନ୍ଦୀପ୍‌କୁ ଜାଣ"······

"ହଁ" ସଂକ୍ଷିପ୍ତ ଉତ୍ତର ଦେଲା କାନ୍ତା······

ବାପାଙ୍କର ଖୁସୀ ଓ ମୋର ଅନୁରୋଧ ରକ୍ଷାକରି ଏ ବିବାହରେ ରାଜି ହେବ···ପ୍ରତିଶ୍ରୁତି ଦିଅ କାନ୍ତା···ତମେ ମୋର କଥା ରଖିବ··· ନୀରବ ରହିଲା କାନ୍ତା···କଣ କହିବ ? ବା ତା'ର ଭାବ ମୁଦ୍ରାର ଅସ୍ୱାଭାବିକ ପରିବର୍ତ୍ତନ କରୁଣ ଆଖିର ଧାର ଧାର ଲୁହ ନୀରବ ନୁହନ୍ତି··· ତା'ର ବ୍ୟଥା କମ୍ପିତ ଅଧର ଦୁଇ ମୂକ ନୁହନ୍ତି · କି'ଏ କହୁଥିଲେ କେଜାଣି । ନୀରବ ଥିଲା କାନ୍ତା······ଆପଣାର ତୋଳି ଥିବା ନୀଡ଼କୁ ଆପଣା ହାତରେ ଭାଙ୍ଗିଦେଇ, ଆପଣା ହାତରେ ଫୁଟାଇ ଥିବା ଫୁଲକୁ ପାଦରେ ଦଳି ଦେଇ···ଆପଣାର ରଚିଥିବା ସ୍ୱପ୍ନର ସଉଧକୁ ଧୂଳିରେ ମିଶାଇ ଦେଇ କିପରି ବା ଧୈର୍ଯ୍ୟ ଧରି ସେଠାରେ ରହନ୍ତା ସୁବୋଧ । କ୍ଷିତି, ଅପ୍, ତେଜ, ମରୁତ, ବ୍ୟୋମ କାହାରି ଉପରେ ଟାଣିଥିବା ଦାଗ ରହିବ ନାହିଁ । କିନ୍ତୁ ତାକୁ ନେଇ ଗଢା ମଣିଷର ଦେହ ଓ ତା' ଭିତରେ ଥିବା କେଉଁ ଏକ ସୂକ୍ଷ୍ମ ତମ ପ୍ରଦେଶରେ ଅବସ୍ଥିତ ମଣିଷର ମନ ଉପରେ ଯେ ଦାଗ ରହେ ସେ ଦାଗ ଲିଭିବାର ନୁହେଁ — ହାୟ, ମଣିଷ ଯଦି ତା' ମନର ସବୁ ଦାଗ ଲିଭାଇ ଦେଇ ପାରନ୍ତା !!!

ସେଦିନ ସଂଧ୍ୟାରେ ଚାଲିଗଲା ସୁବୋଧ···ମନଭରି ଦେଖି-ଥିଲା କାନ୍ତାକୁ··· ସତରେ ମୋପରି ଜୀବନରେ ଅଜଥରେ ଦେଖି

ପାରିବ ନାହିଁ ସେଇ ସୁନ୍ଦର ହସ ହସ କମନୀୟ ମୁହଁଟି । ସଜଳ ଆଖିରେ ତା'ର ଯିବା ପଥକୁ ଦେଖୁଥିଲା କାନ୍ତା······

ହରମୋହନ ବାବୁ ସତେ ଯେପରି ଜଡ଼ ପାଲଟି ଯାଇଥିଲେ ସୁବୋଧ ତାଙ୍କର ପାଦ ତଳେ ମୁଣ୍ଡ ନୋଇ ପ୍ରଣାମ କଲା—ଗଭୀର ଆବେଗରେ ତାକୁ ଛାତିଉପରକୁ ଟାଣିଆଣି ଅସଂଖ୍ୟ ଚୁମ୍ବନ ଦେଇ-ଥିଲେ ତା'ର କପାଳରେ ।······ଲୁହରେ ଛଳଛଳ ହୋଇଉଠୁଥିଲା ତାଙ୍କର ଆଖି······କିଛି ବୋଲି କିଛି ବୁଝି ପାରୁନଥିଲା କାନ୍ତା··· କଣ ସତରେ ଘଟୁଛି ଏ ସବୁ ! ସ୍ୱପ୍ନପରି ମନେ ହେଉଥିଲା ତା'ର ଏସବୁ······ ଯଦିଓ ବାସ୍ତବ ସବୁକିଛି ।······

ସୁବୋଧ ହାତକୁ ଦୁଇହଜାର ଟଙ୍କାର ନୋଟ ତାଡ଼ା ଟିଏ ବଢେଇ ଦେଇ ହରମୋହନବାବୁ କହୁଥିଲେ··· ଆବଶ୍ୟକ ହେଲେ ଲେଖିବୁ ବାପା ।”

ସୁବୋଧ ଚାଲିଗଲା ସେ ଆଉ ଲେଉଟିବ ନାହିଁ । ପ୍ରଭାତର ପଥଭୁଲା ପକ୍ଷୀ ସଂଧ୍ୟାରେ ବାହୁଡ଼ି ଆସିବ ପୁଣିଥରେ ହଜି ଯାଇଥିବା ପୂର୍ଣ୍ଣିମା ପୁଣି ଥରେ ଫେରି ଆସେ— ଲିଭି ଯାଏ ଅମାବାସ୍ୟାର ମସୀ-କଜ୍ଜ୍ୱଳ ତମସା··· ପ୍ରାଚୀ ଓ ପ୍ରତୀଚୀର ଉଷା ଓ ଗୋଧୂଳିର ଅରୁଣିମାରେ କେତେ ଥର ଅରୁଣିତ ହୁଏ ଆକାଶ······ସୁବୋଧ କିନ୍ତୁ ଆଉ ଫେରିବ ନାହିଁ······କିଏ ଯେପରି ବାର ବାର କାନ୍ତାର ଅନ୍ତର ତଳେ ଥାଇ କହୁଥିଲା ଏ କଥା···ଛାତିକୁ ପଥର କରିଦେଲେ ଦେହକୁ ସ୍ଥାଣୁ କରିଦେଲେ, ମନର ସବୁ ବ୍ୟଥା ବେଦନା ଅକ୍ଳେଶରେ ସହ୍ୟ ହୋଇଯାଏ···କିନ୍ତୁ ରକ୍ତମାଂସର ଏ ଦେହ ସ୍ଥାଣୁ ହେବ ବା କେଉଁପରି ? କେଉଁପରି ବା ମନର ସକଳ ଅନୁଭବକୁ ଦୂର କରିଦେଇ ହେବ ମନରୁ ?

ଜୀବନରେ ପ୍ରଭାତର ହୃମ ଖଣ୍ଡ ଭଳି ଏକ ବାଟର ସପନର ମାୟା ଥିବ ସତେ ଯେମିତି । ମାୟା' ବୋଲି ଜାଣିଥିଲେ ମଧ୍ୟ କେତେ ଦୂର ମୋହାଚ୍ଛନ୍ନ କରି ନାହିଁ ସତରେ ସେଇ ମାୟା... କେତେ ଦୂର କଠିଣ ଭାବରେ ବାନ୍ଧି ରଖିନାହିଁ ସତରେ ସେଇ ଇନ୍ଦ୍ରଜାଲ......

କିପରି ବା ଭୁଲିଯିବ କାନ୍ତା ? ପ୍ରଭାତର କାକଳୀ...ସଂଧ୍ୟାରେ ନୀଡ଼ ଫେରା ବିହଗର ମଧୁର ଗୀତ; ସଜଫୁଟା ସକାଳର ଫୁଲ... ମଉଳା ସଂଜର ମ୍ଳାନ ଫୁଲ, ଶିଶିର ସଜଳ ପ୍ରଭାତର ଅରୁଣ ଆକାଶ ଓ ଗୁରୁ ସଂଧ୍ୟାର ପାଟଳ ଆକାଶ...ଗଗନ ପବନ ଅହର୍ନିଶି ଯାହା କଥା ତାର କହୁଥିବେ... ତା'ର ସ୍ମୃତିର ଛବି ଅଂକାବେ – କେଉଁ ପରି ବା ତାକୁ...ଭୁଲି ଯିବ କାନ୍ତା..... ?

ପଥଭୁଲି ଚାଲି ଯାଇଛନ୍ତି ଗୌତମ...ତାର ବିୟୋଗର ଗ୍ଲାନି ତା'ର କଜଳ କଳା ଅଂଚଳ ତଳେ ସତରେ କଣ ଲୁଚେଇ ପାରିବ ତା'ର ବିରହ ବ୍ୟଥା ତା'ର ପ୍ରତୀକ୍ଷାରେ ନିଷ୍ଫଳ ଦୁଇଟି ଚକ୍ଷୁ ସତରେ କଣ ଲୁହ ଝରାଇ ପାଲଟି ଯିବ ତା'ର ହୃଦୟୁ ଅବିରତ ଦୀର୍ଘଶ୍ୱାସ ଗୁଡ଼ି......କାନ୍ତା ବଞ୍ଚିବ କେମିତି ?

......ଜୀବନର ଅସଂଖ୍ୟ ମୁହୂର୍ତ୍ତ ଭିତରେ କେବଳ ଗୋଟାଏ ମୁହୂର୍ତ୍ତ ଚରମ ଆନନ୍ଦ ଦିଏ...ଗୋଟାଏ ମୁହୂର୍ତ୍ତ ଚରମ ବିଷାଦ ଦିଏ... ଗୋଟାଏ ମାତ୍ର ମୁହୂର୍ତ୍ତ ସେମିତି ଜୀବନର ଅନେକ କିଛି ପରିବର୍ତ୍ତନ କରି ଦେଇ ଚାଲିଗଲା...ଅସଂଖ୍ୟ ମୁହୂର୍ତ୍ତ ମଣିଷ ଜୀବନ ଗୋଟାଏ ମୁହୂର୍ତ୍ତରୁ ଆରମ୍ଭ ହେଲା...ଶେଷ ହେଲା ଗୋଟାଏ ମୁହୂର୍ତ୍ତରେ...

ସତରେ ମଣିଷ ଜୀବନରେ ସ୍ୱପ୍ନ ପୁଣି ସରେ ? ଆଶା ପୁଣି ମରିଯାଏ ??...ହାୟରେ ମଣିଷ !... ହର୍ଷ ବିଷାଦ, ସୁଖ ଦୁଃଖ,

ହସ କାନ୍ଦ, ଏ ସବୁର ଅନୁଭବ ମଣିଷ ମନରେ ନଥାଆନ୍ତା ଯଦି ! ଅନେକ କିଛି ଭାବୁଥିଲା କାଂତା... ସାରା ଜୀବନ ତାକୁ ଭାବିବାକୁ ହେବ...ଏଇ ଘୋଡ଼ାଏ କଥାଇ ତାକୁ ଯେମିତ ବ୍ୟସ୍ତ ରଖିବ ସବୁଦିନ । ବଞ୍ଚିବାର ସ୍ୱପ୍ନ ଦେଇ ତାକୁ ଆଗେଇବାକୁ ପଡ଼ିବ... କିନ୍ତୁ ପାରିବତ ?...

...ଏ ଭିତରେ ସାତୋଟି ମୁହୂର୍ତ୍ତପରି ବିତି ଯାଇଛି ସାତ-ଗୋଟି ବରଷ କେତେ ପରିବର୍ତ୍ତନ କେତେ ଓଲଟ ପାଲଟ ହୋଇ ଗଲାଣି ଜୀବନର ।......

ଏ ସାତବରଷ ଭିତରେ ଗୋଟାଏ ବି ଚିଠି ଦେଇନି ସୁବୋଧ କାଂତାକୁ...କିଏ ବୋଲି ବା ଲେଖିବ ? ଚାକିରୀହୀନ ଥିବା ପ୍ରଥମ ଦୁଇଟି ବରଷର ଆବେଗ ଉଚ୍ଛ୍ୱାସକୁ ଅତି କଷ୍ଟରେ ଅଂତର ଭିତରେ ଦମନ କରି ପାରିଛି ସୁବୋଧ । କାଂତା ପାଖକୁ ଚିଠି ଦେବାର ସମୟ ନଥିଲା ତା'ର ଅନାଗତ ଅନିଶ୍ଚିତ ଭବିଷ୍ୟତ, ଗତ ବିସ୍ମୃତ ଅତୀତ ଭିତରେ ସେ ଥିଲା ଏକ ବିକଳ ବର୍ତ୍ତମାନ ଯେଉଁ ପ୍ରତି ମୁହୂର୍ତ୍ତରେ ମୃତ୍ୟୁର ମୁହୂର୍ତ୍ତ ଗଣୁଥିଲା...ଅଂତରର ପ୍ରତ୍ୟେକ ତନ୍ତ୍ରୀ ଥରାଇ ଜାଗି ଉଠୁଥିବା କାଂତାର ସ୍ମୃତି... ଯାହା ଜୀବନରେ ଅସୀମ ବେଦନା ଦେଉଥିଲା ସୁବୋଧକୁ, ନିଷ୍ଠୁର ଭାବରେ ସେ ସବୁକୁ ଭୁଲି ଯିବା'ର ପ୍ରୟାସ କରିଥିଲା ସୁବୋଧ । ହୃଦୟର ପୁଞ୍ଜୀଭୂତ ସ୍ମୃତି ମରମତଳେ ବେଦନାର ରୂପ ନେଉଥିଲା... ସତରେ ଯୌବନର ବୃନ୍ଦାବନରେ ଅଶ୍ରୁ ରୂପେ ବରଷି ଯାଉଥିଲେ ସେ ସବୁ । ଯାହା ଦିନେ ଶୋଭାମୟ ଓ ମାଦକମୟ ଥିଲା ଜୀବନରେ ସେହି

ଥିଲି ସେ ସମୟର ଏକମାତ୍ର ଦୁଃଖ··· ଯେଉଁ ଦିନେ ଜୀବନର ଏକାନ୍ତ ନିଜର, ପ୍ରାଣର ପ୍ରଣୟ ପ୍ରୀତିର ପୁଲକ ଓ ଅତ୍ମୀୟ ଆତ୍ମ ବିସ୍ମରଣ ଥିଲା--ତାକୁଇ ସେ ହୃଦୟ ଭିତ୍ତରୁ ଦୂରକୁ ଏଡ଼ାଇ ଦେବାର ଅବଶ୍ୟ ପ୍ରୟାସ କରୁଥିଲି······

ସେଦିନ ସେ କେତେ ଆନନ୍ଦ ପାଇଲି ନାହିଁ ସତରେ-ଯେଉଁ ଦିନ ହରମୋହନ ବାବୁ ଲେଖିଥିଲେ—

ସ୍ନେହାଧୀନ ସୁବୋଧ,

ଆଶା କରୁଛି ତୁମେ ବର୍ତ୍ତମାନ ସୁସ୍ଥ ଓ ପ୍ରସନ୍ନ ଅଛ । ତୁମେ ଦୀର୍ଘଜୀବୀ ହୁଅ ସମାଜ, ରାଷ୍ଟ୍ର ତଥା ସାରା ସଂସାର ପାଇଁ ତମର ଅନେକ କିଛି କରିବାକୁ ଅଛି···ତମ ପଛରେ ଅଗଣିତ ହୃଦୟର ଶୁଭେଚ୍ଛା ରହିଛି ।

ତମର ଗଲା ପରେ କାଂତା ଜୀବନରେ ଏକ ବିରାଟ ପରିବର୍ତ୍ତନ ଆସିଛି···ସବୁ ସମୟରେ ଉଦାସୀନା ରହୁଛି କାଂତା··· ଦେହର ଯତ୍ନ, ନେବାର ଭୁଲି ଯାଇଛି—ଶୁଣି ଖୁସୀ ହେବ ତା'ର ବିବାହ ଏଇ ଫାଲ୍‌ଗୁନରେ ହୋଇ ଯାଉଛି — ଅନେକ ବୁଝେଇବା ପରେ କେବଳ ମାତ୍ର ତା'ର ଏଇ ବୁଢ଼ା ବାପଟିର ଅଂତରରେ ଆଘାତ ନଦେବାକୁ ରାଜି ହୋଇଛି ସେ ।··· ଭଗବାନ ତାର ମଙ୍ଗଳକରନ୍ତୁ···" ଏମିତି କେତେ କ'ଣ ଲେଖିଥିଲେ ହରମୋହନ ।

ଶୁଭ କାମନାର ଦୁଇବିଂଦୁ ଲୁହ ଝରି ଆସିଥିଲି ସୁବୋଧ ଆଖିରୁ ସେଇ ଚିଠିପାଇ । ଜୀବନର ସମସ୍ତ ଦୁଃଖ,ସକଳବେଦନ କୁ ସେ ଭୁଲି ଯାଇଥିଲି କେବଳ ମାତ୍ର ଗୋଟାଏ ସୁଖରେ···କାଂତା ସୁଖୀ ଅଛି ଯଥେଷ୍ଟ ସୁଖ ସେଥିରେ ତା'ର······

ତା' ପରେ କେତେ ରୁପ ବଦଳି ଗଲାଣି । କେତେ ରୂପରେ ପରିବର୍ତ୍ତନ ହୋଇଗଲାଣି ସଂସାର··· କାଂତାର ବିବାହ ପରେ

ପରେ ସଂସାରରୁ ବିଦାୟ ନେଇଛନ୍ତି ହରମୋହନ ବାବୁ···କାଂତା ନୂତନ ନୀଡ ନିର୍ମାଣ କରି ସୁଖରେ ଅଛି ନିଶ୍ଚୟ··· ଜୀବନଟାରେ କୌଣସି ପରିବର୍ତ୍ତନ କିନ୍ତୁ ଏ ପର୍ଯ୍ୟନ୍ତ ଆଣି ପାରି ନାହିଁ ସୁବୋଧ ଯାହା ସେ ଥିଲା ଆଜି ବି ସେଇଆଇଁ ଅଛି ··· ଏମ୍.ଏ ପ୍ରଥମ ଶ୍ରେଣୀରେ ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରି ପାଶ୍ କଲା ସୁବୋଧ-ବର୍ତ୍ତମାନ ଅଧ୍ୟାପକ । ଅଧ୍ୟୟନ ଓ ଅଧ୍ୟାପନାରେ ଜୀବନ ସର୍ବଦା କାର୍ଯ୍ୟବ୍ୟସ୍ତ ।··· ଜୀବନର ପ୍ରତ୍ୟେକ ସଫଳ ଅସଫଳ ମୁହୂର୍ତ୍ତରେ ଅନୁଭବ କରିଛି ସେ, ସତେ ଯେପରି ତାର ହୃଦୟ ତଳେ ସଜୀବ ରହିଛି କାଂତା···କାଂତାର ସୁନ୍ଦର କମନୀୟ ମୁହଁଟି-ତାର ଆଖିଆଗରେ ଭାସିଉଠୁଛି ଅନେକ ବାର । ମାତ୍ର ତାକୁ ଧରି ରଖିବା ପୂର୍ବରୁ ସତରେ ଯେପରି ଆଖିଲୁହରେ ଧୋଇ ହୋଇଯାଉଛି ସେଇଛବି ତାର ସେଇ ସ୍ମୃତିଟିକୁ କରି ତ ତାର ଏକମାତ୍ର ଜୀବନର ସମ୍ବଳ । ଏକ ମାତ୍ର ଆନନ୍ଦ···ତେଣୁ ଜୀବନରେ ଅନ୍ୟ କାହାକୁ ନିଜର କରିବାର ଇଚ୍ଛାକରି ନାହିଁ ସୁବୋଧ ଫଳତଃ ବିବାହ କରିନାହିଁ —ମନସ୍ଥ କରିଛି ଅବିବାହିତ ରହିବ ସାରା ଜୀବନ ।

ଆଜି କାଂତା କଥା ବେଶୀ ମନେ ପଡୁଛି । ସୁବୋଧର··· ଆଜି କେତେ ଖୁସି ହୁଅଂତା ନାଇଁ କାଂତା ତା'ର ପାଖରେ ଥିଲେ × ମନେ ପଡୁଛି ସୁବୋଧର·· କାଂତା ସେଦିନ ହସି ହସି କହୁଥିଲା···" କାଲି ମୁଁ ଏକ ବିଚିତ୍ର ସ୍ୱପ୍ନ ଦେଖିଛି ।" ସାମାନ୍ୟ ନୀରବତା ପରେ ହସର ଢେଉ ଖେଳାଇ ପୁଣି କହୁଥିଲା--ବାସ୍ତବିକ୍ ଏକ ବିଚିତ୍ର ସ୍ୱପ୍ନ···କାହିଁକି ?"

ସୁବୋଧ କହୁଥିଲା··· "ମୁଁ କଣ ମନାକଲି···।"

"ମନା କଲେ ନାଇଁ ମୋ··· କହିବାକୁ କହିଲେ କି କେତେବେଳେ···?"···ଦୁଷ୍ଟାମୀର ହସ ହସି କହୁଥିଲା କାଂତା···

……ଅତୀତର ସ୍ମୃତି ଭୁଲିଯିବାର ଲକ୍ଷ ପ୍ରୟାସରେ ମଧ୍ୟ କେତେ ସଜୀବ ରହୁ ନାହିଁ ଅଂତର ତଳେ…ସେ ଅନୁଭବ କରୁଥିଲା ଆଜି ବି ସତେ ଯେପରି କାଂତା ତା'ର ପାଖରେ ବସି ପଡି ହସି ହସି କହୁଥିଲା—

"ଶୁଣିବା ପରେ କଣ ଦେବେ କହନ୍ତୁ ତ ?"

ଗଭୀର ଆତ୍ମ ତୃପ୍ତି ପାଉଥିଲା ସେତେବେଳେ ସୁବୋଧ—ମୁଗ୍ଧ ହୋଇ କହୁଥିଲା—"କିଛି ଗୋଟାଏ ଦେବା ନିଶ୍ଚୟ ।"

ଅତି ସରଳ କଣ୍ଠରେ କାନ୍ତା କହୁଥିଲା—"ଗତକାଲି ମୁଁ ଏକ ସପନଦେଖିଲି…ଦେଖିଲି…ଆପଣ ସାହିତ୍ୟଏକାଡେମୀରେପୁରସ୍କାର ପାଉଛନ୍ତି— ।"

"ସପନ କେତେ ବେଳେ ସତ ହୁଏ ନାହିଁ କାନ୍ତା ।"

"ନିଶ୍ଚୟ ହେବ……ଆପଣଙ୍କର ସାଧନାର ସିଦ୍ଧି ନିଶ୍ଚୟ ରହିଛି ।…" ଦୃଢ଼ ଗଳାରେ କହୁଥିଲା କାନ୍ତା—

"କିନ୍ତୁ ମୋ ଜୀବନରେ ସାଧନାହିଁ ଚରମ କାମ୍ୟ ସିଦ୍ଧି ନୁହେଁ ।"

…ମାଣବସା ଗୁରୁବାର ଗୁଲିଗଲା କିନ୍ତୁ ଘରେ ଘରେ ଶତାରହିଗଲା…ସୁବୋଧର ପ୍ରାଣ ତଳେ କାନ୍ତା ସ୍ମୃତି ଜର୍ଜରିତ ହୋଇ ରହିଛି…ସୁବୋଧ ଭାବୁଛି…କେତେ ଖୁସୀ ହୁଅନ୍ତା ! ନାହିଁ ସତରେ କାନ୍ତା…ଆଜି ତାର ପ୍ରିୟତମ ସୁବୋଧ ସାହିତ୍ୟ ଏକାଡେମୀ ପୁରସ୍କାର ପାଉଛି…ଓ ତାର ସ୍ମୃତି ଜର୍ଜରିତ କେତୋଟି କବିତାର ଏ ସଫଳତା ଦେଇଛି ତାକୁ…ସେଜିଟୋରିୟାମ୍ର ବ୍ୟାକୁଳ ମୁହୂର୍ତ୍ତି ଗୁଡ଼ିକରେ ଏଇ କବିତା ଗୁଡ଼ିକର ଜନ୍ମ…ଲୋତକ ମୁକ୍ତା ମାଳା ମଣ୍ଡିତ ଏଇ କବିତା ଗୁଡ଼ିକ…ପ୍ରାଣଠୁ ବଳି ପ୍ରିୟ ହୋଇ ଉଠିଛି ସୁବୋଧର ଜୀବନରେ…ଯେହେତୁ ସେଗୁଡ଼ିକ ପ୍ରିୟାର ବିରହ ବ୍ୟଥାର ମୂକ ସାକ୍ଷୀ…

ସତେ ଯେମିତି ତା'ର ହୃଦୟ ତଳେ ଲୁଚିରହି କହୁଥିଲା କାନ୍ତା···ମୁଁ ଖୁସୀ ହେଉଛି···ସୁଖୀ ହେଉଛି ତମର ଏ ସଫଳତାରେ ମୁଁ ବିବାହିତା ସିନା, ଆତ୍ମା ମୋର ଚିରକୁମାରୀ ସୁବୋଧ······ ସେ ତମର ଅନ୍ୟ କାହାରି ହେଲେ ହୋଇ ପାରିବ ନାହିଁ।·····"

ସୁବୋଧ ଅନୁଭବ କରୁଥିଲା···ସତେକିରେ ଯେମିତି କାନ୍ତା ତା'ରି ପାଖରେ ବସି ରହି ଏସବୁ କହୁଛି···କାହିଁ ଏକ ଅପୂର୍ବ ମହକରେ ସତେ ଯେପରି ମହକି ଉଠୁଥିଲା ସମସ୍ତ ପରିବେଶ।··· ସତେ ଯେପରି ଝରଝର ବାଜି ଉଠୁଥିଲା କାନ୍ତା ପାଦର ନୂପୁର ଉଜ୍ଜ୍ୱଳି ଉଠୁଥିଲା ଧୂସର ଚେତନା——

ସୁବୋଧ ପାଗଳ ପରି ଚିତ୍କାର କରୁଥିଲା···"କାନ୍ତା" ବସ୍ ଚୁପ···ଅବଚେତନ ମନର ଏ ଏକ ବିକୃତି କେବଳ।

ସୁବୋଧଙ୍କୁ ଏହି ଫେବୃୟାରୀ ମାସ ତୃତୀୟ ସପ୍ତାହରେ ଦିଲ୍ଲୀ ଯିବାକୁ ହେବ——ସାହିତ୍ୟ ଏକାଡେମୀ ପୁରସ୍କାର ଉତ୍ସବରେ ଯୋଗ ଦେବାକୁ। କାନ୍ତାଜାଣିବ ନିଶ୍ଚୟ ତା'ର ଏ ସଫଳତା··· ଯାଉ ଯାଉ ଶେଷ ଥରେ କାନ୍ତାକୁ ଦେଖିବାର ଏକ ଉଦ୍ଦାମ ଅଭିଳାଷ ଜାଗୁଥିଲା ସୁବୋଧ ମନରେ·····

× × ×

କେତେ ପରିଚିତ ଅପରିଚିତ ମୁହଁ, କେତେ ଜଣା ଅଜଣା ହୃଦୟର ମଣିଷଙ୍କୁ ନେଇ ଚାଲିଛି ଏଇ ଟ୍ରେନ୍। ଦିଲ୍ଲୀ ଅନେକ ଦୂରରେ ଏବେ ମଧ୍ୟ——ସଞ୍ଜ ସାଢ଼େ ପାଞ୍ଚ ଦିଲ୍ଲୀରେ ପହଞ୍ଚିବ ସୁବୋଧ।

କେତେ ନୂଆ ମଣିଷ କେତେ ଚଞ୍ଚଳ ନିଜର ହୋଇ ଯାଆନ୍ତି। କେତେ ଚଞ୍ଚଳ ଅପ୍ରତ୍ୟାଶିତ ଭାବରେ ମଣିଷକୁ ମଣିଷ ନିଜର କରିପକାଏ ମୁହୂର୍ତ୍ତରେ·····

ତାଙ୍କ ପାଖ ସିଟରେ ବସିଥିଲେ ଜଣେ ଭଦ୍ର ଲୋକ— ବେଶ ସୁନ୍ଦର ବେଶ ଭୂଷା—ତାଙ୍କ ବୟସର ହେବ…ସଙ୍ଗରେ ଦୁଇ ବରଷର ଛୋଟ ଝିଅଟିଏ… ଅତି ଲୋଭନୀୟ ଦିଶୁଛି—

କୁଂଚୁ କୁଂଚୁ କଳାକଳା ବାଳ, ଢଳଢଳ ଦୁଇଟି ଆଖି— ହସ ହସ ମୁହଁଟି ତା'ର—ଅପଲକ ଆଖିରେ ଅନେଇ ରହିଛି ସୁବୋଧକୁ ଅନେକ ବେଳୁ ! ତା' ପାଇଁ କାହିଁକି ଏକ ଅଜଣା ମାୟା ଜାଗୁଥିଲା ସୁବୋଧ ମନରେ କାହିଁକି ଏକ ଅଜଣା ମମତା ହୃଦୟରେ ଜାଗୁଛି ତା'ପାଇଁ ମନେ ହେଉଛି ସତେ ଯେମିତି ଏଇ ଝିଅଟି ତା'ର ଅନ୍ତରର ଆତ୍ମୀୟ —ଲକ୍ଷଯୁଗର ପରିଚିତ ।

ଭାବ ପ୍ରବଣତାର ବଶବର୍ତ୍ତୀ ହୋଇ ସୁବୋଧ ହାତ ବଢ଼ାଇ ଥିଲା ଝିଅକୁ । ସ୍ନେହ ପୂର୍ଣ୍ଣ ଗଳାରେ କହୁଥିଲା……

"ଆ ରେଝୀ !"………ଭଦ୍ରଲୋକ ଜଣକ ଏ ଧରଣର ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇ ନାହାଁନ୍ତି ଏମିତି ଅନେକ ଥର ଅନେକ ଲୋକ ଝିଅଟିକୁ ପାଖକୁ ଡାକିଛନ୍ତି……କିନ୍ତୁ ଆଶ୍ଚର୍ଯ୍ୟ ହେଉଥିଲେ ଯେତେବେଳେ ଝିଅଟି ସୁବୋଧ କୋଳକୁ ଲହଁସି ଆସୁଥିଲା……… ସତେ ଯିମିତି ସୁବୋଧ କୋଳରେ ବସି ରହି ପାଉଥିବା ଆନନ୍ଦ ପାଉଥିଲା ସେ ଭଦ୍ର ଲୋକଟି ଆରମ୍ଭ କଲେ—

"ତାଜୁବ୍ ନେହି ୟେ କିସିକେ ଭୁଲନେ ପର ଜାତି ନହିଁ"

ସୁବୋଧ ହସୁଥିଲା……ଅନେକ ବେଳ ପର୍ଯ୍ୟନ୍ତ ସୁବୋଧ କୋଳରେ ଥିଲା ଝିଅଟି………ନୀରବ ଥିଲେ ଉଭୟେ । କିନ୍ତୁ ସମୟ ପରେ ନୀରବତା ଭଙ୍ଗ କରି ଭଦ୍ରବ୍ୟକ୍ତି କହୁଥିଲେ—

"କାହାଁତକ ଯାଏଁଙ୍ଗେ ଆପ୍ ?"

"ଦିଲ୍ଲୀ"—ସଂକ୍ଷିପ୍ତ ଉତ୍ତର ଦେଲା ସୁବୋଧ ।

“କ୍ୟା କାମ୍ ହେ ଭହ୍ୱା ଅପକା ।”—

“ଜୀହାଁ — ବୈସେ ହୀ ଦୋ ଏକ ଦନକା”......ଭଦ୍ରଲୋକ ନୀରବ ଥିଲେ—ସୁବୋଧ କହୁ ଥିଲା—“ସାହିତ୍ୟ ଏକାଡେମୀ କେ ପୁରସ୍କାର ଉତ୍ସବ କେ ଲିଏ ଯା ରହାହୁଁ - ମେରୀ ଏକ କବିତା ପୁସ୍ତକ କୋ ଇସ ବର୍ଷ ପୁରସ୍କାର ମିଲା ହୈ ।”

“କୌନସୀ ପୁସ୍ତକ...... ?” ଭଦ୍ରଲୋକ ପଚାରିଲେ ।

ଧୀର ଗଳାରେ ସୁବୋଧ କହିଲା--“କାନ୍ତା”—ମେରା ଓଡ଼ିଆ କବିତା ଓଁ କା ସଂକଲନ୍ ?......

କିଛି ସମୟ ପାଇଁ ବିଚଳିତ ହେଉଥିଲେ ଭଦ୍ରଲୋକ ଜଣକ ସୁବୋଧକୁ ଆଶ୍ଚର୍ଯ୍ୟ କରି ସେ କହୁଥିଲେ--ଆପଣ ଓଡ଼ିଆ ?”...

କ୍ଷମାକରନ୍ତୁ । ମୋର ଧାରଣା ନଥିଲା ଯେଆପଣ ଓଡ଼ିଆ ଜାଣିଥିବେ ।

ମୋର ଘରଇ ଓଡ଼ିଶାରେ -- ଦିଲ୍ଲୀରେ ଅନେକ ଦିନରୁ ରହୁଛନ୍ତି । ”.........

ଦିଲ୍ଲୀ ପାଖେଇ ଅସୁଥିଲା ......ଅନେକ ସମୟର ଏଣୁ ତେଣୁ ବାର୍ତ୍ତାଳାପ ପରେ ଭଦ୍ରଲୋକ ଜଣକ ପଚାରୁଥିଲେ--ଦିଲ୍ଲୀରେ ଆପଣ ରହିବେ କେଉଁଠି ?......

ସାମାନ୍ୟ ଅପ୍ରସ୍ତୁତ ହେଉଥିଲା ସୁବୋଧ ......ସାମାନ୍ୟ ନୀରବରହି କହୁଥିଲା --ନା ’ ବର୍ତ୍ତମାନ ପର୍ଯ୍ୟନ୍ତ କିଛି ସ୍ଥିର କରିନାହିଁ । ଦିଲ୍ଲୀ ଏଇ ପ୍ରଥମ ଥର ପାଇଁ ଯାଉଛି ସତ ହେଲେ କିଛି ଅସୁବିଧା ହେବ ନାହିଁ -- ଅସଂଖ୍ୟ ହୋଟେଲ ରହିଛି ।

ବିଜଡ଼ିତ ଗଳାରେ ଭଦ୍ର ଲୋକ ଜଣକ କହୁଥିଲେ......କିଛି ମନେ କରିବେ ନାହିଁ ଯଦି......ମାନେ ମୋର ଘର ଅଛି ସେଇଠି । ଅତିଥି ହେଲେ..................ତେ ମୋର ପରମ ସୌଭାଗ୍ୟ ।”

ନିଜ [illegible] ଏତେ କଷ୍ଟ ସ୍ୱୀକାର କରବେ

"ଦେଖନ୍ତୁ ମୋ ଘରେ କେହି ନାହିଁ--କେବଳ ମାତ୍ର ଏଇ ଝିଅଟି······ତାହାର ପାଖରେ ଛାଡ଼ି ଆସିବା ବି ସମ୍ଭବ ନୁହଁ, ଜଣେ ବନ୍ଧୁଙ୍କର ନିମନ୍ତ୍ରଣ କମେ ଝିଅଟିକୁ ସଙ୍ଗରେ ଆଣିବାକୁ ବାଧ ହୋଇଛୁ । ଏଣୁ ଏ ନିଃସଙ୍ଗ ଜୀବନରେ ଦୁଇ ଖଣ୍ଡ ଦିନ ହେଲେ ନା କାହିଁକି ଆପଣଙ୍କର ଉପସ୍ଥିତ ମୋତେ ଯଥେଷ୍ଟ ଆନନ୍ଦ ଦେବ ।"

ଏଇ ଅନ୍ତରଙ୍ଗତା ଭରା ସରଳ ବ୍ୟବହାର, ମମତା ପୂର୍ଣ୍ଣ ଅନୁରୋଧ ଏଡ଼ି ଦେବା ସୁବୋଧ ପକ୍ଷରେ ଅସମ୍ଭବ ହୋଇ ପଡ଼ିଲା ଯେମିତି·········

× × ×

ସୁନ୍ଦର ଘରଟିଏ······ଗୃହ ପାଖରେ ସୁନ୍ଦର ବଗିଚା··· ଅତି ମନୋରମ ପରିପାଟିରେ ନିର୍ମିତ । ···ସଂଧ୍ୟା ନଇଁ ଆସୁଛି··· ତାପାଇଁ ଉଦ୍ଦିଷ୍ଟ କୋଠରୀଟିରେ ଅଳସ ଭାଙ୍ଗୁଛି ସୁବୋଧ······ ପାଖରେ ଗ୍ଲେଟ ଝିଅଟି ଖେଳୁଛି······ବନ୍ଧୁ ସାମାନ୍ୟ ଜଳଯୋଗର ବ୍ୟବସ୍ଥା ପାଇଁ ଯାଇଛନ୍ତି ଭିତରକୁ······

ଅତି ଚମତ୍କାର ଭାବରେ ସଜ୍ଜିତ କୋଠରୀଟି······ସୁନ୍ଦର ଚିତ୍ରରେ ରଂଜିତ ତା'ର ସାରା ତନୁ·········ଗୋଟି ଗୋଟି କରି ଦେଖିବାରେ ଲୋଭ ହେଉଥିଲା ସୁବୋଧର । ଝିଅଟିକୁ ଧରି ଗୋଟି ଗୋଟି କରି ଛବି ଦେଖୁଥିଲା ସୁବୋଧ·········ହଠାତ୍ ଗୋଟିଏ ଯାଗାରେ ଅଟକି ଗଲା ସେ·····ସ୍ଥିର ହୋଇ ଗଲା ତା'ର ଆଖିର ଡୋଳା··· ···ନିଶ୍ଚଳ ଭାବରେ ସେଇଠି ଠିଆ ହୋଇ ରହିଲା ସୁବୋଧ······ଜଡ଼ପ୍ରାୟ । ସତରେ ଯେପରି ସେ ହଠାତ୍ ତା'ର ସମସ୍ତ ଚେତନା ହରେଇ ବସିଛି । -

ଏଯେ ତା'ର ହାତ ଅଂକା ଛବି·······ଅଙ୍କିତ ନୁହେଁ । କାନ୍ତାର ପ୍ରତିକୃତି ।···ସମସ୍ତ ପରିବେଶ ଭୁଲି ଯାଇଁ ଉଚ୍ଚ ହୋଇ କାନ୍ଦି ଉଠିଲା ସୁବୋଧ···ତେବେ କାନ୍ତା ! ······ କାନ୍ତା କଣ ନାହିଁ ? କଣ ହେଲା କାନ୍ତାର·····ବିକଳ ହୋଇ ଉଠୁଥିଲା ସୁବୋଧ ପ୍ରାଣ······କେତେ କେତେ କଣ ଦୁଶ୍ଚିନ୍ତା ପଶୁଥିଲା ମନରେ······

ଘର ଭିତରକୁ କିଛି ସମୟ ପରେ ପଶି ଆସୁଥିଲେ ବନ୍ଧୁ ଜଣକ········"ପଛରେ ପ୍ରାୟ ଚାଳିଶ ବରଷର ଏକ ନାରୀର ପ୍ରତିମା······

"କଣ କରୁଛନ୍ତି ସେଇଠି ?"

"ସତରେ ଯେପରି ଚେତନା ପାଇଲା ସୁବୋଧ······ପଛକୁ ଅନାଇ ଦେଖିବା ସଙ୍ଗେ ସଙ୍ଗେ ତା'ର ଆଖି ପଡ଼ୁଥିଲା ସେଇ ନାରୀଟି ଉପରେ·····ଠିକ ଚିହ୍ନି ପାରୁଥିଲା ସୁବୋଧ······ଚିତ୍କାର କରୁଥିଲା·····"ମାଳ !" ସେ ପଚାରୁ ଥିଲା—"ଆପଣ ସନ୍ଦୀପ୍ ଭା !"

ସନ୍ଦୀପ୍‌ର ଅନୁମାନ ସତ୍ୟ । ସୁବୋଧ ପରିଚୟ ପାଇ ସୁଦ୍ଧା ଆପଣାର ପରିଚୟ ଦେଇ ନଥିଲା······ମାଳତୀ ରହି ପାରିଲା ନାହିଁ ସେଇଠି । ଜଳଖିଆ ଟେବୁଲ୍ ଉପରେ ଚଂଚଳ ପଦରେ ଥୋଇ ଦେଇ ଚାଲି ଗଲା ଅନ୍ୟ କୋଠରୀକୁ······

ମୁଁ ଆପଣଙ୍କ ବିଷୟରେ ସବୁ କିଛି ଶୁଣିଛି । ଦମ୍ପତି ଜୀବନରେ ପ୍ରିୟତମା ପତ୍ନୀର ଆଦର୍ଶ ଥିଲା କାନ୍ତା । କେଡ଼େ ବିରାଟ ଭୁଲ କରି ନାହାନ୍ତି ଆପଣ ! କାନ୍ତାକୁ ବିବାହ ନକରି ବିରାଟ ଭୁଲ କରିଛନ୍ତି······ଅନେକ ଡ଼େରିରେ ଏସବୁର ରହସ୍ୟ ମାଳ ଠାରୁ ଜାଣି ଥିଲା କାନ୍ତା···ମୁଁ ବି ଶୁଣିଛି ସବୁ କିଛି ।

ନିଜର ହୋଇ ସବୁ ଶୁଣୁଥିଲା ସୁବୋଧ···ଥର ଥର ହୋଇ ଝୁଁଝି ଆସୁଥିଲା ଲୁହ···ଏଇ ଝିଅଟିର ଜନ୍ମ ବେଳେ ଏ ସଂସାରର ସବୁ ବନ୍ଧନ ତୁଟେଇ ଚାଲି ଯାଇଛି କାନ୍ତା·· ······

ଆପଣଙ୍କୁ ଅନେକ ଥର ନିମନ୍ତ୍ରଣ କରିବାକୁ ଆମ ମନରେ ଅଭିଳାଷ ଜାଗିଥିଲା···କାନ୍ତାର ଥିବା ବେଳେ ଏ ଅଭିଳାଷ ପୂରଣ ହୋଇ ପାରିଲାନାହିଁ···ଆପଣ ମୋର ପ୍ରିୟତମ, ଯେ ହେତୁ ମୋର ପ୍ରିୟତମାର ପ୍ରିୟତମ ଆପଣ···କହି ପାରୁ ନଥିଲା ସନ୍ଦୀପ········ ସେ ବି କାନ୍ଦି ପକାଉଥିଲା······

ସୁବୋଧ ଲୁଚୁଥିଲା ହୃଦୟ ଦେଇ କାନ୍ଦିବାକୁ ଭୁଲିନି ଅଶ୍ରୁ ଏ ସଂସାରରେ ରହିଯିବେ ବୋଲି ଭାବି ପାରିଲା ନାହିଁ କାନ୍ତା···

× × × ×

ତ୍ରୁଷାର ଦୁଇଟି ନିର୍ମଳ ପ୍ରଦୀପ ସେଦିନ କାନ୍ତାର କବର ଉପରେ ଜଳି ଉଠିଥିଲା············ଚିରଦିନ ଜଳୁଥିବ ସେଥିରେ ଅଙ୍କିବେ ଦୁଇଟି ପ୍ରେମକାହାଣି ଅଶ୍ରୁ ।

—○—

କଳ୍ପକୁଟୀର ବାଲିଙ୍ଗ

ଆରମ୍ଭ -୨୪-୯-୫୯

ଶେଷ-- ୧୨.୧୦.୫୯

---

Editor—B. C. Das.
Printed & published by Mahendra Kumar Behera
at Nababharat Press, Cuttack—2